

# ଅପବାଦ

ଶ୍ରୀ ଗୋପୀନାଥ ବେହେରା

ଲେଖିଛନ୍ତି :—

**ଶ୍ରୀ ଗୋପୀନାଥ ବେହେରା**

ପ୍ରକାଶ କରିଛନ୍ତି—

**ଶ୍ରୀ ଭିକାରୀ ଚରଣ ଧଳ**

ପ୍ରେମଚନ୍ଦ ବରାଲ ଷ୍ଟ୍ରୀଟ୍

କଲିକତା—୧୨

ପ୍ରାପ୍ତି ସ୍ଥାନ—

**ଶ୍ରୀ ମହାଲକ୍ଷ୍ମୀ ଭଣ୍ଡାର**

୩, ପ୍ରେମଚନ୍ଦ ବରାଲ ଷ୍ଟ୍ରୀଟ୍

କଲିକତା—୧୨

ମୁଦ୍ରଣ—

**ମହାଲକ୍ଷ୍ମୀ ପ୍ରେସ**

୪, ଗୋବିନ୍ଦ ସେନ୍ ଲେନ,

କଲିକତା—୧୨

**ଆଦ୍ୟ ପ୍ରକାଶ—**

ମଇ, ୧୯୫୪

ଦ୍ୱିତୀୟ ସଂସ୍କରଣ

୧୦୦୦

**ମୂଲ୍ୟ—ଏକ ଟଙ୍କା ଆଠଅଣା**

ଏହି ଲେଖକଙ୍କର ପ୍ରକାଶିତ ପୁସ୍ତକାବଳୀ

ପଛକଥା ଭୁଲି ହୁଏନା

ଭାଇ-ଭଉଜ

ଗରିବ ଝିଅ

ପଲ୍ଲୀ ପ୍ରଭାତୀ

ଏହି ଲେଖକଙ୍କର ଅପ୍ରକାଶିତ ପୁସ୍ତକାବଳୀ

ଦ୍ୱନ୍ଦ

ସ୍ୱାମୀ

ମୁଖରା ସ୍ତ୍ରୀ

ହାଟୁଆ ଝିଅ

ସ୍ୱପ୍ନ କଳିକା

କଳ୍ପିତା

ପିତୃଦେବଙ୍କ ପୁଣ୍ୟ ସ୍ମୃତି ଉଦ୍ଦେଶ୍ୟରେ......

—ଏକ—

ନିର୍ନିମେଷ ନୟନରେ ରତ୍ନା ଚାହିଁ ରହିଛି ଆକାଶକୁ । ଭାବନାଭାର ଅସୀମ । ଆଖିରୁ ଧାରଶ୍ରାବଣ ପରି ବହି ଯାଉଛି ଧାରଧାର ଅଶ୍ରୁ । କାଲି ଏ ଗାଁ ଛାଡ଼ି ଚାଲିଯିବାକୁ ହେବ । ସତେ କ'ଣ ଜମିଦାର ତାଙ୍କର ବସୁବାସ ଉଠେଇ ନେବେ । କି ଦୁର୍ଯୋଗ ! ହାୟରେ ଭଗବାନ ।

ଆକାଶରେ ତୋଫା ଜହ୍ନ ପଡ଼ିଛି । ସାରା ଦୁନିଆଟା ହସି ଉଠୁଛି । ସେ ହସ ଭିତରେ ରତ୍ନା ଦେଖିପାରୁଛି ଯେପରି ତାକୁ କେହି ଥଟ୍ଟା ଏବଂ ପରିହାସ କରୁଛନ୍ତି । ଗରିବଘରେ ଜୋର ସୁଖନାହିଁ ଲୋ ସୁଖନାହିଁ-ସାରା ଜୀବନଟା ଏଇ ଦୁର୍ଯୋଗ ଭିତର ଦେଇ ଗଲା ।

କି ହଟହଟାରେ ସେଦିନ ରାତିଟା ପାହିଥିଲା । ଏମିତି କେତେ ବା ଦିନ ଯାଇନି । ନଇତି କେତେଥର ଗୋହିରୀ ବାଟଦେଇ ନଇରୁ ପାଣି ଅଣିଛି ସେ । କିନ୍ତୁ ଏପରି ହଟ ହଟାରେ ସେ କେବେଭି ପଡ଼ି ନ ଥିଲା ।

ମୁହଁ ସଞ୍ଜ ହେବ । ତର ତର କରି ପାଣି ମାଠିଆଟା କାଖରେ ଥୋଇ, ରତ୍ନା ସିଧା ସଳଖ ଛୁଟିଛି ଘର ଆଡ଼େ । କେଉଁ ଆଡ଼କୁ ତା'ର.ଲକ୍ଷ୍ୟନାହିଁ । ପଛରୁ କିଏ ଜଣେ ଡାକି ଦେଲା ତା'ର ନା ଧରି । ରତ୍ନା ଚମକି ପଡ଼ି ଚାହିଁଦେଲା ପଛକୁ ଜମିଦାରଙ୍କ ପୁଅ କୁନବାବୁ ।
ମୁହଁ ତାର ନଇଁ ଆସିଲା ଲାଜରେ ।

ଏତେବେଳଟାରେ କୁନବାବୁ କେଉଁଆଡେ ଧାଇଥିଲେ କିଜାଣି ରତନୀର ଉଚ୍ଛୁଳା ଯୌବନରେ ଆଖି ତାଙ୍କର ଲାଖିଗଲା। କେଡ଼େ ସୁନ୍ଦର ଚେହେରା ତା'ର। ଗରିବ ଘର ଝିଅ ରତନା। ସେ ବା କାହିଁକି ଜମିଦାର ପୁଅ କୁନବାବୁଙ୍କ କଥାରେ କାନଦେବ।

ରତନା ଆପଣା ବାଟରେ ଚାଲି ଆସିଲା।

ପୁଣି ପଛରୁ ଡ଼ାକିଲେ କୁନବାବୁ।

ରତନୀର ପାଦ ଅଟକି ପଡ଼ିଲା, ଦେହ ତା'ର କମ୍ପିତିକା ହୋଇଗଲା। ଗୋଟାପଣେ ସେ କାଠ ପାଲଟି ଗଲା। ଚାରିଦିଗ ତାକୁ ଅନ୍ଧକାର ଦେଖାଗଲା। କୁନବାବୁ ରତନୀ ପାଖରେ ପହଞ୍ଚିଗଲେ। କଅଁଳ ମିଶା ସ୍ୱରରେ କହିଲେ, "ରତନୀ ! ଚାଲି ଯାଉଛୁ ଯେ ଟିକେ କ'ଣ ମୋ କଥା କାନରେ ତୋର ବାଜୁନ।" ନାଇଁ ତୋ'ରି ପାଇଁ ମୁଁ ଏଇ ନଈ ଧାରକୁ ଆସେ। ନାଇଁ ତୋର ଉଚ୍ଛୁଳା ଯୌବନକୁ ଦେଖି ମୁଗ୍ଧ ହୁଏ। ଏଣୁ ଦେଖା ତୁହାଁ ଭିତରେ ମନଟା ଶାନ୍ତି ପାଇଲା ନାହିଁ। ଶାନ୍ତି ବା ଆସିବ କିମିତି ? ରତନୀ ! ହେ ତୁ କ'ଣ କାନ୍ଦୁଛୁ ? ଧେତ୍ ! ପାଗଲୀଟାଏ ନା କ'ଣ ? ମୁଁ କ'ଣ ବାଘ ଭାଲୁ ହୋଇଛି ଖାଇପିବି। ଡରୁଛୁ ଏପରି।

ରତନୀ କାଖରୁ ଭରି କଳସୀଟା ତଳେ ଖସି ପଡ଼ିଲା। ଅଙ୍ଗଲତା ତା'ର ଥରି ଉଠିଲା। ମୁଖରେ ମଳିନତାର ଛାୟା। କଣ' ବା ଉତ୍ତର ଦେବ।

—ଛି କୁନବାବୁ ! ଏସବୁ ଗୁଡ଼ା କ'ଣ ? ତମେ ବଡ଼ଲୋକ ଜମିଦାର ବାବୁଙ୍କ ପୁଅ।

—ଆଉ କିଛି କହି ପାରିଲାନି ରତନୀ ! ଆଖି ଦୁଇଟା ତା'ର ଥରେ କୁନବାବୁଙ୍କ ଉପରେ ଘୂରି ଆସିଲା ।

ସେହି ଦିନଠାରୁ ନିତି ରତନୀର କୁନବାବୁଙ୍କ ସହିତ ଭେଟ ହେଲା । ଦୁହେଁ ଆପଣା ଛୁଇଁ ଟାଣି ହୋଇ ଆସିଲେ ନିକଟକୁ । ଦୁହିଁଙ୍କର ସ୍ନେହ ନିବିଡ଼ରୁ ନିବିଡ଼ତର ହୋଇ ଆସିଲା ।

ଏହି ଭଲପାଇବା ଭିତରେ କେହି କାହାକୁ ଭୁଲେହେଲେ ଛାଡ଼ି ପାରିଲେନି । ଜଗତର କୋଳାହଳ ଭିତରେ ଦୁଇଟି ପ୍ରାଣ ସୁଖର ନୀଡ଼ ରଚନା କଲେ ।

ଦିନ ବିତି ଚାଲିଲା । ଶେଷରେ ଜମିଦାର ବାବୁଙ୍କ ଦୃଷ୍ଟିକୁ ଏସବୁ କଥା ଆସିଲା । ଏହି ମନ୍ଦ ପରିଣତି ପାଇଁ ଗାଁ ଛାଡ଼ି ଚାଲି ଯିବାକୁ ହେବ, କହିଲେ, ଜମିଦାର ବାବୁ ।

କାଲି ଗାଁ ଛାଡ଼ି ଚାଲିଯିବାକୁ ହେବ ବୋଲି ସେଇ ଚିନ୍ତାରେ ରତନୀ କେତେ କ'ଣ ଭାବି ଚାଲିଛି । ସପନା ଆସି ଦେଖିଲା, ରତନୀ ଅଗଣାରେ ବସି ଆକାଶକୁ ଚାହିଁଛି । ଆଖିରୁ ଧାର ଧାର ଲୁହ ଝରି ପଡ଼ୁଛି । ସପନା ଏସବୁର ଅର୍ଥ କିଛି ବୁଝି ପାରିଲାନି । ଏକମାତ୍ର ଅଲଅଲି ଝିଅଟି । ସୁଖରେ ଦୁଃଖରେ ସବୁବେଳେ ତାକୁ ସାହାଯ୍ୟ କରି ଆସିଛି । ମା' ଛେଉଣ୍ଡ ବେଳୁ ଦେଢ଼ବରଷରୁ ଏଇ ଝାଟିମାଟି କୁଡ଼ିଆରେ ତାକୁ ବଢ଼ାଇ କୁଢାଇ ଆଣିଛି ସେ । ତାର ଏପରି ଦୁଃଖରେ କିପରି ଦେହ ସହିବ ?

କଅଁଳ ଗଳାରେ ରତନୀର ପିଠି ଆଉଁସି ଦେଇ, ସପନା ଭୁନି କଲା ରତନୀକୁ । କହିଲା ଛି, ମାଆଟା ମୋର, କାନ୍ଦୁଛୁ କାହିଁକି ? କ'ଣ ଆମର ହୋଇଛି କି ? ଭୁନିହି । ମାଟି ପୂଜିଲେ କ'ଣ ଆମକୁ ମିଳିବ ନାହିଁ ? ଜମିଦାର ଯଦି ଏ ଗାଁରୁ ବାହାର କରିଦିଏ ।

## —ଦୁଇ—

ଜମିଦାର ବାବୁ ଦିବ୍ୟସିଂହ ମର୍ଦ୍ଦରାଜ ଚୌକିରେ ବସିଛନ୍ତି । ତାଙ୍କ ଡାହାଣ ପାଖକୁ ପିଆଦାଟେ ଛିଡ଼ା ହୋଇଛି । ଜମିଦାର ବାବୁ ପାନ ଡିବାରୁ ଖଣ୍ଡେ ପାନ ବାହାର କରି ପାଟିରେ ଜାକି, ପ୍ରଶ୍ନକଲେ—“ବଇଁଶୀ ! ସପନାକୁ କାଲି କହି ଆସିଥିଲୁ ତ ! ସେ ତୋତେ କ’ଣ କହିଲା ।”

ବଇଁଶୀ ଉତ୍ତର ଦେଲା—“ଆଜ୍ଞା ମୁଁ ତାକୁ କହି ଆସିଛି, ସେ ପୁଣି ଆଖି ଦେଖାଉଛି ନା—ତା’ର ଗୁମର ପୁଣି ଗୋଟାଏ; ଆଜ୍ଞା ଆପଣଙ୍କ ପାଇଁ ସବୁ ଯାଉଛି ନା, ନୋହିଲେ ତାକୁ ଥଣ୍ଡା କରି ଦିଅନ୍ତି” ।

—“ହଁ ଶୁଣୁ ବଇଁଶୀ ! ତୁ ପୁଣି ତାକୁ ଆଉଥରେ କହିଦେବୁ ଆ ଯେପରି ସେ କାଲିରେ ଏ ଗାଁ ଛାଡ଼ି ଅନ୍ୟ କେଉଁଠିକୁ ତା’ର ଝିଅକୁ ସଙ୍ଗରେ ଘେନି ଚାଲିଯିବ ।”

“ଆଜ୍ଞା. ଯାଉଛି କହି ବଇଁଶୀ ସିଧା ସଳଖ ଛୁଟିଲା ସପନା ଘରଆଡ଼େ” ।

ନିର୍ଜ୍ଜନ ଖରାବେଳ । ସପନା ବାହାରେ କ’ଣ କାମ କରୁଥାଏ । ରଜନୀ ଘର ଭିତରେ, କୁନବାବୁଙ୍କ ନଜର ଦୁଃଖ ହାଲ ବଖାଣୁଛି ।

ବଂଶୀର କୁଳବାବୁଙ୍କ ପ୍ରତି ଲକ୍ଷ୍ୟନାହିଁ । ସପନାକୁ ଦେଖି ନାଗସାପ ପରି ବଂଶୀ ଗର୍ଜି ଉଠିଲା ।

ସପନା ବଂଶୀକୁ ଦେଖି ଗୋଟାପଣେ ଶୁଖିଗଲା ।

ବଂଶୀ କହିଲା—"ଦେଖ ସପନା, ଜମିଦାର ବାବୁ କହୁଛନ୍ତି ତୁ ଯଦି କାଲିରେ ଏ ଗାଁ ଛାଡ଼ି ତୋ ଝିଅକୁ ସାଙ୍ଗରେ ନେଇ ନଯାଉ, ତାହାହେଲେ ତୋର ଆଉ ଅବସ୍ଥା ରହିବ ନାହିଁ । ଜାଣିଲୁ ଏ ବଡ଼ ଲୋକଙ୍କ କଥା, ଭଲ ରନ୍ତ ଅଗରୁ ବାଟ ଖୋଲା । ନୋହିଲେ ଏଇ ଠେଙ୍ଗାକୁ ଦେଖ୍ ତୋ ପିଠିରେ ଉଡ଼ାଇ ଦେବି ।

ବଂଶୀର ଗରମ ମେଜାଜ ଦେଖି କୁଳବାବୁ ଘରୁ ବାହାରି କହିଲେ—"କରେ ବଂଶୀଆ ! କ'ଣ ଭାରି ଗରମରେ କଥା କହୁଛୁ?"

ବଂଶୀ କୁଳବାବୁଙ୍କ ହଠାତ୍ ଦେଖି ଚମକି ପଡ଼ି କହିଲା—"ହଁ ସପନ ପାଖକୁ ସାଆନ୍ତେ ପଠାଇଛନ୍ତି ।"

"ସାଆନ୍ତେ ପଠାଇଛନ୍ତି ତ ହେଲା କ'ଣ ? ଏପରି ଉଚ୍ଛୃଙ୍ଖଳ କରି କହିବାଟା କଣ ଉଚିତ ହୋଇଛି" ?

ବଂଶୀ, ଦେଖ୍; ତତେ ସାବଧାନ କରିଦେଲି, ଏପରି ବ୍ୟବହାର ତୁ ଯଦି ଆଉ କେବେ କରୁ, ତୋର ଗାଲ ଉଡ଼ାଇ ଦେବି ।

ସାଆନ୍ତେ ପଠାଇଛନ୍ତି କାହିଁକି ? ସପନା କ'ଣ ଅପରାଧ କରିଛନ୍ତି ? ତାକୁ ଏ ଗାଁରୁ ଉଠାଇ ଦେବାପାଇଁ ଷଡ଼ଯନ୍ତ୍ର ଚାଲିଛି । ଅଚ୍ଛା ଦେଖିବି, କିଏ ସପନାକୁ ଏ ଗାଁରୁ ଉଠାଇ ଦେବ ? କା'ର ଏତେ ଶକ୍ତି ? ଯା—ମୋ ଆଗରୁ ଚାଲିଯା ।

ବଇଁଶୀ ଲୋକ ମୁହଁରେ ଲୁଣ ଦେଇପକା ଧୀରେ ଜମିଦାରଙ୍କ ଘର ଅଡ଼କୁ ଚାଲିଗଲା ।

ଜମିଦାର ବାବୁ ଗାଲରେ ହାତଦେଇ ନାଜର ଗତ ଭବିଷ୍ୟତ କେତେ କଣ ଭାବୁଛନ୍ତି । ଗତବର୍ଷ ଠାରୁ ଖଜଣା ପ୍ରଜାଙ୍କ ଠାରୁ ଗୋଟାଏ ପଇସା ଆଦାୟ ହୋଇନାହିଁ । ଏବର୍ଷ କେଉଁ ଜମି କେଉଁ ପ୍ରଜାକୁ ଦିଆଯିବ, କେଉଁ ପ୍ରଜାଠାରୁ କେଉଁ ଜମି ଛଡ଼େଇ ଆଣିବାକୁ ପଡ଼ିବ,ଖମାର ଘରୁ କେତେଧାନ ଏବର୍ଷ ପ୍ରଜାମାନଙ୍କୁ ବାଣ୍ଟି ଦିଆ ଯାଉଛି ? ନାଅଣ୍ଡିଆ ବେଳେ କିଏ କେତେ ଟଙ୍କା କରଜ ନେଇଥିଲା, ତା'ର ତମସୁକର ମିଆଦ ପୂରି ଗଲାଣି, ତାକୁ ବଦଳାଇବାକୁ ପଡ଼ିବ, ପୁଅ କୁନ ଜମି-ଦାରୀର କୌଣସି ଖବର ଅନ୍ତର ବୁଝିଲା ନାହିଁ, ଏ ସବୁ ଭାବ-ନାରେ ମଦ୍ଧ'ବାଜ ବାବୁ ବୁଡି ଯାଇଛନ୍ତି ।

ଏହି ସମୟରେ ବଇଁଶୀ ପହଞ୍ଚିଲା ।

ଜମିଦାର ବାବୁ ବଇଁଶୀକୁ ଦେଖି ପଚାରିଲେ, କିରେ ବଇଁଶୀ ? କ'ଣ ହେଲା ? ସପନାକୁ କହି ଆସିଲୁତ ?

ବଇଁଶୀ ମୁହଁ ଶୁଖାଇ କହିଲା—

"ଆଜ୍ଞା କ'ଣ କହିବି, ଆପଣା ସୁନାତ ଭେଣ୍ଡି—ପରକୁ ଦୋଷ ଦେବେ କ'ଣ ?"

ଆରେ କଥା କ'ଣ ଆଗେ କହ ।

ବଇଁଶୀ କହିଲା—ବାବୁ; ମୁଁ ସପନାକୁ ଗାଁ ଛାଡ଼ି ଚାଲି-ଯିବାକୁ କହିଲାରୁ, କୁନବାବୁ ତା' ଘର ଭିତରେ କେଉଁଠି ଥିଲେ, କେଜାଣି; ବାହାରି ପଡ଼ି ମୋତେ ରଙ୍ଗା ଆଖି ଦେଖାଇ

ଗୁଡ଼ାଏ ଗାଳି ଗୁଲଜ କଲେ । କହିଲେ—ଦେଖିବି ସପନାକୁ କିଏ ଏ ଗାଁରୁ ବାହାର କରିଦେବ ? ମୁଁ ଆଜ୍ଞା କଣ ଆଉ କହିବି ? ମଗଜ ମୋର ଗୁଡ଼ୁମ୍ ହୋଇଗଲା । ମୁଣ୍ଡ ତଳକୁ କରି ପଳାଇ ଆସିଲି ।

ଏକଥା ଶୁଣି ମର୍ଦ୍ଦରାଜ ବାବୁଙ୍କ ଦେହ ରାଗରେ ଜଳି ଉଠିଲା । ଥରି ଉଠିଲେ ସେ କ୍ଷଣକରେ । କହିଲେ; ଦେଖ୍ ତ ବଇଁଶୀ, ସେ କୁଳାଙ୍ଗାରର ବୁଦ୍ଧିକୁ ! କାହାର ପୁଅ ହୋଇ ସେ କେମିତି ଇତରଙ୍କ ପରି ଜଘନ୍ୟ କାମ କରୁଛି । ଦୁନିଆଁଟାରେ ମାନ ମହତ ସମସ୍ତ ସରିଲା । ତାକୁ ମୋ ପାଖକୁ ଡାକିଦେଲୁ । ଏଇକ୍ଷଣି ତାକୁ ମୁଁ ପଚାରେ ତାର ଉଦ୍ଦେଶ୍ୟଟା କଣ ?

—ତିନି—

ରତନା ଆଖିରୁ ଲୁହ ଝରି ପଡ଼ୁଛି । ବତିଲାର ଝିଅ ସେ । ସପନା ପରର ମୂଲ ଲାଗି ଗତର ଖଟେଇ ତାକୁ ଏତିକିରୁ ଏଡ଼ୁଟେ କରି ଆଣିଛି । ଦିନ ଆଉ ତାର ସମ୍ବଳ ନାହିଁ । ସପନା ଭୋ ଭୋ ଡକା ପକାଇଲା ।

କୁନବାବୁ ଦୁଇଟି ନିସହାୟଙ୍କର ଆଶୁ ବିପଦ ଦେଖି ସାନ୍ତ୍ୱନା ଦେଉଛନ୍ତି । ତୁମେ ଭୟ କରନା । ମୋରି ପାଇଁ ବିପଦ ଭୋଗିବାକୁ ପଡ଼ିବ, ଏହା କଦାପି କରାଇ ଦେବିନି । ଦେଖୁଚନ୍ତି ! ଆଜି ଯୁଗର ଗତି ଆସି କ'ଣ ହେଲାଣି । ଛୋଟ-ବଡ଼ ଧନୀ-ଦରିଦ୍ରର ଭେଦଭାବ କିଛି ରହିବ ନାହିଁ । ଧନ ସମ୍ପଦର ମୂଲ୍ୟ ଏ ଯୁଗରେ କିଛି ନୁହେଁ, ପାଣି ଫୋଟକା ପରି କେଉଁଆଡ଼େ ଉଭେଇ ଯିବ । ବାପାଙ୍କର ଏ ଯେଉଁ ଚକ୍ରାନ୍ତ, ମୁ ବେଶ୍ ଭାବରେ ବୁଝି ସାରିଲିଣି, ଏ ସବୁର ମୂଳ କାରଣ ବଇଁଶିଆ । ତା'ର ମଜାଟା ବୁଝିନେବି । ତୁମେ ବ୍ୟସ୍ତ ହୁଅନି ।

ଆଉ ଦେଖ, ତୁମକୁ ଏ ଗାଁ ଛାଡ଼ି କେଉଁଠାକୁ ଯିବାକୁ ପଡ଼ିବନି । ଯଦି ବାପା ପୁନରାୟ ବଇଶୀକୁ ପଠାନ୍ତି ମୁଁ ବାପାଙ୍କୁ ଏ ସବୁ କଥା ପାଇଁ ଖାଡ଼ା ଖାଡ଼ା ଜବାବ ଦେଇଦେବି । ଗରିବ ଅସହାୟ ଉପରେ ଅତ୍ୟାଚାର କଦାପି ମୁଁ ବରଦାସ୍ତ କରିବି ନାହିଁ ।

ସପନା ବୁକୁରେ ସାହସ ଖେଳିଗଲା । କାଲି ଦିନଟା ବାପ ଝିଅ ଦୁହେଁ ନିର୍ଜଳା ଉପବାସରେ କଟାଇ ଦେଇଛନ୍ତି । ଏଇ ସବୁ ଭାବନା ପେଟକୁ ଦାନା ଛାଡ଼ିଦେଇନି । ଗରିବମୁଣ୍ଡ ତାଙ୍କର ।

ସପନା ଅଥଳ ଦରିଆରେ କିନାରା ପାଇଲା ପରି ଗୋଟାଏ ସ୍ୱସ୍ତିର ନିଶ୍ୱାସ ପକାଇଲା । ହଉ, ଭଗବାନ ଭରସା କହି କୋଦାଳଟା କାନ୍ଧରେ ପକାଇ ସପନା ବିଲକୁ ଚାଲିଗଲା ।

କୁନବାବୁ ରଞ୍ଜନୀକୁ ପାଖକୁ ଡାକି ତାର ଶିକ୍ତ କେଶ କବରୀରେ ଅଙ୍ଗୁଳି ଚାଳନ କରି କହିଲେ—ରଞ୍ଜନୀ ! ନୀଳ ଆକାଶରେ ଚାନ୍ଦ ହସୁଥାଏ ସେଦିନ ପ୍ରଥମ ରଜନୀ । ତୋରି ପହିଲି ପରଶରେ ଜୀବନ ଧନ୍ୟ ହୋଇଥିଲା । ସେ କଥା ମନେ କ'ଣ ନାହିଁ ତୋର ? ଯେତେବେଳେ ତୋହରି ଦେହ ଅଉ ମନର ପରିବର୍ତ୍ତନ ଘଟିଲା, ତୁ ଆଉ ସେ ଆଗ ରଞ୍ଜନୀ ହୋଇ ରହିଲୁ ନାହିଁ । ଆଖି ଯୋଡ଼ିକ ତୋର ହୀରାପରି ଝଟକ ଦଶିଲା । ସେହି ଯୋଡ଼ିଏ ଆଖିର ଆକର୍ଷଣରେ ନିର୍ଜୀବ ପ୍ରାଣମଧ୍ୟ ସଜୀବ ହୋଇ ଉଠିଲା । କିଜାଣି ତୋତେ କାହିଁକି ଅତି ଆପଣାର କରିବାପାଇଁ, ମୁଁ ଖୋଜି ବୁଲିଲି ଉପାୟ । ତା ପର ସେହି ଦିନକାର ମଧୁର ସନ୍ଧ୍ୟା । ଚାରି ଚକ୍ଷୁର ମିଳନ ହୋଇଥିଲା ନଦୀ ଧାରର ସେହି ଆମ୍ବ ତୋଟାରେ ।

ତୁ କିନ୍ତୁ ବ୍ୟର୍ଥ ଆଉ ଅବସାଦରେ ଫେରାଇଦେଲୁ ସେଦିନ । ଧନୀ ଦାରିଦ୍ର୍ୟର ତାରତମ୍ୟ ଦେଖାଇ । ଶେଷରେ ମୋର ଅଟଳ ପ୍ରତିଜ୍ଞା ଦେଖି-ମୋର ଆକର୍ଷଣରେ ମୋହବତ୍ ଦେଖି ଚମକି ପଡ଼ିଲୁ, ଖୋଜି ବୁଲିଲୁ ତୋର ଆତ୍ମ ରକ୍ଷାର ପଥ । ମାତ୍ର ସବୁଚେଷ୍ଟା ମୋ ନିକଟରେ ତୋର ବିଫଳ ହେଲା । ସରଳ ତରଳ ହୃଦୟ ତୋର ଢାଳିଦେଲୁ ମୋରି ବକ୍ଷଉପରେ ।

ପ୍ରଶ୍ନ କଲ୍ — "କୁନବାବୁ ! ତୁନଅାଁଗରେ ଏ ଯେଉଁ ଧନୀ ଗରିବ ପାରେଖୀ ଯେଉଁ ଖୁଆଡ଼ ଭିତରେ ତମେ ଯେ କଣ କରିବାକୁ ଯାଉଛ ।"

ଉତ୍ତର ଦେଲ

ଠିକ୍ କରିବାକୁ ଯାଉଛୁ ରତନୀ । ଧନୀ ଦରିଦ୍ର ଭେଦା ଭେଦ ଭିତରେ ଆମେଇଁ ଦେଖାଇଦେବା ସମାନତାର ଚିହ୍ନ । ଆମକୁ ସମାଜର କଳଙ୍କିତ କଠୋର ଶିକୁଳି ଛିଣ୍ଡାଇ ଟୁକୁ ଟୁକୁକରି ଫିଙ୍ଗି ଦେବାକୁ ହେବ ତୁରନ୍ତ । ଅନ୍ଧ ସମାଜର ନୀତିମକୁ ପାଦରେମାଡ଼ି ମକଚି ଦେବାକୁ ହେବ । ମନେରଖି ରତନୀ—ତୋତେ ଦିନେଏଇ ସମାଜର ବନ୍ଧନରେ ଗ୍ରନ୍ଥି ପଡେଇବାକୁ ପଡ଼ିବ । ଯେତେବେଳେ ତୋତେ ମୁଁ ସାରି ଜୀବନର ସାଥୀ ହିସାବରେ ବରିନେବାକୁ ଯିବି, ସେତେବେଳେ ତୋତେ ମୁଁ ଖାଲି ସାଥୀହିସାବରେ ପାଇବନି, ପାଇବି ସ୍ତ୍ରୀ ଅରୁ ଅର୍ଦ୍ଧାଙ୍ଗିନୀ ରୂପରେ ।

ରତନୀ ବିଶ୍ୱାସ କରି ପାରିଲାନି ଏ ସବୁ କଥାକୁ । ତାହାଁ ଜମିଦାର ବାବୁଙ୍କ ପୁଅ କୁନବାବୁ । ତାହାଁ ଗରିବ ଝିଅ ରତନୀ । ଏହା କି ସମ୍ଭବ ହୋଇପାରେ ? କୁନବାବୁ ଯେତେ କହୁଲେ, ମନ ଅଉତା'ର ମାନିଲି ନାହିଁ । କପରି ବା ମାନିବ !

କୁନବାବୁଙ୍କ ପ୍ରାଣ ଅଥୟ ହୋଇ ପଡ଼ିଲା । ରତ୍ନାକୁ କୋଳକୁ ଆଉଜାଇ ଆଣି ତା'ର ପେଲବ ଗଣ୍ଡରେ ସ୍ନେହମିଶା ଚୁମ୍ବନ ଅଙ୍କି ଦେଲେ । ରତ୍ନୀ କାନ୍ଦ କାନ୍ଦ ହୋଇ, ଥରିଲା କଣ୍ଠରେ କହିଲା କୁନବାବୁ, ମୋତେ ଆଉ କାଳି ପୋଡ଼ି ମରିବାକୁ ଦିଅ ନାହିଁ । କ୍ଷମାକର । ମୁଁ ଗରିବ ଘର ଝିଅ । ଭଙ୍ଗା କୁଡ଼ିଆ ମୋର ଭରସା । ଆଉ ତୁମେ, ବଡ଼ଲୋକ । ମୋ ପଛରେ ତୁମେ ବୃଥା କୁହୁଡ଼ିରେ ପଡ଼ିଛ ଖାଲି କୁନବାବୁ । ଯାଅ, ଫେରିଯାଅ, ମୋତେ ପାଇବାକୁ ଆଶା କରନା । କାଣିଚାଣି ପାଗଳଙ୍କ ଭଳି, ଜୀବନଟାକୁ ହରଗଞ୍ଜ କରନାହିଁ । ତୁମପାଇଁ ପଥ ପରିଷ୍କାର ହୋଇ ରହିଛି । ମୋର ଚଳନ୍ତି ପଥରେ କଣ୍ଟା ଆଉ ପୋତନା । ତୁମେ ବିବାହ କର । ସୁଖ ଶାନ୍ତିରେ ରହି ଜୀବନକୁ ଆନନ୍ଦରେ କଟାଅ ।

କ'ଣ ଗୁଡ଼ାଏ କହି ଯାଉଛୁ ପାଗଳୀଙ୍କ ପରି ରତ୍ନୀ ? ଦେଖ୍, ଆଖି ଖୋଲି ଦେଖ୍ । ତୋର କାଉଁରୀ ପରଶରେ ଏହି ଭଙ୍ଗା କୁଡ଼ିଆ ଖଣ୍ଡି କେଡ଼େ ଉଜ୍ଜ୍ୱଳ ଆଜି ଦିଶୁଛି । ତୋର ମୋହ ଅଛି, ମାୟା ଅଛି, ମମତା ଅଛି ।

ବାହାରୁ ଖିଲି ଖିଲି ହୋଇ ଦମକା ପବନ ଭୁହାଏ ବହିଗଲା । ଦୀର୍ଘ ନିଶ୍ୱାସ ପକାଇଲା ରତ୍ନୀ ।

ସନ୍ଧ୍ୟାର ସଙ୍କେତ ଦେଇ ସୂର୍ଯ୍ୟ ପଶ୍ଚିମ ଆକାଶରେ ବୁଡ଼ିଗଲେ ।

ସପନା ବିଲରୁ ଫେରି ଆସିଲା । ଦେହରୁ ତା'ର ଝାଳ ଗମ ଗମ ହୋଇ ବହି ଯାଉଥାଏ । ଅସରନ୍ତି ଭାବନା ଭିତରେ କର୍ମକ୍ଲାନ୍ତ ଶରୀରଟାକୁ କର୍ତ୍ତବ୍ୟରେ ଲଗାଇଛି ସେ । ସପନା କୋଦାଳଟା ଥୋଇ ଦେଇ ରଞ୍ଜନୀକୁ ଟୋପାଏ ପାଣି ମାଗିଲା ପିଇବାକୁ ।

ରଞ୍ଜନୀ ପାଣି ଲୋଟାଏ ଆଣି ବାପା ପାଖରେ ତା'ର ଥୋଇ ଦେଲା ।

କୁଳବାବୁ ରଞ୍ଜନୀକୁ ସାନ୍ତ୍ୱନା ଦେଇ ଫେରିଗଲେ ସେଦିନ ଘରକୁ ।

—ଗୃର—

କୁନ, ତୋର ପ୍ରକୃତ ଉଦ୍ଦେଶ୍ୟଟା କ'ଣ ମୁଁ ତ ବୁଝି ପାରୁନ । ସବୁବେଳେ ଗୋଟାଏ ବୁଲ୍ଲ ବାଉଣ୍ଡିଅଙ୍କ ପରି ବୁଲିବାରେ ଲାଗିଛୁ । ଜମିଦାରୀର କୌଣସି ଖବର ବୁଝୁନୁ । ସବୁଦିନେ କ'ଣ ପରଲୋକେ ରହୁ ବୁଝୁଥିବେ ? ମୁଁ ଆଜ ଏ ବୁଢ଼ା ବୟ-ସରେ କୌଣସି କାମକରି ପାରିବି ନାହିଁ । ତୁ ଏଣିକି ଏ ସମ-ସ୍ତର ଦାୟିତ୍ୱ ନେଇ ଦେଖା ଶୁଣାକର୍ । ହଁ ଆଜ ଗୋଟିଏ କଥା, ଆସନ୍ତା ବୈଶାଖ ମାସରେ ତୋର ବିଭାଘର ହେବାର ସ୍ଥିର କରି ଯାଇଛି । କଟକର ବିଖ୍ୟାତ ଜମିଦାର ପଟ୍ଟନାୟକଙ୍କ ଝିଅ ସହିତ । ତାଙ୍କର ବେଶ୍ ଖ୍ୟାତି, ଅଚଳା ଚଳ ସମ୍ପତ୍ତି । ଆମଠାରୁ ସେ ଖୁବ ବଡ଼ଲୋକ । ସୁନାର ବହୁ ଅଳଙ୍କାର ଝିଅକୁ ଦେବେ, ବାଟଖର୍ଚ୍ଚ ପାଇଁ ନଗଦ ଦୁଇ ହଜାର ଟଙ୍କା ଦେବେ । କାଲିରେ ପଟ୍ଟନାୟକ ବାବୁ ଲୋକ ପଠାଥିଲେ । ପୁନଶ୍ଚ ଆସନ୍ତାକାଲି ସେ ନିଜେ ଆସିବେ ବୋଲି ଖବର ଦେଇଛନ୍ତି ।

ଏ ସବୁ କଥା ଗୋଟାଏ ନିଶ୍ୱାସରେ ଶୁଣିଗଲେ କୁନବାବୁ । ମର୍ଦ୍ଦରାଜ ବାବୁ କୁନର ମେଜାଜ ଆଗରୁ ଭଲ ଭାବରେ ବୁଝି ନେଇଥିଲେ ।:ତେଣୁ ସବୁସମୟରେ ସେ ହାର ମାନୁଥିଲେ ନିଜକୁ । ତଥାପି ଯେତେହେଲେ ପୁଅତ । ଆକଟ କରିବାକୁ କଦାପି ପଛଘୁଞ୍ଚା ଦେଉ ନଥିଲେ ।

ମର୍ଦ୍ଦରାଜ ବାବୁ ପଚାରିଲେ, କୁନ, ଏ ସବୁ ପ୍ରସ୍ତାବରେ ତୋର ଏକମତ ନିଶ୍ଚୟ ତ ? ତୋର ମାଆ କାଲିରେ ତାଙ୍କୁ ସମ୍ପୂର୍ଣ୍ଣ ଜବାବ ଦେଇ ସାରିଛନ୍ତି; କେବଳ ତୋ'ର ମତାମତକୁ ଅପେକ୍ଷା ଥିଲା । ପ୍ରକୃତରେ ମତଟା କଣ କହନା ।

କୁନବାବୁ ଭାବି ନଥିଲେ, ହଠାତ୍ ବାପାଙ୍କ ଠାରୁ ଏପରି ଗୋଟାଏ ପ୍ରଶ୍ନ ଆସିବ ବୋଲି ।

ସହସା କଣ ବା ସେ ଉତ୍ତର ଦେବେ ? କିଛିକ୍ଷଣ ନୀରବ ରହି, ସେ କହିଲେ, ଦେଖନ୍ତୁ ବାପା! ଆପଣ ମୋ'ତେ ଜନ୍ମ ଦେଇଛନ୍ତି । ମୋ ଜୀବନର ଭଲ ମନ୍ଦ ପାଇଁ ଏକମାତ୍ର ସହାୟ ଆପଣ । ଆପଣଙ୍କ କଥାରେ ମୋ'ର କହିବା'ର କଥା କିଛି ନଥିଲା ।

ତେବେ......... ।

ତେବେ ଆଉ କଣ କୁନ ? ମୁଁ କୌଣସି କଥା ଶୁଣିବାକୁ ଚାହେଁନା ତୋର ।

ହତବାକ୍ୟହୋଇ କୁନବା'ବୁ ବାପାଙ୍କୁ ତାର ଏତିକି କହିଲେ, ବିବାହ ପ୍ରସ୍ତାବଟା ବନ୍ଦ କରି ଦିଅନ୍ତୁ ବାପା । ମୁଁ ବର୍ତ୍ତମାନ ବିବାହ କରିବ ନାହିଁ

—ବିବାହ ନକରିବାର ଉଦ୍ଦେଶ୍ୟଟା କଣ କହନା ?

—ଉଦ୍ଦେଶ୍ୟଟା କିଛି ନୁହେଁ

—କୁନ ତୁ ଏପରି ପିଲାସ୍ୱଭାବ ଧରି କଥା କହିଲେ ଚଳିବନାହିଁ । ତୋର ବିବାହର ସମସ୍ତ ଆୟୋଜନ ମୁଁ କରି ସାରିଲିଣି । ତୋତେ ବିବାହ କରିବାକୁହିଁ ହେବ ।

-ଯେତେବେଳେ ମୋର ସମୟ ଆସିବ ସେତେବେଳେ ବିବାହ କରିବି । ବୃଥା ଚେଷ୍ଟା ଆଉ କରନ୍ତୁ ନାହିଁ ବାପା ।

—ହଁ ବିବାହ ନକରିବାର ଉଦ୍ଦେଶ୍ୟଟା ଅବଶ୍ୟ ତୋର ବୁଝି ପାରିଲି । କୁନ, ଯେଉଁ ଆଶା ମରୀଚିକା ପଛରେ ଧାଉଁଛୁ ସେ କେବଳ ବୃଥା । ଭୁଲିଯା ସେସବୁ । ନକାଶିଲ ପରି ମୋତେ କେବଳ ନୀରବରେ ସମସ୍ତ ସହିବାକୁ ହେଉଥିଲା । ଏଣିକି ସହିବାର ନୁହେଁ । ରକ୍ତ, ମାଂସ, ଦେହଧରି କେତେକାଳ ଆଉ ଏପରି ଅତ୍ୟାଚାର ସହିବି ?

କୁନ ! ହେଦିନ ମୋତେ ବଇଁଶୀ ଯାହା କହୁଥିଲା, ତା' କଣ ପ୍ରକୃତରେ ସତ୍ୟ ? ପ୍ରଜା ମୂଲିଆଟା ସେ, ଖାଇବାକୁ ଘରେ ତାର ଦାନାନାହିଁ । ତା ଝିଅ ରତମାକୁ ବିବାହ କରିବା ପାଇ ଦେଶଯାକ କ'ଣ ନାଗରା ଦେଉଛୁ ? ମୋର ମାନ ସମ୍ମାନ ସାରିବୁ ଦେଖି ପାରୁଛି । ବଂଶର ପରଂପରା ମାଡରେ ଆଜି ତୁ କାଳିଦାଗ ବୋଳିବାକୁ ଯାଉଛୁ ।

ବାପା ! କ୍ଷମା କରିବ ମୋତେ । ପ୍ରକୃତରେ ମୁଁ ରତମାକୁ ବିବାହ କରିବି । ପ୍ରତିଜ୍ଞା କରି ସାରିଛି । ଜାଣୁ ଜାଣୁ ମସ୍ତ-ବଡ଼ ଭୁଲ୍ କରିପକାଇବାକୁ ଯାଉଛି । ଏହି ଭୁଲ୍ ଭିତରେ ମୁ ପାଉଛି ଠିକର ସନ୍ଧାନ । ତୁମର ଅନ୍ତର ଏ କଥାକୁ ଘୃଣା କରିବ । ଯାହାକି ତୁମେ ଆଜି ବୁଝି ପାରୁନା, ସମୟ ଆସିବ ଦିନେନାଦିନେ ବୁଝିବ । ଆଉକିଛି କୁନବାବୁ କହିପାରିଲେନି ଆଖିରୁ ତାଙ୍କର ଦି'ଧାର ଲୁହ ଗଡ଼ି ପଡ଼ିଲା ।

ମର୍ଗଙ୍କ ବାବୁ ରାଗରେ ଥରି ଉଠିଲେ । ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ ଏକମାତ୍ର ସନ୍ତାନ କୁନ, ତାଙ୍କର ସୁନାର କଳ୍ପନାରେ କୁଠାର ଘାତ କରିବ ।

ହଠାତ୍ ତାଙ୍କର ମୁଣ୍ଡ ଘୂରାଇ ଦେଲା ।

ସ୍ୱପ୍ନମଞ୍ଜରୀ ଦେବୀ ଆସି ଅନେକ ବୁଝାଇଲେ ସ୍ୱାମୀଙ୍କୁ । ସେହି ଗୋଟାଏ ଜିଦ୍ । ମୁଁ ବିବାହ କରିବିନି । ବହୁତ ଦାନ ଯୌତୁକ ଦେଇ ସୁନ୍ଦରୀ ବୋହୂଟିଏ ବଡ଼ଲୋକ ଘରୁ ଆସିବ । ସେଇଥିପାଇଁ ସ୍ୱପ୍ନମଞ୍ଜରୀଙ୍କ ପାଟିରୁ ପାଣି ବୋହି ପଡ଼ିଲା । ଏପରି ସୁଯୋଗ ହରାଇଲେ କୁନ ପ୍ରକୃତରେ ହଟହଟାରେ ପଡ଼ିବ । ଏଣିକି ତୋ ଭାଗ୍ୟ—କହି ଦୀର୍ଘ ନିଶ୍ୱାସ ପକାଇଲେ ସ୍ୱପ୍ନମଞ୍ଜରୀ ।

କୁନବାବୁ ନିରୁତ୍ତର ହୋଇ ମଥା ପୋତି ରହିଲେ ।

## —ପାଞ୍ଚ—

ମର୍ଦ୍ଦରାଜବାବୁ ବୈଠକ ଖାନା ସଜାଇବାରେ ଲାଗିଛନ୍ତି । ସ୍ତ୍ରୀ ମଞ୍ଜୁଶ୍ରୀଦେବୀ ଘରର ଅସବାବ୍‌ପତ୍ର ଗୋଟାଏ ଝାଡ଼ଣ ନେଇ ଝାଡ଼ିବାରେ ବ୍ୟସ୍ତ ।

କଟକରୁ ପଟ୍ଟନାୟକ ବାବୁ ଆସିବେ ବୋଲି ଦୁଇ ପ୍ରାଣୀଙ୍କର ଉତ୍ସାହର ଶେଷ ନାହିଁ । ଟେଲିଗ୍ରାମରେ ପୂର୍ବାହ୍ନୁ ଖବର ଆସିଛି । ମଝିରେ ମଝିରେ ସ୍ୱପ୍ନମଞ୍ଜୁଶ୍ରୀଦେବୀ ଦାଣ୍ଡ ଦରଜା ପାଖକୁ ଚାଲି ଆସି ପଦାକୁ ଚାହୁଁଛନ୍ତି, ତାଲେ ପଟ୍ଟନାୟକ ବାବୁ ଆସିପଡ଼ିଲେ ।

ଦିନ ଠିକ୍ ବାରଟା ହେବ, ସମସ୍ତ ଯୋଗାଡ଼ ସରିଗଲା । ତା'ଅଧଘଣ୍ଟା ପରେ ପଟ୍ଟନାୟକ ବାବୁ କଟକରୁ ଆସି ପହଞ୍ଚିଲେ ହାତରେ ଖଣ୍ଡେ ଫିହବେଣ୍ଡ ବାଡ଼ି । ସାଦା ପଞ୍ଜାବୀ ଖଣ୍ଡେ ପିନ୍ଧିଛନ୍ତି । ଗୋଡ଼ରେ ଚାନପୁର ଚପଲ୍‌ହଲେ — ବେଶ୍ ଦେଖାଉଁଥାଏ । ପାନଖିଆ ଦାନ୍ତ ଗୁଡ଼ିକରେ ବେଳେ ବେଳେ ହସ ଫୁଟି ଉଠୁଥାଏ ।

ଆଦର ଅଭ୍ୟର୍ଥନା କରି ମର୍ଦ୍ଦରାଜ ବାବୁ ଘରେ ନେଇ ଖଟ ଉପରେ ବସାଇଲେ । ନାନା ଆଉ ନାନା କଥା ଆଲାପ ଆଲୋଚନା ହେଲା ।

ସ୍ୱପ୍ନମଞ୍ଜରୀ ଦେବୀ ଆର ଘରେଥାଇ ସମସ୍ତ କଥା କାନ ଡେରି ଶୁଣୁ ଥା'ନ୍ତି ।

ପୋଷା ନେଉଳଟା ଖଟର ଗୋଟାଏ ଗୋଡ଼ରେ ଜଞ୍ଜିରରେ ବନ୍ଧା ଯାଇ ଥିବାରୁ ଏପଟ ସେପଟ ଘୂରି ନିଜକୁ ନିଜେ ଗୁଡ଼ାଇ ହୋଇ ଯାଉଥାଏ । ମର୍ଦ୍ଦରାଜ ବାବୁ ଜଞ୍ଜିର ଖୋଲି ନେଉଳ-ଟିକୁ ଆଉଁସିବାରେ ଲାଗି ଥାଆନ୍ତି ।

ପ୍ରଥମେ ପଟ୍ଟନାୟକ ବାବୁ ଝିଅର ବାହାଘର ପ୍ରସ୍ତାବ ଉଠାଇ କହିଲେ,

—ଆଉ ବି ସମୟ ନାହିଁ । ଦିନ ପାଖ ହୋଇ ଆସିଲାଣି, ମୁଁ ଆପଣଙ୍କ ଠାରୁ ପକ୍‌କା ଜବାବ ପାଇଲେ, ଯାହା କିଛି ବ୍ୟବସ୍ଥା କରିବି ।

ସେଦିନ ପୁରୀରୁ କେତେଜଣ ଭଦ୍ରଲୋକ ଏଇ ପ୍ରସ୍ତାବ ନେଇ ଆମ ଘରକୁ ଆସିଥିଲେ । ପିଲାଟି ବି: ଏ: କ୍ଲାସରେ ପଢେ । ଚାଲି ଚଳନ ତାଙ୍କର ସେପରି କିଛି ଭଲ ନୁହେଁ, ମଧ୍ୟବିତ୍ତ । ମୁଁ ରାଜି ହେଲିନାହିଁ । ସେମାନେ ଫେରିଗଲେ । ପୁନଶ୍ଚ ବାଲେଶ୍ୱରରୁ ମଧ୍ୟ ଆଉ ଗୋଟାଏ ପ୍ରସ୍ତାବ ଆସି ପଡ଼ିଅଛି । ପିଲାଟି ଶାନ୍ତି ନିକେତନରେ ଆର୍ଟ ପଢେ । ଘରେ ମାଆଟି ବ୍ୟତୀତ ଆଉ କେହି ନାହିଁ । ଏଣୁ ମନଟା ଆଦୌ ମାନୁ-ନାହିଁ ସେଥିପାଇଁ ।

ନାନା ଆଉ ପ୍ରସ୍ତାବ ଆସିବ—ଆସିଥାଏ। ସେଥିପାଇଁ କିଛି କଥା ନାହିଁ। ମର୍ଦ୍ଧରାଜ ବାବୁ କହିଲେ।

ତେବେ ଏ ସବୁ ପ୍ରସ୍ତାବ ଭିତରେ ଯେଉଁଟା ନିଜ ପସନ୍ଦ ଯୋଗ୍ୟ ହୁଏ ତାହାହିଁ କରାଯାଏ। ହଁ ଦେବବ ଆଉ ନାହିଁ। ଆମର ମଧ୍ୟ ସେହିପରି ଘର ଅଚଳ ହୋଇ ପଡ଼ିଲଣି। ଗୃହିଣୀ ସ୍ୱପ୍ନମଞ୍ଜରୀଦେବୀଙ୍କର ଘରକୁ ବୋହୂଟିଏ ଆଣିବା ପାଇଁ ମସ୍ତ-ବଡ଼ ଝୁଙ୍କ୍ ଉଠି ପଡ଼ିଛି ଜବାବତ ଦିଆଯିବ, ଚାଲ ଆଗେ ଗଣ୍ଡେ କିଛି ଖାଇ ଆସିବା। ପୂଜାରୀ ଡ଼ାକି ଗଲଣି।

ପଟ୍ଟନାୟକ ବାବୁ କହିଲେ, କ୍ଷମା କରନ୍ତୁ ମୁଁ କିଛି ଖାଇବି ନାହିଁ।

ମର୍ଦ୍ଧରାଜ ବାବୁ ନିତାନ୍ତ ବାଧ କଲାରୁ ସେ ଖାଇବା ପାଇଁ ଉଠିଲେ।

ଖାଇବା ଶେଷ କରି ଅଳ୍ପ ସମୟ ପରେ ପୁନରାୟ ବୈଠକ ଖାନାକୁ ଫେରି ଆସିଲେ ପଟ୍ଟନାୟକ ବାବୁ। ପୁଣି ଆଳାପ ଆଲୋଚନା ଚାଲିଲା ଦୁହିଁଙ୍କର।

ମର୍ଦ୍ଧରାଜ ବାବୁ ସମ୍ପୂର୍ଣ୍ଣ ଜବାବ ଦେଲେ। ଏବର୍ଷ କୁନର ବିଭାଘର ଆପଣଙ୍କ ଝିଅ ସହିତ ନିର୍ବନ୍ଧ କରାଗଲା। ଏଣିକି ଅନ୍ୟାନ୍ୟ ଆୟୋଜନରେ ଲାଗି ପଡ଼ନ୍ତୁ। ତେବେ ଦେବା ନେବା ବିଷୟ ନେଇ ଆଗରୁ ଆଲୋଚନା ହେବା ଦରକାର।

ଏ ସମ୍ବନ୍ଧରେ ଆପଣ କଣ କହୁଛନ୍ତି ?

ମୋର ମତାମତ ମୁଁ ପ୍ରଥମରୁ ଦେଇଛି । ସେଥିରେ ଯଦି ଆପତ୍ତି ଅଭିଯୋଗ କିଛି ଥାଏ, ତେବେ କହନ୍ତୁ, ପଞ୍ଚାନନ୍ଦ ବାବୁ କହିଲେ ।

ମର୍ଦ୍ଦରାଜବାବୁ ବିଶେଷ କିଛି ନକହି ମଣ୍ଡନ ସମ୍ପର୍କରେ ନିଜର ମତ ପ୍ରକାଶ କଲେ ।

ନିତାନ୍ତ ପ୍ରକାଶ୍ୟରେ କଥାଟା ଜାଣିନେବା ପାଇଁ ପଞ୍ଚାନନ୍ଦ ବାବୁ ପୁନର୍ବାର ପଚାରିଲେ ।

—ଆପଣ ଯେ ନୀରବ ରହିଲେ । ମୋ କଥାର ଜବାବତ ଦେବେ ?

ମର୍ଦ୍ଦରାଜ ବାବୁ ହସି ହସି ନିଜର ଦୁର୍ବଳତା ପ୍ରକାଶ ନକରି ସ୍ୱୀକୃତି ଜଣାଇଲେ ।

ଶେଷରେ ପଞ୍ଚାନନ୍ଦ ବାବୁ କୁନବାବୁଙ୍କୁ ଥରେ ଦେଖିବା ପାଇଁ ଅନୁରୋଧ କଲେ ।

ହସି ହସି ମର୍ଦ୍ଦରାଜ ବାବୁ ବଇଁଶୀକୁ ଡାକିଲେ—ବଇଁଶୀ, କୁନ ଆର ଖଂଜାରେ ଥିବ ଡାକିଦେଲୁ ଏଠିକି ।

ଆଜ୍ଞା ଡାକି ଦେଉଛି କହି ବଇଶୀ ଚାଲିଗଲା ।

ହଠାତ ବଇଁଶୀକୁ ଦେଖି କୁନବାବୁ ପଚାରିଲେ—

କିରେ ବଇଁଶୀ ! କୁଆଡ଼େ ?

ଆଜ୍ଞା ବୈଠକ ଖାନାରୁ ବାପା ଡ଼କେଇ ପଠାଇ ଛନ୍ତି ।

କ'ଣ ମୋତେ ?

ଆଜ୍ଞା ହଁ ।

କାହିଁକି ବାପା ଡ଼କେଇଛନ୍ତି ତୁ କିଛି ଜାଣୁ ବଇଁଶୀ ?

ବଇଁଶୀ ମୁରୁକିହସା ଦେଇ କହିଲା—କିଏ ଜଣେ ଭଦ୍ରଲୋକ ଆସିଛନ୍ତି ।

ଆଚ୍ଛା ଯାଉଛି ଚାଲ୍ ।

ବଇଁଶୀ ଚାଲିଗଲା ।

ପୂର୍ବଦିନ କଥା କୁନବାବୁଙ୍କର ମନେ ପଡ଼ିଲା । ବିବାହ ସମ୍ବନ୍ଧ ଘେନି ବୋଧହୁଏ କଟକରୁ କେହି ଆସିଛନ୍ତି । ଏହା ଭାବୁ ଭାବୁ କୁନବାବୁ ବୈଠକ ଖାନା ଆଡ଼କୁ ଆଗେଇଲେ ।

ବୈଠକ ଖାନାରେ ପହଞ୍ଚି ଯାହା ସେ ଦେଖିଲେ ତାଙ୍କର ଧାରଣା ହିଁ ଠିକ୍ । ଅଗନ୍ତୁକଙ୍କୁ ବାଧହୋଇ ନମସ୍କାରଟିଏ କଲେ କୁନବାବୁ ।

ପ୍ରତି ନମସ୍କାର ଜଣାଇଲେ ପଟ୍ଟନାୟକ ବାବୁ ।

ବେଶୀ ସମୟ ଅପେକ୍ଷା ନ କରି କୁନବାବୁ ସେଠାରୁ ଗୁଞ୍ଜି ଆସିଲେ ଘରକୁ । ରାଗ ଆଉ ହିଂସାରେ ଅନ୍ତର ତାଙ୍କର ଜଳି ଉଠିଲା । ନିଜ ଇଚ୍ଛା ବିରୁଦ୍ଧରେ ବାପାଙ୍କର ଏ ସବୁ କାମକୁ ସେ ମନେ ମନେ ଘୃଣା କଲେ । ମୁହଁ ଖୋଲି କିଛି ଆଉ କହି ପାରିଲେ ନାହିଁ ।

ପଟ୍ଟନାଏକ ବାବୁ ବିବାହର ସମସ୍ତ ଆୟୋଜନ କରିବା ପାଇଁ କହିଗଲେ ।

ଦିନବାର ମଧ୍ୟ ସ୍ଥିର ହୋଇଗଲା ।

କୁନବାବୁଙ୍କର ମନର ଅବସ୍ଥା କିନ୍ତୁ ବଦଳିଲା ନାହିଁ ।

## —ଛଅ—

ଖୁବ୍ ଶୀଘ୍ର କୁନବାବୁ ଫେରି ପଡ଼ିଲେ ।

ସ୍ୱପ୍ନ ମଞ୍ଜରୀ ଦେବୀ ତାଙ୍କ ଆସିବା ବାଟକୁ ଚାହିଁ ରହିଥିଲେ । ଏ ସବୁର କାରଣ ସେ ଭଲରୂପେ ଜାଣନ୍ତି । ପଚାରିଲେ— କଣ ହେଲା କୁନ ? ବାପା କାହିଁକି ଡ଼କାଇ ଥିଲେ ?

ପଞ୍ଜାବୀଟା ଖୋଲି ଖୋଲି କୁନବାବୁ କହିଲେ—"ବାପା କାହିଁକି ଡ଼କାଇଥିଲେ; ସତେ ଯେପରି ନ ଜାଣିଲାପରି କହୁଛ । ଏ ସବୁ ଆୟୋଜନ କାହିଁକି କରୁଛ ? ମୁଁ ବାରମ୍ବାର କହୁଛି ବିବାହ କରିବିନି । ଏହି ବିପଦରେ ପୁଣି ପକାଉଛ ମୋତେ ।

କୁନ ତୋ ମୁଣ୍ଡ ଖରାପ ହୋଇ ଗଲାଣି କିରେ ? ପାଗଳଙ୍କ ପରି ଏ ସବୁ କଥା କାହିଁକି କହୁଛୁ ? ?

ନା—ନା—ନା ।

କଦାପି ଏ ସବୁ କରେଇ ଦେବିନି ମୁଁ । ଗୋଟାଏ ଜୀବନକୁ ମାଟି ଗୋଡ଼ି ଠାରୁ ଅଧିକ ନିହାତି ହେୟ ମନେକରିଛ । ତୁମ ମତରେ କାଠ କିମ୍ବା ପାଷାଣ ମୁଁ ହୋଇଛି । ନା, ମା ! ତା'ତୁମେ କରନି, ଯଦି ତୁମେ କରିବାକୁ ଯାଅ, ତା' ହେଲେ ଜୀବନରେ ମୋର ଶାନ୍ତି ନାହିଁ—ସୁଖ ନାହିଁ—କୁନବାବୁ କହିଲେ ।

ସ୍ୱପ୍ନମଞ୍ଜରୀ ଦେବୀ ଦେଖିଲେ ପୁଅର ସେଇ ଗୋଟାଏ କଥା । ଗୋଟାଏ ଜିଦ୍ । ଅଟଳ—ଅଚଳ ପରି ରହୁଛି । ଚିନ୍ତାରେ ମଥାରେ ହାତଦେଇ ବସି ପଡ଼ିଲେ ସ୍ୱପ୍ନ ମଞ୍ଜରୀ ଦେବୀ ।

ବାହାରକୁ ଚାଲିଗଲେ କୁଳବାବୁ । ତାଙ୍କ ମୁଖଭଙ୍ଗି ଚାଲି ଚଳନରୁ ବୁଝା ପଡୁଥିଲା ସତେ ଯେପରି ସେ ବାପ ମାଆଙ୍କ ପ୍ରତି ଅତି କଠୋର ହୋଇ ଯାଇଛି ।

ପଟ୍ଟନାୟକ ବାବୁଙ୍କୁ ପାଣ୍ଟେଠି ଦେଇ ଶୀଘ୍ର ଫେରି ପଡ଼ିଲେ ମର୍ଦ୍ଦରାଜ ବାବୁ । ମନଟା ତାଙ୍କର ଖୁବ୍ ଆନନ୍ଦ ଥିଲାପରି ଜଣା ପଡୁଥିଲା । ବଡ଼ଲୋକର ମୋହ, ଧନ ପାଇବାର ପିପାସା ତାଙ୍କ ମନକୁ ପ୍ରବଳ ଖାଦ୍ୟ ଯୋଗାଇଥିଲା । ତା' ଛଡ଼ା ପଟ୍ଟନାୟକ ବାବୁଙ୍କୁ ତାଙ୍କର ସମକକ୍ଷ ବନ୍ଧୁ ହିସାବରେ ପାଉଛନ୍ତି, ଏବି ଗୋଟାଏ ଗର୍ବ ।

ସ୍ୱପ୍ନମଂଜରୀ ଦେବୀ ପଚାରିଲେ—"କ'ଣ ସବୁହେଲା ?"

—ହେବ କ'ଣ ! ସବୁ ଠିକ୍ ହୋଇଗଲା । ବୈଶାଖ ବାଇଶ ଦିନରେ ବଭାଘର ।

—ଏହା ଭିତରେ ବଭାଘର ଦିନବି ସ୍ଥିର କରି ଦେଲଣି ?

—ଆଉ କ'ଣ ମନେ ଭାବୁଛ କି ?

—ନା ଭାବିବାର କିଛି ନାହିଁ । ତେବେ କୁଳର ମତ ନେଉଛତ ?

—କ'ଣ କୁଳର ମତ ନେବି ? ଏଥିରେ କୁଳର ମତ ନେବାର କିଛି ନାହିଁ । ଯାହାର ବାପ ମାଆ, ଅଭିଭାବକ ଅଛନ୍ତି, ତା' ଠାରୁ ଗୋଟାଏ କି ମତ ନିଆଯିବ ? ବଡ଼ ଆଶ୍ଚର୍ଯ୍ୟକଥା କହୁଛ ତ

ତୁମେ । ତୁମରି ପାଇଁ ଅଜି କୁନର ଅଗ୍ନିର୍ଦ୍ଧା ବଢି ଯାଇଛି । ତା'ର ସର୍ବନାଶର ମୂଳ କାରଣ ତୁମେ । ଏଥିପାଇଁ ତୁମେଇ ଅନେକ କ୍ଷେତ୍ରରେ ଦାୟୀ ।

—କ'ଣ ଖାଲି ବକି ଯାଉଛ ମ ? ଠିକେ ଗ୍ଭ ରାତି କୁହ,ବ ଦେଖୁଛ ଦୁନିଆଁଟା କ'ଣ ହେଲଣି । ଆଖିବୁଜି ଦୁଧ ପିଇଲା ଭଳି କଥା କହୁଛ କେମିତି ? ହେଇ ସେଦିନ କ'ଣ ହୋଇଗଲା ଦେଖିଲ ତ ? ପଦେ ଅଧେ ପଚାରୁଛ କି ନାହିଁ, କ'ଣ ଜବାବ ସେ ଦେଲା ? ସାପ ବଢିଲେ ରଙ୍କ ବଢ଼ୁଛି । କୁନ ପିଲାଟିଏ ନୁହେଁ । ତୁମେ ଏ ସବୁ କଥାକୁ ବେଖାତିର କର, ନିଜ ଇଚ୍ଛାରେ ଯଦି ବାହାଘର କରି ପକେଇବ, ତେବେ ତୁମେ ତା'ର ଭବିଷ୍ୟତ ଭଲ ମନ୍ଦରେ ଏକମାତ୍ର ଦାୟୀ । ମୋତେ କିଛି ଦେଖାଯାଉନି । ଯେଉଁଠି ଅଶାନ୍ତି ବିରାଜ ମାନ, ଯେଉଁଠି ନାହିଁ ସ୍ନେହ ଶ୍ରଦ୍ଧା କଣିକାଏ—ସେଠି ଏ ଉପଦ୍ରବ କାହିଁକି ? ମୋ କଥା ମାନ । କୁନର ବାହାଘର ବନ୍ଦକର । ପୁଅ ଆମର ବୁଡା ହୋଇ ଯାଉନି । ଧନ ପାଇବାର ଲାଲସାରଖି, ବଡଲୋକ ଘରେ ବନ୍ଧୁତ୍ୱ କରିବା ଆମର ଲୋଡାନାହିଁ । କିଏ ଶେଷରେ ଅଶାନ୍ତି ଉପଦ୍ରବରେ ଜୀବନକୁ ଧାଣ୍ଡି ରକଟିବ ଏତେ ।

—ଦେଖ ସ୍ୱପ୍ନ ମଂଜରୀ ! ମୁଁ ଭଦ୍ରଲୋକଙ୍କୁ ଜବାବ୍ ଦେଇ ସାରିଲଣି । ନିଜର ଇଜ୍ଜତ୍ ବଞ୍ଚେଇବାକୁ ହେଲେ ଦୁନିଆଁର ଗତି ସହିତ ସମତାଳରେ ଗତି କରିବାକୁ ପଡ଼ିବ । ତା' ନ ହେଲେ ସମସ୍ତେ ନିନ୍ଦାକରିବେ—ଘୃଣା କରିବେ । ଜବାବ

ଯେତେବେଳେ .ଦେଖନ୍ତି, ନିଷ୍ଠୁର କୁନେର ଶଭାଘର ସେଠି କରିବ । ଗୋଟାଏ ଗିଲ ସେ, ଜିଦ୍ ଧରି ବସିଛି, ଜୀବନଟାକୁ ମାଟି କରି ଦେବାପାଇଁ । ଦୁନିଆଁରେ କ'ଣ ଆଉ କେହୁ ପୁଅ ପାଠ ପଢି ନାହାନ୍ତି ? ଶିକ୍ଷିତ ହୋଇ ନାହାନ୍ତି ! ଅସି ଷାଠିଏ ବର୍ଷର ବୁଢା ହେଲଣି ମୁଁ ଯେଉଁ କଥା ମୋର କାନ ଦିନେ ଶୁଣିନ, ସେହୁସବୁ ଅବାନ୍ତର କଥା ଆଜି କୁନି ମୁହଁରୁ ଶୁଣିବାକୁ ମିଳୁଛି ।

ଯୁଗର ଗତି ବର୍ତ୍ତମାନ ସେପରି ତ ଅସିନ । ଜାତି,ଗୋତ୍ର, ବର୍ଣ୍ଣର, ଅବର୍ଣ୍ଣର, କୌଣସି କଥାରେ ଭେଦାଭେଦ ନରଖି ଆମେ ଚାଲିଛୁ । ମଶ୍ୱରିକା ପଛରେ ଧାଇଁଲା ପରି ବୃଥା କୁହୁଡ଼ିରେ ପହଁରୁଛନ୍ତି ସେ କାହିଁକି ?

ସେଦିନ ତାକୁ ପଚାରିବାକୁ ଯାଇ ଯାହା ପ୍ରତ୍ୟୁତ୍ତର ପାଇଲି ତା'ଠାରୁ, କେବଳ ଜନ୍ମକଲା ପୁଅବୋଲି କିଛି କହିବାକୁ ଇଚ୍ଛା ମଇଟିଲା ନାହିଁ । ନୋହିଲେ......... ।

ଏହା କ'ଣ ସୁନ୍ଦର କଥା ସ୍ୱପ୍ନମଂଜରୀ ! ଗୋଟାଏ ମୂଲିଆର ଝିଅକୁ ସେ ବିବାହ କରିବାକୁ ଜିଦଧରି, ଜାତି ଗୋତ୍ର, ମାନ ମର୍ଯ୍ୟାଦା ସବୁ ମାରି ଦେବାକୁ ଯାଉଛି । ଦେଖିବ କୁଳାଙ୍ଗାର କେମିତି ସେଠି ବିବାହ କରିବ ।

ଯାଉ—ଗାଁଟା ସାରା ପୋଡ଼ି ଭସ୍ମିଭୂତ ହୋଇଯାଉ । ସୁନାର ସଂସାର ମୋର ଭାଙ୍ଗି ଛିନ୍ନ ଧୂଳିସାତ ହୋଇଯାଉ— ବଂଶର ମର୍ଯ୍ୟାଦା ବଂଶର ଗୌରବରେ—କଦାପି କଳାଦାଗ ପଡ଼ାଇବି ନାହିଁ ।

ଦେଖୁ ଦେଖୁ ମୋ'ର ବୁକୁସାମନାରେ କି ବଭତ୍ସ ଲୀଳା ରଚନ ହେବାକୁ ଯାଉଛି। ଆଉ ସହ୍ଯ ପାରୁବନି। ଏ ନିନ୍ଦା ଅପବାଦ ଠୁ ବଳି ମରଣ ଶ୍ରେୟସ୍କର ସ୍ବପ୍ନ ମଞ୍ଜରୀ।

ହଁ, ପ୍ରତିଶୋଧ, ପ୍ରତିଶୋଧ ନେବ ସପନାର। ମୂଳିଆ ପ୍ରଜାଟା ସେ। ତା'ର ଏତେ ସାହସ! ତା'ର ଏତେ ଦମ୍ଭ ମୋ ସହିତ ହଟ ରମଟ କରୁବାକୁ ବସିଛି। ପେଟଜ୍ବାଲା ଯାହାର ଦୈନନ୍ଦିନ ଚିନ୍ତା—ଅନାହାର ଯାହାର ଚିରସହଚର, ସେ ଗୋଟାଏ ମଣିଷ! ତା' ସଙ୍ଗରେ ମୋର ହେବ ବନ୍ଧୁତ୍ବ? ଯାଉ, ଯାଉ ସେ ଅରକ୍ଷିତ, ଗାଁ ଛାଡ଼ି ଯାଉ। ପଙ୍ଗପାଳ ଗୁଡ଼ାକ ମୋର ଅଙ୍ଗ ସତ୍ୟାନାଶ କରୁବାକୁ ଯାଉଛନ୍ତି। ଆଉ ସହ୍ୟକରୁ ପାରିବନି—ନିଷ୍ଠୁର ପ୍ରତିଶୋଧ ନେବ। ସପନାକୁ ବସୁବାସରୁ ବିତାଡ଼ିତ କରିବ।

ରେ ବଇଁଶୀ, ବଇଁଶୀ!! ଶୀଘ୍ର ଆସିଲୁ।
ବଇଁଶୀ ଆସି ପହଞ୍ଚିଲା।

ମର୍ଦ୍ଦରାଜ ବାବୁ ଫଁ ଫଁ ହୋଇ ଗର୍ଜି ଉଠିଲେ ବଇଁଶୀ ଉପରେ। କିରେ; ସପନା କ'ଣ ତୋ ହାତରେ ଜଗନ୍ନାଥ ଧଣ୍ଡା ଦେଇଛି। କ'ଣ ଚୁପ୍ ହୋଇ ବସି ରହୁଛୁ? ତାକୁ ଏ ଗାଁ ଛାଡ଼ି ଚାଲି ଯିବାକୁ କହୁଥିଲୁ?

—ଆଜ୍ଞା କେତେବାର କହୁଛି। କହୁ କହୁ ମଧ୍ୟ ହଇରାଣ ହୋଇ ଗଲିଣି। ସେ କ'ଣ ଯିବକି? ଆମ କୁନବାବୁ ପରି

ତାଙ୍କୁ ସାହସ ଦେଉଛନ୍ତି । ତାଙ୍କୁ ଗାଁରୁ ଉଠାଇ ଦେବ କିଏ ? କାହାର ସାଧ ଅଛି ? ସେତ ମନେ କଲାଣି, ଏ ଗ୍ରାମର ସେ ଗୋଟାଏ ଜମିଦାର ।

—ବଇଁଶୀ ! ଏ ସବୁ କଥା ମୋତେ ଆଉ ଶୁଣାନା । ତୁ ଶୀଘ୍ର ଗଲୁ, ତୋ ପଡ଼ାରୁ ଜଗା, ଭୋଲା, ମଦନା, ଏମାନଙ୍କୁ ସାଙ୍ଗରେ ନେଇ ସପନାକୁ ତା' ଘରୁ ବାହାର କରିଦେ । ଯଦି ସେ ନ ଯାଏ ତା'ର ସେହି କୁଡ଼ିଆକୁ ଭାଙ୍ଗି, ଚୁଙ୍କ, ନିଆଁ ଲଗେଇ ଛାରଖାର କରିଦେ । ଯେପରି ସେ ମୁଣ୍ଡ ଗୁଞ୍ଜିବାକୁ ଜାଗା ଟିକିଏ ବି ନପାଉ—ବାଧହୋଇ ଅଲାଜୁକ ଝିଅକୁ ସାଙ୍ଗରେ ନେଇ ଆପେ ଆପେ ପଳେଇବ । ତେବେ ଯାଇ ମୋର ଶାନ୍ତି । ଯା-ଯା- ବଇଁଶୀ ଶୀଘ୍ର ଯାଆ ।

ବଇଁଶୀ ଚାଲିଗଲା । କ'ଣ କରିବ ? ଅନେକଥର ସପନାକୁ ସେ ବୁଝାଇଛି । ଯେତେହେଲେ ଗୋଟାଏ ଗାଁର ଗୋଟାଏ ପଡ଼ାର ଭାଇସେ । ହଠାତ୍ ଏପରି ଅତ୍ୟାଚାର କେମିତି କରିବ, ମନ ତାର ବଳିଲା ନାହିଁ । ପୁଣି ଭାବିଲା ଜମିଦାରଙ୍କ କଥା । ଯାହାଙ୍କର ହୁକୁମ୍‌ର ଗୋଲାମ—ତାଙ୍କର ଦାନା ଖାଇ କେମିତି ମଉନ ରହିବ । ନା—ସପନା ରାଗୁ ମୋ ଉପରେ, ଗାଳି ଦେଉ ମୋତେ, ଆଜି ତାକୁ ଗ୍ରାମରୁ ବାହାର କରି ଦେବାକୁ ହେବ । ଏକ ମୁହାଁ ହୋଇ ବଇଁଶୀ ଧାଇଁଲା ତା' ପଡ଼ାକୁ । ଜଗା, ଭୋଲା, ମଦନାକୁ ଡାକି ଆଣିବ । ଜମିଦାର ମଦ୍ଧରାଜ ବାବୁଙ୍କ ହୁକୁମ୍ । ସେ ଜାଣିଛି, ଯାହାଙ୍କ ନାମ ଶୁଣିଲେ ଗର୍ଭିଣୀ ଗାଈ ବାଟ ଛାଡ଼େ ।

ବଂଶୀକୁ ଦେଖି ଚମକି ପଡ଼ିଲା ଜଗା । ଏ କ'ଣ ବଂଶୀ ଭାଇ ! ତମେ ଗୋଟାପଣେ ଧଇଁସଇଁ ହେଉଛ କାହିଁକି ? କଥା କ'ଣ ? ବଂଶୀ ଥରିଲା କଣ୍ଠରେ କହିଲା—ଆଉ ବେଳ ନାହିଁ । ଜଗା, ତୁ ଚଞ୍ଚଳ ଆ । ତୋ ହାତ ବାଡ଼ଟା ଘେନିଆ—ବଡ଼ ବିପଦ ।

ମଦନା ଭୋଲା ଯେଉଁଠି ଥିଲେ, ତାଙ୍କ ହାତରେ ବାଡ଼ି ଗୋଟା ଗୋଟା ଧରି ପଦାକୁ ବାହାରି ପଡ଼ିଲେ । ଗାଁ ଗୋଟା କରେ ଚହଲ ପଡ଼ିଗଲା । କାହାରିକୁ ଜଣାନାହିଁ । ସମସ୍ତେ ପରସ୍ପର ପ୍ରତି ଚୁପ୍ ଚାପ୍ ଭୁଟ୍ ଭାଟ୍ ହେଲେ ।

ବଂଶୀ ଜଗାକୁ ତା' ମନକଥା ସବୁ କହେ । ଜଗା ତା'ର ଖୁବ୍ ବିଶ୍ୱାସୀ । ବଂଶୀ କହିଲା—ଦେଖ୍ ଜଗା; ଜମିଦାର ମଦ୍ଦରାଜବାବୁ କହିଛନ୍ତି – ମଦନା, ଭୋଲା ତୁମ୍ଭେମାନେ ସମସ୍ତେ ମିଳି ଆଜି ରାତି ଭିତରେ ଯେପରି ହେଉ ସପନାକୁ ଏ ଗ୍ରାମରୁ ବାହାର କରିଦେବ । ଯଦି ସେ କଥାବୋଲରେ ନଯାଏ, ତାକୁ ଦି ଚାରି ବିଧା ଲଗେଇ ଘଣ୍ଟି ବାହାରକୁ ଟାଣିଆଣି ତା' ଖଣ୍ଡିଆ ଘରେ ନିଆଁ ଲଗେଇ ଦେବ । ପୋଡ଼ି ଜଳି ପାଉଁଶ ହୋଇଯିବ ତା' ଘର । ତେଣିକି ସେ ଆପେ ଆପେ ଝିଅକୁ ନେଇ ପଳାଇବ ।

ଜଗା ଅବାକ୍ ହୋଇଗଲା । ଆଶ୍ଚର୍ଯ୍ୟ ହୋଇ ପୁନରାୟ ବଂଶୀକୁ ପଚାରିଲା—କାହିଁକି ? ଏପରି ବିପଦଟା କାହିଁକି ସେ ଗରିବଟାକୁ ଦେବା ? କଥା କ'ଣ ?

ଭାବ ଦମ୍ପତି, ଆରେ ଚାଲିବୁଲି ଗଲେ । ଏତେ କଥା ବଢେଇ ଦେଲେ, ସବୁ ଭଣ୍ଡୁର ହୋଇଯିବ । ଆପେ ଜାଣି ପାରିବୁଟେ ।

ଆସ-ଆସ ମଦନା, ଭୋଲା, ରଞ୍ଜିଲ ଅସ । ବଇଁଶୀ ଡାକରେ ସମସ୍ତେ ସତେଜ ହୋଇ ଉଠିଲେ । ଜଗା ସଂଙ୍କରେ ନାଇଛ ଅଫିମ ଗୁଳାଏ ଖାଏ । ଖଣ୍ଡିଆ କଉଡ଼ଟା ବାହାର କରି ଚାରିଅଣାର ଅଫିମ ଗୁଳାଟା ଡକ୍ କରି ପୁରାଇଦେଲା ପାଟିରେ । ଫିହୁପରି ବଳ ତା'ର କାହୁଁ କାହୁଁ ମାଡ଼ି ଆସିଲା । ବାଡ଼ିଟା ହାତରେ ଧରି ଗର୍ଜନ ଛାଡ଼ି ଛୁଟିଲା ସପନା ଘରଆଡ଼େ । ଭୋଲା ମଦନା, ବଇଁଶୀ ତିନିଜଣ ତା' ପଛେ ପଛେ ଧାଇଁଲେ ।

—ସାତ—

ତିନିଦିନ ଧରି ଘରେ ମୁଠିଏ ଚଉଳ ନାହିଁ । ଖାଡ଼ା ଖାଡ଼ା ନିର୍ଘାଟ ଉପାସରେ ରତନୀ କଟାଇଛି ଦିନ ଗୁଡ଼ିକୁ । ଆଜି ଉପାସ ବା ସେ କାହିଁକି ରହି ଥାଆନ୍ତା । ବାପ ଯଦି ତାର, ମୂଲ ପାଉ ଲଗିବାକୁ ଯାଉଥାନ୍ତା ? ଦେଖୁ ଦେଖୁ ଦିନ ପନ୍ଦ-ରଟା ଗଡ଼ି ଗଲାଣି । ଜରରେ ପଡ଼ିଛି ସପନା । ଘରେ ଯାହା ମୁଣି ମୁଠିକା ଥିଲା, ତାହା ସବୁ ସାଗୁ ବାର୍ଲିରେ ଯାଇଛି । କ'ଣ ସେ କରିବ, ଏମିତି ଉପାସ ଭୋକରେ କେତେଦିନ ସେ କଟା-ଇବ ? ରୋଗୀ ଘରେ ଶୋଇଛି, ବତୀ ତେଲ ଟୋପାଏ ନାହିଁ । ଶାଗୁ ବାର୍ଲି ଖୋଇବାକୁ ହାତରେ ତାର ଅଉ ପାଣୁ ନାହିଁ । ମୁହଁ ସଂଜ ହେଲାଣି । ଛିଣ୍ଡା ଲୁଗା ଦିଖଣ୍ଡି ପାରି ଦେଇଛି । ସେଇ-ଥିରେ ସପନା ଗଡୁଛି, ବାପ ତାର, କେତେ ମିହନ୍ତ କରି ଏତ୍ତଟେ କରିଛି । ଆଜି ତାକୁ ଟୋପେ ଶାଗୁ ବାର୍ଲି ଦେଇ ପାରୁନି ସେ । ବାପର ରୋଗ ଯନ୍ତ୍ରଣା ପାଖରେ ବସି ରତନା କାଇଁ କାଇଁ ହୋଇ କାନ୍ଦୁଛି । ଦିନ ଗୁଡ଼ାକ ଯେପରି ତାକୁ

ଗୋଟା ଗୋଟା ଯୁଗ ପରି ମନେ ହେଉଛି । ବେଳେ ବେଳେ ବାପ ତାର ଚିତ୍କାର କରି ଉଠୁଛି, ରତନୀ ଚମକି ପଡ଼ୁଛି— ଏକୁଟିଆ ସେ, ଅପରିସୀମ ଭାବନା ଭିତରେ ଥଳ କୂଳ ପାଉ ନାହିଁ ।

ହଠାତ୍ ବାହାରେ କ'ଣ ଗୋଟାଏ ଶବ୍ଦ ଶୁଣିବାକୁ ପାଇଲା ରତନୀ । କିଛି ଠଉରେଇ ପାରିଲା ନାହିଁ ସେ । ସତକୁ ସତ ସେଇ ଶବ୍ଦ ଯେପରି ଖୁବ୍ ନିକଟ ହୋଇ ଆସିଲା । କିଛି ସମୟ ପରେ ସେଇ ଅନ୍ଧାର ଘର ଭିତରକୁ ଆସିଲେ ଗୁରିକଣ ଡଭଣ୍ଡିଆ । ସେମାନଙ୍କୁ ଦେଖି ଚମକି ପଡ଼ିଲା ରତନୀ । ଚେତନା ତାର ହଜିଗଲା ।

ଏ' କି'ଣ ? ଏ' କି'ଣ ?

କିଛି ଚିତ୍କାର କରି ଉଠିଲା ସେ । ସପନା ଜରର ପ୍ରକୋ- ପରେ ଡାକ ଛାଡ଼ିଲା—

ରତନୀ ଟୋପେ ପାଣି ! ମାଆ—ଟୋପେ ପାଣି । କଣ୍ଠ ମୋର ଶୁଖିଗଲା । ମରିଗଲି ।

ଅଶୁଭ ସୂଚନା ଦେଇ ବାରି ବାଆଁଶ ବଣରୁ ପେଚାଟାଏ ରଡ଼ି ଛାଡ଼ିଲା ।

ବିପଦ ଯେତେବେଳେ ଆସେ, ସେତେବେଳେ ମଣିଷକୁ ସବୁ ହରେଇବାକୁ ପଡ଼େ ।

ଗର୍ଜି ଉଠିଲା ବଇଁଶୀ ।

ସମ ସ୍ୱରରେ ଜଗା, ଭୋଲା, ମଦନା ମଧ୍ୟ ଗର୍ଜି ଉଠିଲେ । ରତନୀ ବୁଝି ପାରିଲାନି ଏସବୁର କାରଣ !

ପୁଣି ସେହି ଭେଣ୍ଡିଆ କହି ଉଠିଲେ—କବେ ରଞ୍ଜନା, ଏ ଘର ଛାଡ଼ି ଯିବୁ, ନା ବାପକୁ ଶୋଇ ପକେଇ ଯେପଖନା କରିବୁ ? ଯାଉଛୁ ? ଯା' ଚାଲିଯା ଯା । ଏତେ ବଡ଼ ସାହସ ତୋର । ଦେଖନ୍ତୁ ଏ ଟୋକିଟାକୁ । ଆମ ଜମିଦାର ବାବୁଙ୍କ ସୁନାର ସଂସାରଟାକୁ ଛାର ଖାର କରି ଦେଲଣି । ରୂପ ଦେଖାଉଛି । କଲିକତା ଚାଲିଯା…ରୂପର ମୋହ, ରୂପର ଗୌରବ,,ସେଇଠି ଦେଖାଇବୁ । ରସିକ ଜୁଟିବେ ।

ଆଖି ଖୋଲି ଦେଖିଲା ରଞ୍ଜନା, ବଇଁଶୀ ଗର୍ଜନ ଛାଡ଼ି, ଏ ସବୁ ଧମକ ଦେଉଛି । ତା' ପାଖରେ ଗାଁର ଦି' ଚାରି ଜଣ ଶବଲ ଶବଲ ଭେଣ୍ଡିଆ ଛିଡ଼ା ହୋଇଛନ୍ତି । ବାଡ଼ିଟାମାନ ହାତରେ ତାଙ୍କର ରହିଛି । ରଞ୍ଜନାର ଉତ୍ତୁଆ ଛାତିରେ ସାହସ ଟିକେ ହେଲା । ଯେତେହେଲେ ଗ୍ରାମର ଚିହ୍ନା ଲୋକତ ! ବଇଁଶୀକୁ ହାତଯୋଡ଼ି କହିଲା—ବଇଁଶୀ ଦାଦା ! ତୋ' ଗୋଡ଼ ଧରୁଛି—ମୋ ବାପ ଜନ୍ମୁଆ ମଣିଷ—ପନ୍ଦର ଦିନ ହେଲାଣି ବିଛଣାରେ ପଡ଼ିଛି, ଟୋପେ ପାଣି ତା' ପାଟିକୁ ଯାଇନି —କେଉଁଠିକି ତାକୁ ନେବି, ଏ ବିପଦରେ କେଉଁଠି ତାକୁ ରଖିବି ? କିଏ ମୋର ସାହା ହେବ ? ଯଦି ତମର ଇଚ୍ଛା ହେଉଛି, ଦିଅ ମାରିଦିଅ । ଜୀବନରେ ,ଆମକୁ ମାରିଦିଅ । ଏ ଦୁନିଆଁର କଳଙ୍କ ମୁଣ୍ଡେଇବାକୁ ଅବସର ଆଉ ଦିଅନା ।

କଣ୍ଠ ତାର ଶୁଖିଗଲା । ଆଉ କିଛି କହିପାରିଲାନି ରଞ୍ଜନା । ନିଶା ସାଇଁ ସାଇଁ ହୋଇ ଗର୍ଜୁଛି ।

କହିଲା ମୂର୍ତ୍ତିପରି ବଇଁଶୀ ଆଖି ଯୋଡ଼ାକ ଦେଖାଇଲା ରତନୀକୁ । ଆଉ କେତେଦିନ ଅପେକ୍ଷା କରାଯିବ । କାଲିକୁ କହୁ ମାସ ଗୋଟାଏ କଟାଇଲଣି ତୋ ବାପ । ନା...ଆଉ ଶୁଣାଯିବ ନାହିଁ । ଜମିଦାର ବାବୁଙ୍କର ହୁକୁମ ମାନିବାକୁହିଁ ହେବ ।

ଜଗା, ମଦନା, ଆଉ ଡେରି କରନା, ଦେଖିଲୁ କାମ କର ।

ସବୁ ଚେଷ୍ଟା ବିଫଳ ହେଲା ରତନୀର ।

ଟାହୁଁ ଟାହୁଁ ଭେଣ୍ଡିଆ କେତେଟା ସପନାର କେତେକାଳର ଆସବାବ ପତ୍ର ଭାଙ୍ଗି ଚୁଜି ବାହାରକୁ ଫୋପାଡ଼ି ଦେଲେ । ରତନୀ ଆଖିରୁ ଲୁହ ଢାଳିବା ବୃଥା ହେଲା ।

ଦେଖୁ ଦେଖୁ ଘରେ ନିଆଁ ଲଗେଇ ଦେଲେ । ଚମକି ପଡ଼ିଲା ରତନୀ । ବୁଝେ ତା'ର ହଜିଗଲା । ଘର ଭିତରୁ କେମିତି ସେ ବାହାରକୁ ଯିବ । ଉପାୟ ତାକୁ ଦେଖା ଗଲାନି । ଟାହୁଁ ଟହୁଁ ଘର ଗୋଟାକ ଜଳି ଉଠିଲା ।

ବିଚରା ଗରିବ ସପନାର ଘର ଜଳି ଯାଉଛି ବୋଲି କେହୁ ଠିକେ ଆହା କଲେନି । ଗରିବ ପାଇଁ କିଏ ବା ଦରଦ ପ୍ରକାଶ କରିବ ?

ଘୋଷାଙ୍କୁ ହାତରେ ଅଟେ ଚୋରିଜାଲ ବାପ ପୁଅ ଦୁଇ ବାହାରକୁ ଆସିଲେ । ଲପଦରେ କେହି ଟିକେ ହେଲେ ମୁଣ୍ଡ ପାଢିଲେ ନାହିଁ ।

ବଂଶୀ, ଜଗା ଭୋଳା, ମଦନା ସେହି ଅନ୍ଧାର ରାତିରେ କେଉଁଆଡ଼େ ମିଶିଗଲେ ।

ଜମିଦାର ବାବୁଙ୍କ ଉଦ୍ଦେଶ୍ୟ ସଫଳ ହେଲା । ସେହି ଘନ ଅନ୍ଧାର ରାତିକୁ କମ୍ପିତ ମୂର୍ଚ୍ଛନା ଦେଇ ରେବତୀର ଅସହାୟା ନାରୀ ମୂର୍ତ୍ତିର କ୍ରନ୍ଦନ ଉତ୍ତାଳ ଭାସି ଉଠିଲା ।

—ଆଠ—

କେଉଁ ଆଡ଼େ ଯିବ ? କେଉଁଠି ସେ ରହିବ ?

ବିକଳ କଣ୍ଠରେ କାନ୍ଦି ଉଠିଲା ରଞ୍ଜନା । ଦିନ ହୋଇଥିଲେ ଯାହା କିଛି ସେ କରନ୍ତା, ଅନ୍ଧାର ରାତି ମୁହଁକୁ ମୁହଁ ଦିଶୁନି । ଅସହାୟା କାହାକୁ ଆଶ୍ରୟ ମାଗିବ ?

ଥରେ ବାପକୁ ଚାହିଁଦେଲା ସେ । ଏ କ'ଣ ଦେହ ହାତ ଯେ ପୋଡ଼ି ଫୋଟକା ହୋଇ ଯାଇଛି । ହାୟରେ ଭଗବାନ ! ପୁଣି ଜର ଖଇ ଫୁଟୁଛି । ଠିକ୍‌ଏ ହେଲେ କମିନା । ଅବସ୍ଥାକୁ ଲକ୍ଷ୍ୟକରି ଧୈର୍ଯ୍ୟ ରହିଲାନି ରଞ୍ଜନାର ।

ତାହାର ଦୁଃଖ କେହି ହେଲେ ଟିକେ ବୁଝିଲେନି । ଗାଁର ଶେଷ ସୀମାରେ ମଶାଣି । ଯେଉଁଠି ଶହ ଶହ ମଲା ମଣିଷର ହାଡ଼ ଗୁଡ଼ାକ ଗଡ଼ୁଛି । ଯେଉଁଠି କୁକୁର ଶିଆଳ ଗୁଡ଼ାକ ଚିତ୍କାର କରୁଛନ୍ତି । ସେଇଠି ରଞ୍ଜନା, ଜରୁଆ ବାପକୁ ତା'ର ନେଇ ଆଶ୍ରୟ ପାଇବାକୁ ଗଲା । ଏଠିତ ଜମିଦାର ବାବୁଙ୍କର କହିବାର ଅଧିକାର କିଛି ନାହିଁ ? ହେଉ, ମଶାଣି ହେଉ । ଏଇଠି ପଡ଼ି ରହିବ । ରାତି ପାହିଲେ ଯାହାହେବ ।

ତାହାହିଁ କଲା ରଜନୀ । ମଶାଣିର ଶେଷ ସୀମାକୁ ଗୋଟାଏ ଗଛ । କି ଗଛ କେଜାଣି । ବହୁ କାଳରୁ ହେବ ସେ ଗଛଟା ରହିଛି । ତାହାରି ମୂଳରେ ଆଶ୍ରୟ ନେଲା ରଜନୀ ।

ଏତେ ଦୁଃଖ, ଏତେ ବିପଦକୁ ମୁଣ୍ଡେଇ ଦୁନିଆଁରେ ଆଉ ଚଳିବାକୁ ସାହସ ହେଲାନି ତାହାର । ନାନା କଥା ଭାବିବାକୁ ସେ ଲାଗିଲା । କୁନବାବୁ ସେଦିନ ବୁକୁରେ ତାର ସାହସ ଭରିଦେଇ ଥିଲେ ମୁଁ ଅଛି, ଭୟନାହିଁ ତୋର ରଜନୀ । ଜୀବ-ନର ସାଥୀ ରୂପରେ ତୋତେ ମୁଁ ବରି ନେଇଛି । ତୁ ମୋର ସୁଖ ଦୁଃଖର ସାଥୀ । କାହିଁ ଏତେ ବିପଦରେ ସେତ ଠିକଏ ହେଲେ ଆସିଲେ ନାହିଁ । ଠିକଏ ହେଲେ ବିପଦରୁ ଉଦ୍ଧାରିଲେ ନାହିଁ ? ବଡ଼ଲୋକ । ଯାହାଙ୍କ ଜୀବନରେ ସବୁକଥା ସମ୍ଭବ ହୋଇପାରେ ତାଙ୍କର ପୁଣି ମାରବତା ।

ଆଖି ଓଦା ହୋଇଗଲା ଲୁହରେ ସପନାର । ଏତେ ଦୁଃଖ ଏତେ କଷ୍ଟ ଭିତରେ ଝିଅର ପିଠିରେ ହାତ ବୁଲାଇ ସପନା ଥରିଲା କଣ୍ଠରେ କହିଲା—ମା ମୁଁ ଏଇଠି ପଡ଼ି ମରିଯାଏ ତୋ' ଦୁଃଖ ଦେଖି ଧୈର୍ଯ୍ୟ ଧରି ରହି ପାରିବି ନାହିଁ । ଆଉ ସପନା କିଛି କହି ପାରିଲାନି । ଶୁଖିଲା ଆଖିରୁ ତା'ର ଲୁହ ଟୋପାଏ ଗଡ଼ି ପଡ଼ିଲା ।

ରଜନୀ ସାନ୍ତ୍ୱନା ଦେଲା ।

ବ୍ୟସ୍ତ ହୁଅନା ବାପା । ତୁମେ ଯେ ଜରୁଆ ମଣିଷ । ଆଖି ବୁଜି ଶୋଇପଡ଼ ।

ରାତି ପ୍ରାୟ ଶେଷ ହୋଇ ଆସିଲାଣି । ରତନୀ ଆଖିରେ ଘୁଷ ନିଦ ଠିକେ ତା'ର କାଉଁରୀ ପରଶ ବୋଳି ଦେବାକୁ ଯାଉଛି ।

ମଶାଣିଟା ଆଲୋକରେ ହସିଉଠିଲା । ହଠାତ୍ ଚମକି ପଡ଼ିଲା ରତନୀ । ଆଖି ମଳିଥରେ ଚାହିଁଦେଲା ଆଗକୁ । ଯାହା ଦେଖିଲା; ଠିକ୍ କରିପାରିଲାନି ସେ କ'ଣ ? ପୁଣି କାହିଁକି ଲୋକ ଗହଳି ? ପୁଣି କ'ଣ ଜମିଦାର ବାବୁ ଏଠାରୁ ଉଠାଇ ଦେବେ ତାକୁ ? ଶଙ୍କାରେ ଥାଙ୍କି ହେଲା ମନ ତାର । ସେହି ଲୋକ ଗହଳି ଭିତରୁ କିଏ ଜଣେ ଆଗେଇ ଆସିଲା ତା ନିକଟକୁ ।

ଏ କ'ଣ ? ଏ ଯେ କୁନବାବୁ । ବୁକୁରେ ତା'ର ସାହସ ଖେଳିଗଲା । ପରକ୍ଷଣରେ ଅଭିମାନଭରା ଅନ୍ତର ତା'ର ଗୁମୁରି ଉଠିଲା । ସତେ ଯେପରି କୁନବାବୁଙ୍କ ଆସିବା ଜାଣେନି ସେ । ମୁହଁ ତଳକୁ ପୋତି ରତନୀ ବସି ରହିଲା ।

କୁନବାବୁ କହିଲେ ରତନୀ, ମୋ ଉପରେ ରାଗିଛୁ ନିଶ୍ଚୟ । କ'ଣ କରିବି । ଈଶ୍ୱରଙ୍କ ହାତରେ କଥା । ଗୋଟାଏ ଖୁବ୍ ଜରୁରୀ କାମରେ ବାହାରି ଯାଇଥିଲି କାଲିରେ କଟକ । ଆଜି ରାତିରେ ଘରେ ପହଞ୍ଚି ହଠାତ୍ ଶୁଣିବାକୁ ପାଇଲି, ତମ ଘରେ ନିଆଁ ଲଗେଇ ଦିଆ ଯାଇଛି । ତମକୁ ଅତ୍ୟାଚାର କରା ଯାଇଛି । ଦେହ ମୋର ଥରି ଉଠିଲା । ଧୈର୍ଯ୍ୟ ଧରି ରହିପାରିଲିନି, ଅଧିଆ ଅପିଆ ତମର ଭସ୍ମୀଭୂତ କୁଡ଼ିଆକୁ ଥରେ ଦେଖିବାକୁ ଧାଇଁ ଆସିଲି । ତମକୁ ଅନେକ ଖୋଜିଲି. କୌଣସି ସନ୍ଧାନ ମିଳିଲାନି । ଦୁଃଖରେ ଛାତି ମୋର ବିଦୀର୍ଣ୍ଣ ହୋଇଗଲା ।

କେଉଁ ଅତ୍ୟାଗୃହୀ ଏପରି କରିଛି । ତା'ର ସନ୍ଧାନ ନେବାକୁ ମନରେ କେତେଆଡ଼ୁ କେତେ ଚିନ୍ତା ଖେଳିଗଲା । ପୁଣି ଭାବିଲା ଏହାର ମୂଳ କାରଣ ନିଶ୍ଚୟ ଖୋଜି ବାହାର କରିବ । ଆଗେ ତୁମର ସନ୍ଧାନ ନିଏ । ତୁମରି ସନ୍ଧାନ ପାଇ ଆଜି ଛୁଟି ଆସିଛି ମୁଁ । ଆଜି ଅବସର ନାହିଁ ରଞ୍ଜନା । ଉଠିପଡ଼୍, ବାପାଏ ଜୋର ଜରରେ କଷ୍ଟ ଭୋଗୁଛନ୍ତି । ତାଙ୍କ ସେବା ଶୁଶ୍ରୂଷା କରିବାକୁ ହେବ । ମଶାଣିଟା, ଏଠାରେ କ'ଣ ତୋର ରହିବାର ସ୍ଥାନ ? ଛିଃ ପାଗଳୀ ! ଚାଲ୍ ମୋ ସଙ୍ଗରେ । ଏ କ'ଣ ? ତୁ ଯେ କାନ୍ଦୁଛୁ । କାନ୍ଦନା ରଞ୍ଜନା । ତୋର ଆଖିରେ ଲୁହ ଦେଖିଲେ ମୋ ଅନ୍ତର କାନ୍ଦି ଉଠୁଛି ।

ରଞ୍ଜନା ଆଉ ଧୈର୍ଯ୍ୟ ଧରି ରହି ପାରିଲାନି । କୁନବାବୁଙ୍କ ମୁହଁକୁ ଥରେ ଚାହିଁଲା ସେ । ତା' ଚାହାଣି ଭିତରେ ଯେପରିକି ସନ୍ଦେହ ଜମାଟ ବାନ୍ଧି ରହିଛି ।

କୁନବାବୁ ବୁଝିଲେ ରଞ୍ଜନା ଅଭିମାନ କରିଛି । ତାର ପେଲବ ଗଣ୍ଡ ଆଉଁସି ଦେଇ ଦେଇ କୁନବାବୁ ରଞ୍ଜନା ମୁହଁକୁ ଅନାଇ ଦେଲେ । ପୂର୍ବ ଶୋଭା ଶିରୀ ମଉଳି ଯାଇଛି ତାର । ଶୋକ ଉପାସରେ ଦେହର ମାଂସ ମିଳାଇ ଯିବାକୁ ବସିଲାଣି । ଏ ସବୁ ଦେଖି କୁନବାବୁ ଆଉ କାଳ ବିଳମ୍ବ ନକରି ରଞ୍ଜନା ହାତଧରି ଉଠାଇଲେ ।

ଉଠିଲା ରଞ୍ଜନା । ସତେ ଯେପରି ଭୁଲିବାରେ ତାର ବୁକୁରେ ସାହସ ନାହିଁ-ବଳ ନାହିଁ ।

କୁନବାବୁ ଦୁଇଟି ଅସହାୟଙ୍କୁ ସଙ୍ଗରେ ନେଇ ତାଙ୍କ ଲକ୍ଷ୍ୟ ସ୍ଥଳକୁ ଚାଲିଲେ ।

## —ନଅ—

ନିଦରୁ ଉଠି—

ହଠାତ୍ ଚମକି ପଡ଼ିଲା ରଞ୍ଜନା । ଏ କ'ଣ ! ସେ ଆଜି କେଉଁଠି ଶୋଇଛନ୍ତି ? କାହାର ଏ ଘର ? କିଛି ସେ ଠଉରାଇ ପାରୁନାହିଁ । ସୁନ୍ଦର ସୁସଜ୍ଜିତ କୋଠା ଘରଟି । ଦଅଲରେ ମନ ମୁଗ୍ଧକର ଛବି ଗୁଡ଼ିଏ ଟଙ୍ଗା ହୋଇଛି । ଶଙ୍ଖ ମଲ୍ ପଥର ଲଗା ଚଟାଣଟା ଝକ୍ ଝକ୍ କରୁଛି । ସତେ ଯେପରି କଳ୍ପନା ଭବନ । କିଛି ସେ ବୁଝି ପାରୁନି । ଭାବୁଛି, ଯେପରି ସେ ନବ ଜନ୍ମ ପାଇଛି ।

କୁନବାବୁ ଗୋଟିଏ ଚେୟାରରେ ଆସୀନ ।

ରଞ୍ଜନା ଏ ସବୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ସେ କ'ଣ ସ୍ୱପ୍ନ ଦେଖୁଛି ? କାହିଁ ତାର ସେଇ ଛୋଟି ମାଟି କୁଡ଼ିଆ ଘର ? ଭଙ୍ଗା ରୁଜା ଆସବାବ ପତ୍ର ? ସବୁ ଯେପରି ତା' ଆଖି ଆଗରୁ କେଉଁଆଡ଼େ ଲୁଚି ଗଲାଣି ।

ଚକିତ ହୋଇ ପଚାରିଲା କୁନବାବୁଙ୍କୁ

—ଏ କାହାଘରେ ମୁଁ ଶୋଇଛି ? କିଏ ମୋତେ ଏଠାକୁ ଆଣିଛି ? ସତକରି କୁହ ମୋ ବାପା କାହିଁ କୁନବାବୁ । ତାଙ୍କୁ ଜର ହୋଇଥିଲା । ପନ୍ଦରଦିନ ଧରି କିଛି ସେ ଖାଇନାହିଁ— କେଉଁଠି ଅଛି ? ମୁଁ ତା ନିକଟକୁ ଯିବି । ମୋତେ ବାଟ ଦେଖାଇ ଦିଅ । କହୁଁ କହୁଁ ରଞ୍ଜନୀ ଭୋ ଭୋ କାନ୍ଦି ଉଠିଲା ।

ଆରେ, ଭୁତ ଗୋଟାଏ ପାଗଳୀ ମୁଁ ଦେଖୁଛି । ଏପରି ବ୍ୟସ୍ତ କାହିଁକି ହେଉଛ ରଞ୍ଜନୀ ? ଏହା ଭିତରେ କ'ଣ ତୋର ମୁଣ୍ଡ ଖରାପ ହୋଇ ଗଲାଣି ? ଘଟଣା ସବୁ ଏତେ ଚଞ୍ଚଳ ଭୁଲି ଗଲୁଣି ? ସେଦିନ ତମ ଘର ଜଳି ପୋଡ଼ି ଭସ୍ମୀଭୂତ ହୋଇ-ଗଲା । ତମେ ବାପ ଝିଅ ଦି'ଜଣ ଆଶ୍ରୟ ନେଇଥିଲ ଗ୍ରାମ ଶେଷସୀମା ସେହି ମଶାଣିର ଗଛ ମୂଳରେ । ତା' ପରେ ତମକୁ ମୁଁ ନେଇ ଆସିଲି କଟକ । ବାପା ତୋର ବର୍ତ୍ତମାନ ହସପାତାଲରେ ।

ରଞ୍ଜନୀର ସବୁକଥା ମନେ ପଡ଼ିଲା । ଜନ୍ମଦିଆ ବାପକୁ ଦେଖିବା ପାଇଁ ପ୍ରାଣଟା ଉଦ୍‌ବେଳ ବିକଳ ହେଲା ତାର ।

କେତେ ଅନୁନୟ ବିନୟ କରି କୁନବାବୁଙ୍କୁ କହିଲା, ବାପାକୁ ଟିକେ ଦେଖି ଆସିବା ଚାଲ । ସତେ କଣ ସେ ଭଲ ହୋଇ ଗଲେଣି ?

କୁନବାବୁ ରଞ୍ଜନୀର ମନ ପରିବର୍ତ୍ତନ ପାଇଁ ତାଙ୍କୁ ସଙ୍ଗରେ ଧରି ମେଡ଼ିକେଲ ହସପାତାଲକୁ ବାହାରି ପଡ଼ିଲେ ।
ଅଳ୍ପ ସମୟ ପରେ କୁନବାବୁ, ରଞ୍ଜନୀ ଦୁହେଁ ଗାଡ଼ିରୁ ଓହ୍ଲାଇ ପଡ଼ିଲେ ।

ସହରରେ ଚାଲିବା ରଞ୍ଜନା ପକ୍ଷରେ ଏଇ ସର୍ବ ପ୍ରଥମ । ରଞ୍ଜନା ଦେଖିଲା ବଡ଼ବଡ଼ କୋଠା । ତା'ର ଚାରିପାଖରେ ଗାଡ଼ି ଘୋଡ଼ା ଜନ ଗହଳି—ଡର ଲାଗିଲା ତାକୁ ।

କୁନବାବୁ ରଞ୍ଜନାର ହାତ ଧରି କହିଲେ

—ଡ଼ର ଲାଗୁଛିକି ରଞ୍ଜନା ? ଆସୁ ମୁଁ ତୋ ହାତ ଧରୁଛି, ମୋ ସଙ୍ଗରେ ଚାଲିଆ ।

ବାଇଶ ନମ୍ବର ସିଟ୍ ପାଖକୁ ଆଗେଇଲେ ଦୁଇଜଣ ।

ସପନାର ରୋଗ କାଲିଠାରୁ ବିଶେଷ ବଢ଼ି ଯାଇଛି, ଅବସ୍ଥା ଅତି ସାଙ୍ଘାତିକ ବୋଲି ନର୍ସ କହିଲା ।

ରଞ୍ଜନା ଛାଟ୍‌କରି ଚମକି ପଡ଼ିଲା ।

ଭାବିଲା—

ବାପା ତାର କଣ ଆଉ ବଞ୍ଚିବ ନାହିଁ ?

ଭୀଷଣ ଜର ସପନାକୁ ଜ୍ଞାନ ଶୂନ୍ୟ ଅବସ୍ଥାରେ ପଡ଼ି ରହିଛି ସେ ।

ଆଗପରି ଆଖି ଖୋଲି ଚାହୁଁନାହିଁ । ଆଶାନାହିଁ ବୋଲି ହଠାତ ତାଙ୍କ ପାଟିରୁ ବାହାରି ପଡ଼ିଲା । ତାଙ୍କ ହାତରେ ଥିବା ଫଳ କେତେଟା ତଳେ ବିଞ୍ଚି ହୋଇ ପଡ଼ିଗଲା ।

ରଞ୍ଜନା ଭୋ ଭୋ କରି କାନ୍ଦି ଉଠିଲା ।

ଅନ୍ୟରୁମ୍‌ରୁ ନର୍ସ ଡାକ୍ତର ଧାଇଁ ଆସିଲେ । ହସପାତାଲରେ ଏପରି ଚିତ୍କାରକରିବା ଅନୁଚିତ । ସୁତରାଂ ତୁମେ ଶୀଘ୍ର ଏଠାରୁ ଚାଲିଯାଅ କହି ଡାକ୍ତରବାବୁ ଟେଥିସ୍‌କୋପଟା ପକାଇ ସପନାର ଅଙ୍ଗ ପ୍ରତ୍ୟଙ୍ଗ ଥରେ ଦେଖିଗଲେ । କ'ଣ ବୁଝିଲେ କେଜାଣି,

କହୁଲେ—
ରୋଗୀର ହୃତ୍ ଚ୍ଳନା ବନ୍ଦ ହୋଇ ଯାଇଛି । ବୋଧହୁଏ ମୃତ ।

ସଙ୍ଗେ ସଙ୍ଗେ ଦୁଇଜଣ କଳାପ୍ୟାଣ୍ଟ ସାର୍ଟ ପିନ୍ଧା ଯୁବକ ଧାଇଁ ଆସିଲେ । ସିଟ୍‌ରୁ ସପନାର ମଲା ଦେହଟାକୁ ବାହାର କରିଆଣି ଗୋଟାଏ ଅନ୍ୟ ରୁମ୍‌କୁ ନେଇଗଲେ ।

ଏ ସବୁ ଦେଖି କାଠ ପାଲଟି ଗଲା ରତନା ।

ସପନା ଏ ପୁରରୁ ଚାଲିଗଲା ଜୀବନର ସବୁ ମାୟା ମମତା ତୁଟାଇ ।

ବାପକୁ ହରାଇ ବ୍ୟଥିତ ହେଲା ଅନ୍ତର ତାର । ଦୁନିଆଁରେ ଯେ ତାର ଅତି ଆପଣାର ସେ ଚାଲିଗଲା । ଆଖିରୁ ଅନବରତ ଧାର ଶ୍ରାବଣ ପରି ଝରି ପଡ଼ିଲା ଲୋତକ । କାହାକୁ ଆଉ ମନକଥା କହିବ ?

ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁରେ ଦୁଃଖିତ ହୋଇଥାନ୍ତି ସମସ୍ତେ—କାନ୍ଦଥାନ୍ତି ସମସ୍ତେ । ମାତ୍ର ଏପରି କାନ୍ଦଥାନ୍ତି ଖୁବ୍ ଅଳ୍ପ ଲୋକ ।

କୁନବାବୁ ରତନାକୁ ବୁଝେଇ ସୁଝେଇ ହସପାତାଳର ହତା ବାହାରକୁ ନେଇ ଆସିଲେ ।

ଦୁଃଖରେ ଜୀବନଟା ଦହଗଞ୍ଜ ହେଲା ରତନାର । ପିଲାଟି ଦିନରୁ ମାଆକୁ ହରାଇ, ମା' ବଦଳରେ ବାପର ସ୍ନେହରେ ସେ ବଢ଼ି ଆସିଥିଲା । ଆଜି ସେ ଅସହାୟା—ତା'ର ଆପଣାର ବୋଲି କେହି ନାହିଁ ।

କାଲେ ରଭଣୀ ଏହି ଚିନ୍ତାରେ ଅଧୈର୍ଯ୍ୟ ହୋଇ ପଡ଼ିବ, ଆଉ କାଳ ବିଳମ୍ବ ନକରି କୁନବାବୁ ତାଙ୍କୁ ସଙ୍ଗରେ ଘେନି ବସାକୁ ଫେରିଲେ ।

ଅଳ୍ପ ସମୟ ପରେ ରଭଣୀକୁ ଧରି ବସାରେ ପହଞ୍ଚିଲେ କୁନବାବୁ । ସପନାର ମୃତ୍ୟୁରେ ଦୁହିଁଙ୍କର ମନ ଭାଙ୍ଗି ପଡ଼ିଛି । ଭଗବାନଙ୍କ ବିଚାର ଭିନ୍ନ ପ୍ରକାର ।

ଧୈର୍ଯ୍ୟ ସହକାରେ କୁନବାବୁ ରଭଣୀକୁ କହିଲେ—

ଦେଖ୍ ରଭଣୀ, ଚିନ୍ତା କରିବାର ବେଳ ଏ ନୁହେଁ । ବାପା ଚାଲିଗଲେ । ଖୁବୁଛି, ଏତେ ଦୁଃଖ ବିପଦ ସହିଥିଲେ, ତଥାପି ତାଙ୍କୁ ଈଶ୍ୱର ବଞ୍ଚାଇ ପାରିଲେ ନାହିଁ । ଏ'ତ ଦୁନିଆର ଧରାବନ୍ଧା କଥା । ସମସ୍ତେ ଏ ପୃଥିବୀକୁ ଅତିଥି ଭଳି ଆସି ଥାଆନ୍ତି । ସମୟ ଯାହାର ଯେତେବେଳେ ଶେଷ ହୋଇଯାଏ, ସେ ସେତେବେଳେ ତାର ନିର୍ଦ୍ଦିଷ୍ଟ ସ୍ଥାନକୁ ଚାଲିଯାଏ । କେହି କାହାପାଇଁ ଅପେକ୍ଷା କରେନି । ଦୁନିଆଁଟା ଯେମିତି ଥାଏ ସେମିତି । କେବଳ ଗୋଟାଏ ମୋହ । ଗୋଟାଏ ଆକର୍ଷଣ ବଳରେ ମଣିଷ ଅସ୍ଥାୟୀ ହୋଇ ମୁଣ୍ଡା ପୃଥିବୀକୁ ଦୁଇଦିନ ପାଇଁ ଜୀବନ୍ତ କରି ତୋଳେ ।

ଏଇ ତାର ଆନନ୍ଦ-ଏଇ ତାର ଶାନ୍ତି ।

ଏଥିରେ ବ୍ୟଥିତ ହେବାର କିଛି କାରଣ ନାହିଁ ରଭଣୀ ।

ରଭଣୀ ସବୁ ଜାଣେ—ତଥାପି ମନଟା ତାର ଅମାନିଆ ହେଇଛି ।

କୁନବାବୁ ବିଶେଷ ବିଳମ୍ବ ନକରି ସପନାର ଶବ ସତ୍କାର କରିବା ଆୟୋଜନରେ ବାହାରି ପଡ଼ିଲେ, ଏବଂ ରତନାକୁ କହିଗଲେ ତୁ ବସାରେ ବସିଥିବୁ ।

ରତନା ଦୁଃଖଭରା କଣ୍ଠରେ ହଁ ଟିଏ କଲା ।

ସଙ୍ଗରେ ନିତାନ୍ତ ଆଉ ଜଣେ ଦ' ଜଣ ଦରକାର । ମନେ ପଡ଼ିଲା, ତାଙ୍କର ବହୁ ଦିନର ଜଣେ ବନ୍ଧୁଙ୍କ କଥା ।

ତାଙ୍କ ସହଯୋଗ ବ୍ୟତୀତ ସେ କିଛି କରି ପାରିବେ ନାହିଁ ବୋଲି ଭାବିଲେ । ପୁଣି ଗୋଟାଏ ଚିନ୍ତା ତାଙ୍କ ମୁଣ୍ଡରେ ଖେଳିଲା—

ହୁଏତ ସେ ତାଙ୍କୁ ଚିହ୍ନି ପାରିବେ କି ନାହିଁ ?

ସେତ ଅନେକ ଦିନର କଥା—ଯେତେବେଳେ କୁନବାବୁ ରେଭେନସା କଲେଜରେ ଫାଷ୍ଟ ଇଅର ଥିଲେ, ସେତେବେଳେ ସେ ତାଙ୍କର ପଢ଼ାସାଥୀ । ତାଙ୍କରି ଘରେ ଖିଆ ପିଆ ଆଲାପ ଆଲୋଚନା ବହୁତ ସେ କରନ୍ତି ।

ତାଙ୍କ ଘରକୁ ଯିବାପାଇଁ ଗୋଟାଏ ସାଇକେଲ ରିକସା ଡାକିଲେ ।

ରିକସା ଚାଳକ ଆସି ପହଞ୍ଚି ଗଲା । ତା ସହିତ ଭଡ଼ା ଠିକ୍ କରିବା ସମୟରେ, କିଏ ଜଣେ ତାଙ୍କ ପଛ ପଟରୁ ଆସି ଆଖି ଯୋଡ଼ାକ ବୁଜି ଧରିଲା । କୁନବାବୁ କିଛି ଧାରଣା କରି ପାରିଲେ ନାହିଁ । "କିଏ ଆପଣ" କହି, ତାଙ୍କ ଦୁଇ ହାତକୁ ଆଖି ସାମନାରୁ ଟାଣି ଆଣିଲେ । ଭଦ୍ର ଲୋକଟିକୁ କୁନବାବୁ ହଠାତ୍ ଚିହ୍ନି ପାରିଲେ ନାହିଁ ।

ତାପର ଧୋ ଧୋ ଶାନ୍ତ ହୋଇ କହିଲେ, କ୍ଷମା କରିବେ, ଆପଣଙ୍କ ନାମ ପଚାରି ପାରେ !

ମୋ ନାମ—ମୋନାମ, ନିର୍ମଳ ଚନ୍ଦ୍ର ରାୟ ।

ଏତେ ଚଞ୍ଚଳ ଭୁଲିଯିବୁ ବୋଲି ଭାବି ନଥିଲି କୁନ ! ଅବଶ୍ୟ ତୁ ବଡ଼ଲୋକ । ତୋ ଜୀବନରେ ଅନେକ କିଛି ପରିବର୍ତ୍ତନ ହୋଇ ଯିବନି । ତଥାପି......... ।

ଓଃ ନିର୍ମଳ ।

ଆରେ ଭାଇ, ତୋତେ ମୁଁ ଚିହ୍ନି ପାରିଲିନି, ହେବନି, ହେବନି କହି କୁଣ୍ଢାଇ ପକାଇଲେ କୁନବାବୁ । ଦୁଇବନ୍ଧୁ ଇତିହାସ ଅବୃତ୍ତିରେ ଲାଗିଗଲେ !

ନିର୍ମଳ ପଚାରିଲା—

କୁନ, ତୋର ଆଉ ସବୁ ଖବର କ'ଣ ? କଟକରେ ପଢ଼ା ଛାଡ଼ିଲା ଦିନୁ ଆଉ ତ ଦେଖାନାହିଁ । ତୋର ବାପା ବୋଉ ଭଲ ଅଛନ୍ତି ତ ? କୁନବାବୁ କହିଲେ, "ହଁ ସମସ୍ତେ ଭଲ ଅଛନ୍ତି । କଟକ କାହିଁକି ଆସିଛୁ ? ଆମ ଭଳି ତ ଅଭାଗା ନୋହୁଁ ଯେ ଚାକିରି କରି ପର ଘରେ ମୁଣ୍ଡଟାକୁ ପଚାଶ ଷାଠିଏ ଟଙ୍କାରେ ବିକି ଦେବୁ ?

ବାସ୍ତବିକ ତୋ ଜୀବନ ଧନ୍ୟ । ତୋ କଥା ଅନେକ ସମୟରେ ବନ୍ଧୁ ମହଲରେ ପଡ଼େ । ତୋର ସୁନାମ ଗାଇବାକୁ ଛାଡ଼େନି ମୁଁ ।

ଥାଉ ନିର୍ମଳ ମୋର ସୁଖ୍ୟାତି ଗୁଡ଼ାଏ ଗାଇଲୁଣି । ଆଉ ଦରକାର ନାହିଁ ।

ହଁ ନିର୍ମଳ । ମୁଁ ବର୍ତ୍ତମାନ ତୋ'ର କଥା ଭାବୁଥିଲି । ତମ ଘରକୁ ମଧ୍ୟ ଯାଇ ଥା'ନ୍ତି ।

ଆମ ଘରକୁ ଯାଇଥାନ୍ତୁ ? ବଡ଼ ମିଥ୍ୟାବାଦୀ । ବର୍ତ୍ତମାନ ଦେଖା ସାକ୍ଷାତରେ ଚିହ୍ନି ପାରୁନ । ଆମ ଘରକୁ କେମିତି ଯାଇଥାନ୍ତୁ ? ଏମିତି ପଚାରି ପଚାରି ନିର୍ମଳ ହସିଲା ।

କୁନବାବୁ କହିଲେ—"ନିର୍ମଳ ।"

ଛାତ୍ର ଜୀବନରେ ଅନେକ ଦେଶ ହିତକର କାମ କରିବାକୁ ହୋଇଛି ଆମକୁ । ବେଶ୍ ମନେ ଥିବ ତୋର । ଆଜି ସେହି-ପରି ଗୋଟାଏ କାମରେ ଆମକୁ ଭାର ନେବାକୁ ପଡ଼ିବ । ଏକା ପାରିବି ନାହିଁ ବୋଲି, ତୋ ସହଯୋଗ ଲୋଡ଼ୁଛି ।

"କଣ କରିବାକୁ ହେବ କହନ୍ତୁ ?"

ଗୋଟାଏ ଲୋକର ଶବ ସତ୍କାର କରିବାକୁ ହେବ ।

ପାରିବୁତ ?

ନିଶ୍ଚୟ, ନପାରିବି କାହିଁକି ? ଚାଲନ୍ତୁ

ଦୁଇବନ୍ଧୁ ଶବ ସତ୍କାର ଉଦ୍ଦେଶ୍ୟରେ ଚାଲିଗଲେ ।

\+ \+ \+ \+

ଶବ ସତ୍କାର କରି ଦୁଇବନ୍ଧୁ ଫେରୁ ଫେରୁ ପ୍ରାୟ ସନ୍ଧ୍ୟା ହୋଇ ଯାଇଥିଲା ।

ରାସ୍ତାରେ ଆସୁ ଆସୁ ନିର୍ମଳ ପଚାରିଲା—

କୁନ ! ଏହି ଯେ ବୁଢ଼ାଟି ମରିଗଲେ, ତୋର ସେ କଣ ହୁଅନ୍ତି?

ସେ କିଛି ହୁଅନ୍ତିନି ମୋର, ଗ୍ରାମର ଜଣେ ଜଣା ଶୁଣା ଲୋକ । ଆଜକୁ ଦଶ ବାର ଦିନ ହେବ ମେଡ଼ିକେଲ୍‌ରେଆଣି

ଗୁଡ଼ିଥିଲି ଚବିଶ ଘଣ୍ଟା ଜର ଦେହରେ ରହିଲା । କ'ଣ କରିବ ଭାଇ, ଭାଗ୍ୟ ତାର ଖରାପ । କେବଳ ଗୁଡ଼ାଏ ଧନ ହେବାକୁ ପଡ଼ିଲା ମୋତେ । କିଛି ଫଳ ହେଲାନି । ଶେଷରେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା ।

ଆଚ୍ଛା କୁଳ, ତୋର କଟକ ଆସିବାର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଏହି ବୁଢ଼ାଙ୍କ ପାଇଁ ?

ହଁ ସେହିପରି ।

କଥାଟା ଗୋପନ ରଖି କୁଳବାବୁ ଆଉ କିଛି କହିଲେନି । ବହୁଦିନ ପରେ ଦୁଇ ବନ୍ଧୁଙ୍କର ଦେଖା ସାକ୍ଷାତ ଆଳାପ ଆଲୋଚନାରେ ଉଭୟେ ବଡ଼ ଆନନ୍ଦିତ ହୋଇ ପଡ଼ିଛନ୍ତି । ଛାତ୍ର ଜୀବନଠାରୁ ଏ ଯାବତ ସବୁ ଘଟଣା ଗୁଡ଼ିକ ପଚାରିବାରେ ତ୍ରୁଟି ନଥାଏ ନିର୍ମଳର ।

—ଅନେକ ବାଟ ଚାଲି ଆସିଲେଣି ନିର୍ମଳ । ହଉ ତେବେ ଥା । ଆଜି ମୁ ଯାଉଛି । ଦୁଏତ ଅନ୍ୟ କେବେ ସାକ୍ଷାତ କରିବା ।

ଏମିତ କଣ ହୁଏ ? ଆମ ଘରକୁ ଆଜି ନିଶ୍ଚୟ ତୋତେ ଯିବାକୁ ହେବ ।

କୁଳବାବୁ ମୁରୁକି ହସା ଦେଇ କହିଲେ—

ନାହିଁ ନିର୍ମଳ, ମୁ ଅନ୍ୟଦିନ ଯିବି । କଟକରେ ବସାନେଇ ଅଛି । ପରେ କଥାବାର୍ତ୍ତା ହେବା ।

—ତୋ ବସାରେ ଆଉ କିଏ ଅଛନ୍ତି କୁଳ ?

—କେହି ନାହାନ୍ତି ।

—ତୁ ଏକା ?

—ହଁ

ତା ହେଲେ କଣ କଟକର ଏହି ବିଖ୍ୟାତ ରେଷ୍ଟୁରେଣ୍ଟ ଗୁଡ଼ାକ ଆମକୁ ପରିହାସ କରୁଥିବେ ? ଜଳ ଯୋଗ କିଛି ହେବନି ?

କୁନବାବୁ କହିଲେ—

ହଁ ହଁ ଜଳଯୋଗ କାହିଁକି ନହେବ ।

ଦୁଇବନ୍ଧୁ ରେଷ୍ଟୁରେଣ୍ଟ ଭିତରେ ପଶିଲେ । ଜଳ ଯୋଗର ବ୍ୟବସ୍ଥା ହେଲା । ମଝିରେ ମଝିରେ ଦୁଇବନ୍ଧୁଙ୍କର କେତେ ଖୁସିଗପ ଚାଲିଥାଏ । ନିର୍ମଳ ପକେଟରୁ ରୁମାଲ ବାହାର କରି ମୁହଁ ପୋଛୁ ପୋଛୁ କହିଲା—

କୁନ, ସିଗାରେଟ କଣ ଗୁଡ଼ା ହେଲଣିନା ଚଳେ ?

ହଁ ଚଳେ ।

ସିଗାରେଟ୍ ଗୋଟାଏ କୁନବାବୁଙ୍କୁ ବଢ଼ାଇ ଦେଇ ନିଜେ ଗୋଟାଏ ମୁହଁରେ ଲଗାଇଲା ନିର୍ମଳ ।

—ଆଚ୍ଛା ନିର୍ମଳ, ତୁ ମୋ ବସା ଆଡ଼େ କେବେ ଆସୁଛୁ ?

ସମୟ ଦେଖି ଯିବି ।

ତୁ କଟକରେ କେତେଦିନ ଅଛୁତ ?

ହଁ ବର୍ତ୍ତମାନ କିଛିଦିନ ଅଛି ।

ବିଦାୟ—

ବସାକୁ ଗଲେ କଥା ବାର୍ତ୍ତା ହେବା । ନମସ୍କାର ।

ପ୍ରତି ନମସ୍କାର କଲା ନିର୍ମଳ ।

କୁନ ବାବୁଙ୍କର ବସାରେ ପହଞ୍ଚିବା ସେଦିନ ଟିକେ ଡେରି ହୋଇଗଲା ।

ରତ୍ନମା ଏକାକି ପଡ଼ି ଖଟ ଉପରେ ବସି ରହୁଥାଏ, କୁନବାବୁଙ୍କର ପ୍ରତୀକ୍ଷାରେ ।

କୁନବାବୁଙ୍କ ଦେଖି ରତ୍ନମା ଖଟ ଉପରୁ ଉଠି ପଡ଼ିଲା ।

ଧୀର ନରମ ଗଳାରେ କହିଲା—

ବାପାର ଶବ, ଦାହ କରି ଆସିଲତ ?

ହଁ ରତ୍ନମା, ସେଇଥି ପାଇଁତ ଏତେ ଡେରି ।

—ମୁ ଏକୁଟିଆ କଣ ପାରିଥାନ୍ତି ? ବନ୍ଧୁ ନିର୍ମଳ ମୋତେ ଯଥେଷ୍ଟ ସାହାଯ୍ୟ କରିଛନ୍ତି । ସେ ନଥିଲେ, ମୋତେ ଗୁଡ଼ାଏ ଅସୁବିଧା ଭୋଗ କରିବାକୁ ପଡ଼ିଥାନ୍ତା ।

ରତ୍ନମା ଜିଜ୍ଞାସୁ ଦୃଷ୍ଟିରେ ପଚାରିଲା,ନିର୍ମଳ କିଏ ? ତମର ଜଣା ଶୁଣା ବନ୍ଧୁ ? ଏହି କଟକରେ ଥାନ୍ତି ?

ହଁ ହଁ ମୋର ଜଣା ଶୁଣା ବନ୍ଧୁ ।

କଟକରେ ରେଭେନ୍‌ସା କଲେଜରେ ଦୁଇଜଣ ଏକା ସଙ୍ଗରେ ପଢୁଥିଲୁ—ପଢା ଛାଡ଼ି ମୁ ରହିଲି ଘରେ । ଏହା ଭିତରେ ସେ ବି, ଏ, ପାସକରି; ସେକ୍ରେଟେରିଏଟରେ ଗୃହକର୍ମୀ ଚାକିରିରେ ଲାଗିଛି । ବାପା, ମାଆ, ଭାଇ ଭଉଣୀ ସମସ୍ତେ ତାର ଏହି କଟକରେ ଥା'ନ୍ତି । ଚଳିବା ମଧ୍ୟ ତାଙ୍କର ଭଲ ।

ମୋର କଣ ଏତେ ଡେରି ହୋଇ ଥା'ନ୍ତା ? କେବଳ ତା'ରି ପାଇଁ ଡେରି ହୋଇଗଲା ।

ନିର୍ମଳଙ୍କୁ କହିଛି ଆମ ଘରକୁ ଆସିବ ।

ଆମ ଘରକୁ ଆସିବ ? ଆମର ଘର କାହିଁ ? କ'ଣ କାହିଁ ? ଭଡ଼ାଟାରେ ଡାକି ଆଣିବ ତାଙ୍କୁ । ବଡ଼ଲୋକ ସେ । ତାଙ୍କୁ ଆମେ ସମ୍ମାନ ଦେଇ ପାରିବାତ ?

କ'ଣ କହୁଛୁ ରତ୍ନା ! ସମ୍ମାନ ଦେଇ ପାରିବାନି ଆମର କ'ଣ ନାହିଁ ? କେଉଁକଥା ଅଭାବ ଅଛି ?

ଦୁର୍ବଳ ମନ ତୋର ସବୁବେଳେ ଖାଲି ଭାଙ୍ଗି ପଡ଼ୁଛି କାହିଁକି ? ସାହସ ଯେମିତି ହଜି ଯାଉଛି ତୋର, ଧନତ ଅଛି, କେବଳ ମନ ଲୋଡ଼ା ।

ରତ୍ନା ମୁରୁକି ହସି କହିଲା—

ହଉ ତେବେ ତୁମରି କଥା ହେଲା । ଅନେକ ବେଳ ହେଲାଣି ଗଣ୍ଡେ ଖାଇବ ଚାଲ । ଭାତ ତେଣେ ଶୁଖି ଯିବନି ।

କୁନବାବୁ ରତ୍ନାର ମୁହଁକୁ ଟିକେ ଅନାଇଁ ଦେଲେ— ଯେପରି ତା ମନରୁ ଦୁଃଖ ନୈରାଶ୍ୟ କ୍ଷଣକ ମଧ୍ୟରେ ଉଭେଇ ଯାଇଛି କେଉଁଆଡ଼େ । ମନେ ହେଉଛି ସପନାର ମୁହଁକୁ ଯେପରି ପାଶୋରି ପକାଇଛି, ସବୁ ଭୁଲି ଯାଇଛି ସେ । ପ୍ରାଣ ତା'ର ମୁକ୍ତ—ସ୍ୱଚ୍ଛ ।

କୁନବାବୁ ହସି ହସି କହିଲେ—

ଏଥର ବଡ଼ ଘରଣୀ ହୋଇଯିବୁ ରତ୍ନା ।

ରତ୍ନା କହିଲା "ଆଉ ତମେ......... ।"

ଦୁଇଟି ପ୍ରାଣ ମୁକ୍ତ ଆଲୋକରେ ହସି ଉଠିଲା ।

ନୂଆ ଦୁନିଆଁ ବକ୍ଷରେ ଦୁହିଁଙ୍କର ସ୍ୱପ୍ନ ସଫଳ ହେଲା ।

—ଦଶ—

ସ୍ୱପ୍ନ ମଂଜରୀ !!

କୁନ କଣ ଭାବେଲେ କେଉଁଆଡ଼େ ଚାଲିଗଲା ? ଦେଖୁ ଦେଖୁ କେତେ ମାସ ହୋଇ ଗଲାଣି ତା'ର କୌଣସି ସନ୍ଧାନ ମୁଁ ପାଇଲି ନାହିଁ । ଯେତେ ଦୂର ମନେ ହେଉଛନ୍ତି— କୁନ ନିଷ୍ଠୁର କଟକ ପଳାଇ ଯାଇଛି ।

ସବୁବେଳେ ତୁମେ ଖାଲି ପିଲାଳିଆ କଥା କହୁଛ । ପୁଅଟାର ଖବର ନେଉନା । ଘରେ ଚୁପ୍ ହୋଇ ବସିଛ । ଟିକେ ତମର ଦେହ ତାଳୁଛି ନାହିଁ । ଜନମ କଲା ପୁଅ । ନେ'ଟା ନାହିଁକି ଛୁ'ଟା ନାହିଁ । ଆଖି ଆଗରେ ସେହି ଗୋଟିଏ । କ'ଣ ତମେ କଲ । ବାରଣ କରୁଥିଲି ମୁଁ । ଏସବୁ କରନା । ତାହାଙ୍କ ମିଛଟାରେ ଶପଥ କଣୁଛ ? ଶୁଣିଲ ନାହିଁ ମୋ କଥା । ଦୁଃଖୀଟା ଦାନା ନାହିଁ ଘରେ । ଗରିବ ପ୍ରଜାଟା ସେ । ସତ୍ୟାନାଶ ତାର କଲ—ମୁଣ୍ଡ ଗୁଞ୍ଜିବାକୁ ବସୁ ବାସରେ ଥାନ ଦେଲନାହିଁ । କେଉଁଆଡ଼େ ସେ ଗଲା ? କେଉଁଠି ରହିଲା ? କାହାର ବାର ଦୁଆର ମୁଣ୍ଡି-ପିଣ୍ଡାରେ ବସି ଆଖିରୁ ଲୁହ ଢାଳୁଥିବ । ସେ ତାର ଲୁହ ନୁହେଁ ରକ୍ତ । ଗାଳି ଦେଉଥିବ—ଅଭିଶାପ ଦେଉଥିବ । ସ୍ୱପ୍ନମଞ୍ଜରୀ କାନ୍ଦ ପକାଇଲେ ।

କଣ ତୁମେ କହୁଛ ସ୍ୱପ୍ନମଞ୍ଜରୀ ? ଦେଖୁ ଦେଖୁ ଆଖି ଆଗରେ କି ଯେ ବିଭତ୍ସ ଲୀଳା ଘଟି ନଗଲା ? ବଡ଼-ସାନ ଉଚ୍ଛ-ନିଚ୍ଛ, ଏ ସବୁର ଯଦି ଭେଦା ଭେଦ ନ ରହିବ, କେହି କାହାକୁ ମାନିବେ ନାହିଁ । ତୁମ ମତରେ ଏସବୁ ପ୍ରଶ୍ରୟ ଦେଇ-ଥିଲେ କ'ଣ ଭଲ ହୋଇ ଥାନ୍ତା ? ତୁମେ ଯାହା ଭାବ ସ୍ୱପ୍ନ-ମଞ୍ଜରୀ, ମୁଁ ଯାହା କରୁଛି ଠିକ୍ କରୁଛି । ସେଦିନ ଅନେକ ଭାବି ଚିନ୍ତି ଦେଖିଲି, କୁନ ଏ ସବୁ କଥାର ମୂଳ କାରଣ । ତାରି ପାଇଁ ଆଜି ମୋର ଆତ୍ମ ସମ୍ମାନ ଲୋପ ପାଇଛି । ନୋହିଲେ ସାରା ଗ୍ରାମଟାର ପ୍ରଜା ଗୁଡ଼ାକ, ଏମାନଙ୍କର କେତେ ପିତ୍ତ, ଆଜି ମୋତେ ରୁକ୍ଷ ସମାଲୋଚନା କରନ୍ତେ । ଯେମାନଙ୍କର ପଦେ କଥା କହିବାର ସାହସ ନାହିଁ, ଶକ୍ତି ନାହିଁ, ସେମାନେ ମୋର ସମ୍ମୁଖରେ ନିନ୍ଦା ରଚନା କରୁଥାନ୍ତେ ।

ହଁ ମୁଁ ଜାଣେ, କୁନ ଏକଥା ଗୁଡ଼ାକ ବଢ଼ାଇଛି । ତମରି ପ୍ରଅତ୍ତ ସେ । ରାଗ ରୋଷ କରି ଏଣୁ ତେଣୁ ଗୋଟାଏ କରି ପକାଇଲେ କ'ଣ ଭଲ ହେବ ? ତା' ମୁଣ୍ଡ ଖରାପ ହୋଇଛି, ତାକୁ ଭଲବାଟ ଦେଖାଇ ସୁଧାରି ଅଣ ।

ଗାଳି କହିଲେ କଣ ହେବ ?

ନା ସ୍ୱପ୍ନମଞ୍ଜରୀ, ତା ନୁହେଁ । ନିଜେ କୁନ ଭୁଲ୍ କରି ଯାଉ ନାହିଁ ଯେ—ସାରା ଦୁନିଆକୁ ଭୁଲ୍‌ବାଟ ଦେଖାଉଛି । ସେଦିନ ଦେଖିଲନା—ଗାଁ ଗୋଟାକର ପ୍ରଜା ମେଣ୍ଟ ବାନ୍ଧି, କ'ଣ ଗୋଟାଏ ମିଟିଂ କରିଛନ୍ତି । ଜମିଦାର ମୁଁ—ମୋତେ ଜଣାନାହିଁ । ସପନା ପ୍ରତି ଅତ୍ୟାଚାର ମୁଁ କରିଛି । ତାର ପ୍ରତିବାଦ କରି ସେମାନେ ଲିଖିତ ଆକାରରେ ଜଣାଇଛନ୍ତି ।

ତହିଁରେ ଲେଖା ଅଛି, ନିରୀହ ପ୍ରଜା ପ୍ରତି ଅତ୍ୟାଚାର କରିବା ଆପଣଙ୍କ ପକ୍ଷରେ ସୁନ୍ଦର ହୋଇନି । ସପନା ଆଜି ଆପଣଙ୍କ ପାଇଁ ଦେଶଛଡ଼ା । କାଲିଯେ ସେହିପରି ଅନ୍ୟ କୌଣସି ପ୍ରଜା ଦେଶଛଡ଼ା ନହେବ, ତାର କିଛି ମାନେନାହିଁ । ମୋଟା-ମୋଟି ଆମେ ଯାହା ବୁଝୁ —ସପନାର ଏଥିରେ, କୌଣସି ଦୋଷ ନାହିଁ । ଦୋଷ ଅଛି ଆପଣଙ୍କର । ନିଜର ଦୋଷଟା ଲୁଚାଇ ଗରିବ ଅସହାୟଙ୍କୁ ଦଣ୍ଡଦେବା ଘୋ'ର ଦୋଷାବହ । ଏମିତି କେତେକଣ ଲେଖିଛନ୍ତି ସେମାନେ ।

ଯେତିକି ରାଗ ଆସୁଛି ମନରେ—ସେତିକି ପୁଣି ଚିନ୍ତିତ ହେବାକୁ ପଡ଼ୁଛି । ଉତ୍ତେଜନାରେ ବଶବର୍ତ୍ତି ହୋଇ, କ'ଣ ଗୋଟାଏ ଯେ କରି ପକାଇଲି ।

—ବୁଦ୍ଧି ବିବେକ ମୋର ହଜି ଗଲାଣି ସ୍ୱପ୍ନ ମଂଜରୀ ! ଏମିତି ବିପଦର ସନ୍ଧି କ୍ଷଣରେ, କୂନ ପ୍ରତିଶୋଧ ନେବାକୁ ବାଧ୍ ଯାଉନି । ଏଇତ ଦୁନିଆଁ !

ସେ ଗୋଟିଏ ପୁଅ, ତାର ସାହସ ଦେଖନି । ସାରା ଗାଁ ଗୋଟାକରେ ଅଶାନ୍ତି ଉପଦ୍ରବ ଅରାଜ୍ୟ ସୃଷ୍ଟି କରୁଛି କେବଳ ସେଇ । ଯଦି ସପନାର ହାରଛ ନ ହୋଇଥାନ୍ତା, ସପନା ବୁକୁରେ ସାହସ ନଦେଇ ଥାନ୍ତା, ବିପଦରେ ଏମିତି ପାଣ୍ଡି ଚକଟି ହେଉ ନଥାନ୍ତା ମଣିଷ ! ଜାଣି ଜାଣି ଘଟଣା ଗୁଡ଼ାକୁ ବଢ଼ାଇଛି । ପ୍ରଜା ଗୁଡ଼ାକ ସହ୍ମତ ମିଶିଛି । ନିଜର ତୁ କଲବଲ ବାଟେଇ ଆଜି ସେହି ପ୍ରଜା ଗୁଡ଼ାକ, ସର୍ବନାଶ

କରିବାକୁ ବସିଲେଣି । ମୁଁ ଯେପରି ଦେଖି ପାରୁଛି ସ୍ୱପ୍ନମଞ୍ଜରୀ, ଏ ଜମିଦାରୀଟାକୁ କୁନ ଆଉ ରଖିବ ନାହିଁ । ଧନ ସମ୍ପତ୍ତି ସବୁ ଉଡ଼ାଇ ଦେବ ।

ଧନ ସମ୍ପତ୍ତି ପାଇଁ ପାଗଳ ତମେ ହୋଇ ଯାଉଛ । ଏବେ ଧନ ସମ୍ପତ୍ତି ନିଜେ ଭୋଗକର । ସୁଖରେ ରୁହ । କୁନ ତ ଘରୁ ଚାଲିଗଲା, ଆଉ ସେ ଚିନ୍ତା କରିବା ଦରକାର କଣ ? ସବୁବେଳେ ଖାଲି ଧନ—ଧନ— ଧନ ।

(ଧନ କେବଳ ସ୍ୱର୍ଗ ନେବ । ଯେଉଁମାନଙ୍କର ଧନ ନାହିଁ, ଗରିବ ନିସମ୍ବଳ, ସେମାନେ କଣ ଆନନ୍ଦରେ ରହୁ ନାହାନ୍ତି ? ତାଙ୍କଠାରୁ ତମେ କଣ ବେଶୀ ଆନନ୍ଦ ଭୋଗ କରୁଛ ? ମତେ ତମ କଥା ଗୁଡ଼ାକ ଯେମିତି ଖଟା ଖାଇଲା ପରି ଲାଗୁଛି । ପୁଅଟା କେଉଁଆଡ଼େ ଗଲା ? କଣ କଲା ? ସେ କଥା ଚିନ୍ତା ନାହିଁ— ଏତେବଡ଼ ସଂସାର ମେଲେଇ ଦେଇଛ, ବିରାଟ ଜମିଦାରୀ, ଘରଦ୍ୱାର, ଗଲା ଅଇଲା, ମଲିଆ ପ୍ରଜା ଏ ସବୁ ଦାୟିତ୍ୱ ତୁଲାଇବ କିଏ ? ଗୋଟିଏ ବୋଲି ପୁଅ ! ଅନ୍ଧର ଲଉଡ଼ି, ଆଖିର ରତ୍ନ, ଗଣ୍ଠି ଭବିଷ୍ୟତର ସବୁ ସେଇ । ତା ଖବର ଆଗେ ନିଅ ତମେ । ଦେଖୁଛ ଦୁନିଆଁ ଆସି କଣ ହେଲାଣି । ସମୟ ଥିଲା, ଲୋକେ ମାନୁଥିଲେ-ରଜା ପ୍ରଜାର ସମ୍ବନ୍ଧ ଥିଲା— ଡ଼ର ଥିଲା, ଭକ୍ତି ଥିଲା । ଯୁଗର ହାଓ୍ୱାରେ ସବୁ ଓଲଟି ଯାଇଛି । ଲୋକେ ସ୍ୱାଧୀନ ହୋଇଛନ୍ତି । ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇଛନ୍ତି । ହୋଇତ ଆଖି ଆଗରେ ଦେଖିଲ ପୁରୀ ଜଗନ୍ନାଥ ମନ୍ଦିରରେ ସେଦିନ କେମିତି ହରିଜନ ପ୍ରବେଶ

କଲେ । ଜଗନ୍ନାଥଙ୍କ ବଡ଼ପଣ୍ଡା କେମିତି ସେମାନଙ୍କ ହାତରୁ ଭୋଗ ନେଇ ଠାକୁରଙ୍କ ପାଖରେ ନୈବେଦ୍ୟ କଲା । ଏ ସବୁ ଦେଖି ମୁଣ୍ଡ ମୋର ଘୂରିଗଲା । ତମେ ମତେ ସାନ୍ତ୍ୱନା ଦେଲ, କହିଲ ଯୁଗ ଆସିଛି । ସମସ୍ତେ ସମାନ ହୋଇଯିବେ । ଜାତି ଭେଦ ବର୍ତ୍ତମାନ ଉଚ୍ଚ-ନୀଚ, କିଛି ରହିବ ନାହିଁ । ପୁରୁଣା କଥା ସବୁ ନୂଆ ହୋଇଯିବ ।

ମୋ କଥା ତମେ ମାନ । ଏମିତି ଜିଦ୍ ସ୍ୱଭାବ ଛାଡ଼ିଦିଅ । ପ୍ରଜା ମାନଙ୍କୁ ପୁଅ ପରି ସ୍ନେହ କର । ଅଭାବ ଅସୁବିଧା ତାଙ୍କର ଦେଖ, ବଳେ ସେମାନେ ଆପଣାର ହୋଇଯିବେ । ଏ ଦ୍ୱନ୍ଦ୍ୱ ଆଉ କିଛି ରହିବ ନାହିଁ ।

କୁନ ଏହିସବୁ କଥା କହିବାକୁ ଚାହେଁ । ତମ ଭୟରେ ମୁହଁ ଖୋଲି କେବେ ସେ କହି ପାରିନାହିଁ । ମୋତେ ଅନେକ ଥର, ସେମାନଙ୍କର ଭଲ ମନ୍ଦ ସୁଖ ସୁବିଧା ଦେଖିବା ପାଇଁ ତମ ଆଗରେ କହିବାକୁ ଅଳି କରିଛି, ତମେ ମୋ କଥାମାନ । ଲୋକ ପଠାଇ କୁନର ସନ୍ଧାନ ନିଅ । ତାକୁ ବୁଝାଇ ଶୁଝାଇ ଘରକୁ ଆଣ ।

ହଁ ଶୁଣ, ସପନା ବିଚରା ଗରିବ ପ୍ରଜା । କି ଦୁଃଖ କଷ୍ଟ ନ ଭୋଗୁ ଥିବଟି ? ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ପାଇଲା ନାହିଁସେ । ଦେଶାନ୍ତର ହେଲା । ସାଙ୍ଗରେ ବାଡ଼ୁଅ ଝିଅଟା କେତେ ହଟ ହଟା ହେଉ ନଥିବ !

ଯାଅ ମୋ କଥାମାନ ! ବଂଶୀକୁ ପଠାଇ ଦିଅ । ତା ସାଙ୍ଗରେ ଆଉ ଜଣେ ଦି' ଜଣକୁ ପଠାଅ ।

—କୁନ ଘରଛାଡ଼ି ଚାଲିଗଲାର କାରଣ କଣ ବୁଝିଛ ତମେ ସ୍ୱପ୍ନ ମଞ୍ଜରୀ ?

ବୁଝି ପାରିଛି ସବୁ । ତା'ର ମୂଳ କାରଣ ତମେ । କୁନର ବାହାଘର ପ୍ରସ୍ତାବ ନ ଉଠାଇଥିଲେ, ସପନା ଘରେ ଅତ୍ୟାଚାର ନ କରିଥିଲେ, ସେ କାହିଁକି ଆଜି ଘରଛାଡ଼ି ଚାଲିଯାଇ ଥାନ୍ତା ? ତମେ ସପନାର ସର୍ବନାଶ କରିବାକୁ ଯାଇ ନିଜର ସର୍ବନାଶ କରିଛ । ଆଗରୁ ବାରଣ କରୁଥିଲି, ଶିକ୍ଷିତ ପୁଅଟା—ଯାହାକରୁଛି କରୁ । ତା ଇଚ୍ଛା ବିରୁଦ୍ଧରେ ତମେ କିଛି କର ନା । ସମୟ ଆସିବ, ଆପେ ତାର ମତ ବଦଳିଯିବ । ଶୁଣିଲ ନା ମୋ କଥାକୁ ।

ଏବେ......?

ଏ କଥା ଗୁଡ଼ାକ ଭାବିଲା ବେଳକୁ ମୁଣ୍ଡ କଣ ହୋଇ ଯାଉଛି ସ୍ୱପ୍ନ ମଂଜରୀ, ସେଦିନ ପଟ୍ଟନାୟକ ବାବୁ ଆସିଥିଲେ କୁନର ବିବାହ ପ୍ରସ୍ତାବଟା ବନ୍ଦ କରି ଦେଇଥିଲେ ଭଲ ହୋଇ ଥାନ୍ତା । କଣ ସେ ଭାବୁଥିବେ ? କାଲି ଲୋକ ପଠାଇ ତାଙ୍କୁ ଅସୁବିଧା ଦର୍ଶାଇ ବାରଣ କରି ଦେବାକୁ ହେବ । ବଡ଼ ଲଜ୍ୟାର କଥା । ଏପରିକି ଦିନବାର ପର୍ଯ୍ୟନ୍ତ ସ୍ଥିରକରି ଯାଇଥିଲି ।

ଆଚ୍ଛା ତମେ କଣ ଭାବୁଛ—କୁନର ସନ୍ଧାନ ପାଇଁ ଗୋକୁଳ ବାବୁଙ୍କ ପୁଅ ନବକୁମାରକୁ କଟକ ପଠାଇଲେ ଭଲ ହୁଅନ୍ତା ନାହିଁ ?

ନବ କୁମାର ଦ୍ୱାରା ଖବରଟା ଅବଶ୍ୟ ମିଳିପାରନ୍ତା ।

ହେଉ ତେବେ ନବକୁମାରକୁ ପଠାଇ ଦିଅ ଚଞ୍ଚଳ ।

ଅଡ଼ ଡେରି କରନା । ପୁଅଟା ରାଗ ଡମରେ ପଳାଇ ଯାଇଛୁ, ସବୁ ଦିନେ କଣ ବାହାରେ ଥିବ ?

ନବକୁମାର ପାଖକୁ ଖବର ପଠାଇଲେ ମର୍ଦ୍ଦରାଜ ବାବୁ । ନବକୁମାର ପହଞ୍ଚିଲା । ସୁନ୍ଦର ଚେହେରା, ବଳିଷ୍ଠ-ବପୁ, ଉଜ୍ଜ୍ୱଳ ଆଖି, ସାଦା ପଂଜାବୀ ଖଣ୍ଡେ ପିନ୍ଧିଛି । ମୁହଁଟି ହସ ହସ ।

—ନବକୁମାର, ତୁମକୁ ଗୋଟାଏ କାମ କରିବାକୁ ପଡ଼ିବ ।

—କି କାମ ଆଜ୍ଞା ?

—ତମେ କଟକ ଥରେ ଯାଇ ପାରିବ ?

—କାହିଁକି ?

ତୁମେତ ଜାଣ । ଆଜକୁ କେତେମାସ ଧରି କୁନ କେଉଁଆଡେ ଚାଲି ଯାଇଛି । ଯେତେ ଦୂର ମନେ ହୁଏ କଟକରେ ସେ ନିଶ୍ଚୟ ଅଛି । କାରଣ କଟକରେ ତ ରହି ପଢ଼ା ପଢି କରୁଥିଲା, ସେଇଠାରେ ଥିବ ସେ । ତୁମେ ସନ୍ଧାନ ନେଲେ ଖବର ତାର ପାଇ ପାରନ୍ତ ।

ନବକୁମାର ସବୁ ଘଟଣା ଜାଣେ । ଏପରି ବିପଦ ସମୟରେ ଅନ୍ତତଃ ସାହାଯ୍ୟ ଟିକିଏ କରିବା କର୍ତ୍ତବ୍ୟ ତା'ର ।

କିଛୁକ୍ଷଣ ଭାବି ନବକୁମାର କହିଲା—

ବାପାଙ୍କୁ ଆପଣ କହିଛନ୍ତି ତ ?

ହଁ କାଲି ମୁଁ ଗୋକୁଳବାବୁଙ୍କୁ କହିଥିଲି ।

ତମକୁ ସେଠାରେ କିଛି ଅସୁବିଧା ଭୋଗ କରିବାକୁ ହେବ ନାହିଁ ; ସେଠାରେ ଆମ ଶ୍ରୀଧର ବାବୁ ଅଛନ୍ତି ।

ତାଙ୍କ ପାଖକୁ ଖଣ୍ଡେ ଚିଠି ମୁଁ ଲେଖି ଦେଉଛି। ସେ ବର୍ତ୍ତମାନ କଟକରେ ଡ଼ି, ଏସ୍, ପି ହୋଇଛନ୍ତି। ସେ ଦୁଇ ତିନଦିନ ମଧ୍ୟରେ କଟକ ହାଣ୍ଡି ଖୋଜ୍ ନେଇ କୁନର ସନ୍ଧାନ ନିଶ୍ଚୟ କହିବେ।

ତମେ ଷ୍ଟେସନ ଠାରୁ ସିଧା ଟାଉନ୍ ବସ୍‌ରେ ଚୌଧୁରୀ ବଜାରକୁ ଚାଲିଯିବ। ଚୌଧୁରୀ ବଜାରରେ ଯେ କୌଣସି ଲୋକକୁ ପଚାରିଲେ, ଶ୍ରୀଧରବାବୁଙ୍କ ଘର କହିଦେବେ। ବାଟ ଖର୍ଚ୍ଚ ପାଇଁ ହେଇ ନିଅ ପଚାଶ ଟଙ୍କା ରଖ। ଅଉ ଦରକାର ପଡ଼ିଲେ ଲେଖିବ।
ନବକୁମାର ଟଙ୍କାତକ ପକେଟରେ ରଖିଲା ଏବଂ ସଅଳ ସଅଳ କଟକ ଯିବାପାଇଁ ବନ୍ଦୋବସ୍ତରେ ଲାଗି ପଡ଼ିଲା।

\+ \+ \+ \+

ସ୍ୱପ୍ନମଂଜରୀ! ନବକୁମାର କଟକରେ କୁନର ସନ୍ଧାନ ନିଶ୍ଚୟ ପାଇବ।
—ତମେ କେମିତି ଜାଣିଲ?

ନା—ଜାଣିବାର କିଛି ନାହିଁ। ତେବେ ଯାହାଙ୍କ ପାଖକୁ ମୁଁ ଖବରଟା ଦେଇଛୁ,ସେ ଏହି ସବୁ କାମରେ ଭାରି ଧୁରନ୍ଧର।
—କିଏମ?

ଆମ ଦୀନବନ୍ଧୁ ବାବୁଙ୍କ ପୁଅ ଶ୍ରୀଧର ବାବୁ—ଯିଏ ସମ୍ବଲ-ପୁରରେ ଥିଲେ, କଟକକୁ ବଦଳି ହୋଇ ଆସିଛନ୍ତି। ସେ ଜଣେ ନାମଜାଦା ଡ଼ି, ଏସ୍, ପି। ତାଙ୍କର କାମ ଚୋର, ପକେଟମାରୁ, ଡାକୁ ପ୍ରଭୃତିଙ୍କୁ ଧରାଇଦେବା। ଯେତେ ଧରାଇ ଦେବେ, ସେତେ ତାଙ୍କର ସୁନାମ।

ଶ୍ବଶୁର ପାଇଁ ତ ପୁଲିସ ଅଛନ୍ତି ।

—ନା ନା ତା ନୁହେଁ ।

ଯେଉଁମାନେ ପୋଲିସ ମୁହଁରେ ଚୂନ-କାଳି ବୋଳି ଚମ୍ପଟ ମାରନ୍ତି, ସେଇମାନଙ୍କୁ ସେ ଧରନ୍ତି ।

ହଁ ତାହେଲେ କ'ଣ ଦୀନବନ୍ଧୁ ବାବୁ—ସିଏ ଆମ ଚପଳାର ଶ୍ବଶୁର ?

ହଁ ହଁ ଚପଳାର ଶ୍ବଶୁର । ତାଙ୍କର ପୁଅ ।

ତା' ହେଲେ ତ, ନିଶ୍ଚୟ ସେ କୁନର ଖବର ପହଞ୍ଚାଇବେ । ତୁମେ ଖଣ୍ଡି ଦି' ଅକ୍ଷର ତାଙ୍କ ପାଖକୁ ଲେଖି ଦେଇଛ ତ ?

ହଁ ଖଣ୍ଡି ଲେଖି ଦେଇଛି ମୁଁ । ନବକୁମାର ଠାରୁ କୌଣସି ସମ୍ବାଦ ନପାଇଲା ପର୍ଯ୍ୟନ୍ତ, ମନଟା ସ୍ଥିର ଅଉ ନାହିଁ ସ୍ବପ୍ନମଞ୍ଜରୀ ସେକଥା ମୋତେ କୁହନାହିଁ ।

ସ୍ବପ୍ନମଞ୍ଜରୀଙ୍କ ଆଖିରୁ ଲୁହ ଝରି ପଡ଼ିଲା ।

## —ଏଗାର—

ରଞ୍ଜନୀ

ଅଜସେ ଆଗ ରଞ୍ଜନୀ ନାହିଁ । ନିଜକୁ ବେଶ୍ ସୁସଜ୍ଜିତ ହୋଇ ପାରୁଛି । କୁନବାବୁଙ୍କ ମନରେ ଆନନ୍ଦର ଢେଉ ଖେଳି ଯାଉଛି । କଟକ—ସହର ଗାଡ଼ି-ଘୋଡ଼ା ଗହଳ-ଚହଳ ପୋଷାକ-ପରିଚ୍ଛେଦ ସବୁ ସୁନ୍ଦର—ସବୁ ମନୋହର । ଏହା ଭିତରେ ଲୋଡ଼ା କେବଳ ଟଙ୍କା—

ସେ ଭାବନା କୁନବାବୁଙ୍କର ନାହିଁ । କୁନବାବୁ, ରଞ୍ଜନୀର ମନଲାଖି ଚିଜ କିଣି ଦେବାରେ ବ୍ୟସ୍ତ । କିପରି ସେ ମଫସଲି ଝିଅ ରଞ୍ଜନୀକୁ ଆଧୁନିକା ଭାବେ ବେଶ ପୋଷାକରେ ସଜାଇବେ ସେଇ ଚିନ୍ତାରେ ଲାଗି ପଡ଼ିଛନ୍ତି । ସେଦିନ ରଞ୍ଜନୀକୁ ମନଲାଖି ବନାରସି ଶାଢ଼ୀ ଖଣ୍ଡେ, ସୁନ୍ଦର ବ୍ଲାଉଜ ଗୋଟାଏ କିଣି ଦେଇ-ଛନ୍ତି । ରଞ୍ଜନୀ ଆଗ୍ରହରେ ପିନ୍ଧିଛି ତାକୁ । କୁନବାବୁଙ୍କ ଆଖିକୁ ସେ ସୁନ୍ଦର ଦେଖା ଯାଉଛି ଅତି ସୁନ୍ଦର । କାନଟା, ଖାଲି ପଡ଼ିଥିବା ଦେଖି ଖରାପ ଲାଗିଲା ତାଙ୍କୁ । ସାଙ୍ଗରେ ସେଦିନ ରଞ୍ଜନୀକୁ ନେଇ କାନଫୁଲ ଯୋଡ଼ାଏ କିଣି ଆଣିଛନ୍ତି । କାନକୁ ଟିକିଏ କଷ୍ଟ ହେଲା ବୋଲି, ରଞ୍ଜନୀ ଅଭିମାନ କରି ଘରେ ଥୋଇ ଦେଇଛି ପିନ୍ଧିନାହିଁ ।

କୁନବାବୁ ଦେଖି ହସିଲେ ଟିକିଏ ।

ପାଖକୁ ଡାକିଲେ—ରତ୍ନମା ଆସିଲନା ପାଖକୁ ତାଙ୍କର ।

ଏ କ'ଣ ? କାନ୍ଦୁଛୁ ? କ'ଣ ତୋର ହେଲା ?

କାନକୁ ଭାରି ହେଉଛି । ଗୋଟାଏ ଦିନ ପିନ୍ଧିଲି, କାନ ଦ'ଟା ମୋର ଫୁଲି ଗଲାଣି ରତ୍ନମୀ କହିଲା ।

କାନଫୁଲ ଯୋଡ଼ାକ ରତ୍ନମାର କାନରେ ପୁନରାୟ ପିନ୍ଧାଇ ଦେଲେ ଆଣି କୁନବାବୁ ।

ରତ୍ନମା ଉହୁ ଉହୁ ହେଉଥାଏ ।

କ୍ଷଣକରେ ଯନ୍ତ୍ରଣା କେଉଁଆଡ଼େ ଉଭେଇ ଗଲା ।

ରତ୍ନମା ତୁ ମୋ ଆଖିରେ ଆଜି କେତେ ସୁନ୍ଦର ଦିଶୁଛୁ । ସତେ ଯେପରି ସ୍ୱର୍ଗର ଅପ୍ସରୀ, ଏପରି ସୁନ୍ଦର ରୂପକୁ କେଉଁଠି ଲୁଚାଇ ରଖିଥିଲୁ ?

ମୋତେ ଥଟ୍ଟା କରୁଛ ତମେ ।

—ନା ନା ତୋତେ ଥଟ୍ଟା କରୁନି । ମୋ କଥା ଯଦି ତୋ ମନକୁ ପାଉନି, ତେବେ ଅଇନା ପାଖକୁ ଯାଇ ନିଜର ମୁହଁଟିକୁ ଦେଖିଲେ ବୁଝି ପାରିବୁ ।

ତଳକୁ ମୁହଁ ପୋତି ହସିଲା ସେ ।

କୁନବାବୁ ତମକୁ ଗୋଟାଏ କଥା ପଚାରିବି, ଦୁଃଖ କରିବ ନାହିଁତ ମନରେ ?

—ନା ନା ଦୁଃଖ କାହିଁକି କରିବି ?

କି କଥା ?

ଅଚ୍ଛା କହିଲ ତମେ, ଆମେ କ'ଣ ସବୁଦିନେ ଏହି କଟକରେ ଏମିତି ରହିଥିବା ? ତମେ ଘରୁ ବାଗ ତମରେ ଚାଲି ଆସିଲ ।

ବାପା ବୋଉଙ୍କ ମନରେ କେତେ ଦୁଃଖ ହୋଇ ନଥିବ ? ତମକ ସେ କେତେ ଖୋଜୁ ନଥିବେ । ଏତେବଡ଼ ଜମିଦାରୀ । ବାପା ଏକୁଟିଆ । ସେସବୁ ଦେଖାଶୁଣା କରିବାକୁ କେହିନାହିଁ । ତାକୁ ଛାଡ଼ି, ମୁଁ ଗୋଟାଏ ଗରିବ ଝିଅ—ମୋ ଜୀବନରେ ଅଛି କଣ ? ମୋ ପଛରେ କାହିଁକି ଧାଉଁଛ ? ମତେ କିଛି ଭଲ ଦେଖା ଯାଉନ ।

ଯଦି ବାପା ଏ ଖବର ପାଆନ୍ତି—ତାହାହେଲେ ମୋ ଅବସ୍ଥା କ'ଣ ହେବ ଜାଣ ?

ରତନୀ ! ତୋ ମୁଣ୍ଡ କ'ଣ ଖରାପ ହୋଇ ଗଲଣି ? ମନ୍ଦ ଚିନ୍ତା ମନ୍ଦ-କଥା ଗୁଡ଼ାକ କାହିଁକି ତୁ ମନରେ ସ୍ଥାନ ଦେଉଛୁ ?

ବିପଦ ଯଦି ଆସେ—ତାର ସମ୍ମୁଖୀନ ହେବାକୁ ମୁଁ ପ୍ରସ୍ତୁତ ଅଛି ।

ଝଡ଼ ଯଦି ଆସେ—ଝଞ୍ଜା ଯଦି ବହେ, ମୁଁ ନିର୍ଭିକ ହୋଇ ତା' ସହିତ ସଂଗ୍ରାମ କରିବି । ବୃଥାଟାରେ ତୋର ଏ ଚିନ୍ତା କାହିଁକି ?

ରତନୀର ଛାତି ଗର୍ବରେ ଫୁଲି ଉଠିଲା । ଯାହାଙ୍କର ସାହାଯ୍ୟ ସହାନୁଭୂତି, ସ୍ନେହ ଶ୍ରଦ୍ଧା, ପ୍ରାଣଭରା ମମତା; ଦୃଢ ରଜ୍ଜୁରେ ବାନ୍ଧି ରଖିଛି ତାକୁ । ବାସ୍ତବିକ ସେ ତା'ର ଦେବତା ଛଡ଼ା ଆଉ କ'ଣ ହୋଇପାରେ ? ଦୁଃଖର କରାଳ ଆବର୍ତ୍ତନ ଭିତରେ ସେ ଯେତେବେଳେ ପଥ ନପାଇ—ଦିଗ୍‌ଭ୍ରାନ୍ତ ହୋଇ, ସବୁ ସମ୍ବଳ ହରାଇ ଥିଲା, ସେତେବେଳେ ସେ ତାଙ୍କର ଅଭୟ ବାଣୀ ପାଇଛି । ସବୁ ତୋର ଅଛି—ଡର ନାହିଁ ରତନୀ । ତୋ ପଛରେ ମୁଁ ଅଛି । ସୁଖ ଦୁଃଖରେ ମୁଁ ତୋର । ଆଜି ତାର ସେହି ଦେବତା ପାଦତଳେ ମୁଣ୍ଡ ନୁଆଇଁ ଆଖିରୁ ଦୁଇଧାର ଅଶ୍ରୁ ଢାଳିଦେଲା ସେ ।

ସଂଧାର ସଙ୍କେତ ଦେଇ ପାଖ ଚର୍ଚ୍ଚ ମନ୍ଦରରୁ ଘଣ୍ଟା ବାଜି ଉଠିଲା ।

ତର ତର ହୋଇ ଉଠି ଆସିଲା ବାରଣ୍ଡା ପାଖକୁ ରତନୀ । ରାସ୍ତା ଜନ ମହଳା । ଗାଡ଼ି ଘୋଡ଼ାର ଘର ଘର ଶବ୍ଦ ଯେପରି କି ତାଙ୍କର ନିତ୍ୟ ନୈମିତ୍ତିକ କାମରେ ଲାଗିଛନ୍ତି । ଘଣ୍ଟେ ବିରାମ ନାହିଁ । ଚାହିଁଲା ସେହି ସବୁକୁ ।

କୁଞ୍ଜବାବୁ ବସିବା ସ୍ଥାନରୁ ଉଠି ପଡ଼ିଲେ—ସତେ ଯେପରି କିଛି ଜାଣନ୍ତିନି । ବାରଣ୍ଡାରେ ରତନୀ ପାଖକୁ ଲାଗିଆସି ଛିଡ଼ା ହେଲେ । ଦୁଇଜଣ ନୀରବ ।
ରତନୀ ଘୁଞ୍ଚି ଘୁଞ୍ଚି ଗଲା ଦୂରକୁ । ଆନନ୍ଦ କୌତୁହଳରେ ଦୁଇଟି ପ୍ରାଣ ହସି ଉଠିଲା ସମ ତାଳରେ ।

ସଂଧାର ଅନ୍ଧକାରକୁ ଦୂରକରି ରାସ୍ତାର ବିଜୁଳିବତୀ ଗୁଡ଼ାକ ଜଳି ଉଠିଲା । ଟିଂ ଟିଂ ଶବ୍ଦ କରି ରିକସା ଛୁଟି ଚାଲିଛି । ସଂଧ୍ୟା ଭ୍ରମଣ ଉଦ୍ଦେଶ୍ୟରେ ମୁକ୍ତ ହାୱା ଖାଇବା ପାଇଁ ମହା-ନଦୀ କୂଳ ଆଡେ ଛୁଟିଛନ୍ତି, କଲେଜର ଛାତ୍ର ଛାତ୍ରୀମାନେ ।

ରତନୀ ସଭିଙ୍କୁ ଚାହିଁଛି—ସଭିଙ୍କୁ ଦେଖୁଛି । ମନରେ ତାର ଆନନ୍ଦ ।

ଦଶମୀର ଫାଳିକିଆ ଜହ୍ନକୁ ଏକ ଲୟରେ ଚାହିଁଛି ସେ । ପ୍ରାଣ ଭରି ହୃଦୟ ଖୋଲି ମନର ଅବ୍ୟକ୍ତ କଥା କ'ଣ ଯେ ଭାବି ଚାଲିଛି । ଭାବନାର ଅନ୍ତନାହିଁ ।

ଭାବନା ତାର ଭାଙ୍ଗି ଗଲା କୁଞ୍ଜବାବୁଙ୍କ ଡାକରେ ।

କୁଞ୍ଜବାବୁ କହିଲେ—"ରତନୀ ।"

କ'ଣ ?

ଆଉ ଟିକେ ମହାନଦୀ କୂଳ ଆଡ଼େ ବୁଲି ଆସିବା ଚାଲେ ମୁଣ୍ଡବଥାଟା ଟିକେ ହେଲେ ମିଳବ ।

ତମେ ଯାଅ । ମୁଁ ଯିବନାହିଁ ଏତେଣିକି ।

କାହିଁକି ?

ମୁଣ୍ଡ ବଥାଉଛି ।

ଔଷଧ ଚାହିଁ ।

କିଛି ଦରକାର ନାହିଁ ।

ତା ହେଲେ ଖଟରେ ଯାଇ ଶୋଇ ପଡ଼ ।

ମୁ ଶୋଇବିଯେ, ତମେ ବାହାରକୁ ଯାଅ ଆଗେ ।

ବାହାରକୁ ଯିବା କଣ ତୋ ମତରେ ନୀଚ ବନ୍ଧୁଛି ?

ମୁଁ କଣ କହୁଛି ନୀଚ ବନ୍ଧୁଛି ?

କୁନବାବୁ ରତନୀର ହାତ ଦୁଇଟା ଧରି ଖଟରେ ଶୁଆଇ ଦେଲେ ଆଣି ।

ରତନୀ ଆଖି ମିଞ୍ଜି ମିଞ୍ଜି କରି ମୁରୁକି ମୁରୁକି ହସୁଥାଏ ଲକ୍ଷକଲେ କୁନବାବୁ, ଏସବୁ ତାର ପେଖନା ।

—ଯେମିତି ହେଲେ ବାହାରକୁ ଛାଡ଼ି ନଦେବାର ଫିକର ।

ଛଳନା କରି କୁନବାବୁ ବାହାରକୁ ଚାଲି ଆସିଲେ ।

ରତନୀ ଭାବିଲା, ନିଶ୍ଚୟ ସେ ବାହାରକୁ ଚାଲିଯିବେ ।

ଯିଦ୍ଧା କାନଟା ତାଙ୍କର ଟାଣି ଧରିଲା । ଅପ୍ରସ୍ତୁତ ହୋଇ ପଡ଼ି, କୁନବାବୁ ରତନୀ ଗାଲରେ ଗୋଟାଏ ଛୋଟ ଚାପେଟ ଘାତକଲେ ।

ରତନୀ ମୁହଁ ବୁଲାଇ ନେଇ ଠୋ ଠୋ ହୋଇ ହସି ଉଠିଲା ।

ପୁଣି ମୋତେ ବିରକ୍ତ କରୁଛୁ ରଜନୀ ? ଆଉ ହବନା । ତୋର ଏ ମନ୍ଦ ସ୍ୱଭାବ ପାଇଁ ତୋତେ ଶାସ୍ତି ଦେବି ।

କି ଶାସ୍ତି ?

ତାର ଦୁଇବାହୁ ଧରି କୁନବାବୁ ପାଖକୁ ଆଉଜାଇ ଆଣି ସୁନ୍ଦର ଗାଲରେ ଗୋଟିଏ ସ୍ନେହମିଶା ଚୁମ୍ବନ ଦେଇକହିଲେ— ଏହି ତୋର ଉପଯୁକ୍ତ ଶାସ୍ତି ।

ରଜନୀର ଦେହ ଶିହରି ଉଠିଲା ।

ପାଖ କୋଠରି ଭିତରୁ ହାରମୋନିୟମର ମଧୁର ଝଙ୍କାର ସହିତ ପ୍ରେମର ମନ୍ଦାକିନୀ ଧାରା ଛୁଟାଇ ଲଳିତ ସ୍ୱରଟି କାହାର ପବନରେ ଭାସି ଆସୁଥିଲା । କାହାର ଏ ବୀଣା ଜିଣା ସୁଲଳିତ ଛନ୍ଦ ? ତନ୍ମୟ ହୋଇ ଦୁଇଟି ପ୍ରାଣ କାନ ଡେରି ଶୁଣିଲେ, ବେଲ୍ଲୁବେଲା ସ୍ୱରଟି ଅଦ୍ଭୁତ ମଧୁମୟ ଶୁଭିଲା । ଚମତ୍କାର । ଅବସାଦ ପ୍ରାଣରେ ଆନନ୍ଦ ଆଣେ, ଏଇସବୁ ସଙ୍ଗୀତ ।

ରଜନୀର ଦୁଇବାହୁ ଭିଡ଼ି ଧରିଲେ କୁନବାବୁ ।

ପ୍ରତିଅଙ୍ଗ ପ୍ରତ୍ୟଙ୍ଗରେ ସ୍ପନ୍ଦନ ଖେଳିଗଲା ।

ମନଟା ତାର କେମିତିକା ହୋଇଗଲା । ଛଳନା କରି ବାର-ଣ୍ଡାକୁ ଉଠି ଆସିଲା ରଜନୀ ।

ପାଖପେଟରେ ଦୁଇହାତ ରଖି ନୀଳ ଆକାଶର କମନୀୟ ଶୋଭାକୁ ଚାହିଁ ରହିଲା । ସତେ ଯେପରି କେଉଁ ଅଜଣା ପରଶରେ ଦେହ ତାର ଥରି ଉଠୁଛି । ସୁଖ ସ୍ୱପ୍ନ ପାଇଁ ପ୍ରାଣ ତାର କେବେ ବ୍ୟାକୁଳ ହୋଇନି । ଯୌବନର ମଧୁଅ

ଗଂଧରେ ଅମୋଦିତ ହୋଇଛି ସେ । କ୍ଷୁଧାର ଆହ୍ୱାନ କେତେ ଥର ଚଞ୍ଚଳତା କଲାଣି ତାର ମନକୁ । ତଥାପି......

ଧୈର୍ଯ୍ୟ ତାର ଅସୀମ । ମନଟାର ଦୃଢ଼ ।

ଅଳ୍ପସମୟ ଭିତରେ ବାରନ୍ଦାରୁ ଚାଲି ଆସିଲା ଘରକୁ ପୁଣି । ମନଟା ଚଞ୍ଚଳ ହେଉଥାଏ ଖାଲି ।

ଖଟ ପାଖକୁ ଗଲା । କୁନବାବୁ ତନ୍ଦ୍ରାମଗ୍ନ, ଶୋଇ ଶୋଇ ଭାବୁଛନ୍ତି କେତେକଣ ।

କିଛି ବୁଝି ପାରିଲା ନି ସେ ।

ଅତୀତ ଭବିଷ୍ୟତକୁ କେନ୍ଦ୍ର କରି ଭାବନାର ସ୍ରୋତ ଭାସି ଚାଲିଛି । ଅନ୍ତ ତାର ନାହିଁ । ଏକଲୟ ଏକ ଧ୍ୟାନରେ ଚାହିଁଛନ୍ତି ସେ ଉପରକୁ ।

ରତନୀ ତାଙ୍କ ପାଖକୁ ଲାଗି ଲାଗି ବସିଲା ।

ତଥାପି କୁନବାବୁଙ୍କର ଧ୍ୟାନ ଭାଙ୍ଗିଲା ନାହିଁ ।

—ଏ କଣମ ? ଏତେ ଗୁଡ଼ା ଭାବୁଛ କଣ ?

ଧ୍ୟାନ ଭାଙ୍ଗି ଗଲା । ଗତ, ଭବିଷ୍ୟତ ସ୍ୱପ୍ନ ତାଙ୍କର ଉଭାଇ ଗଲା କେଉଁଆଡେ ।

ମୁହଁରେ ହସ ଫୁଟାଇ କହିଲେ, "ନା ରତନୀ କିଛି ଭାବୁନାହିଁ ।"

ହଁ ତମ ମୁହଁ କହି ଦେଉଛି, ଭାବୁଛ ବୋଲି ମୋତେ ନ କହିଲେ କଣ ହେବ ?

ନା' ମ ଭାବିବି କଣ ? ସେମିତି ଶୋଇ ରହିଥିଲି ନା ।

—ହେଉ ତୁମେ ଭାବ, ଅହରି କେତେ ଭାବ, ଅପତ୍ତି ନାହିଁ ସେଥିରେ ।

ସଜ ବେଲଟା । ଶୋଇ ରହିବା ଭଲ ନୁହେଁ । ତମେ ଠିକ୍ରେ ଉଠି ବସିଲ ।

କୁନବାବୁ ସୁନା ପିଲାଟି ପରି ଉଠି ବସିଲେ ।

ରତନୀ ବ୍ରେଷେଇ ଘରକୁ ଯାଇ ଷ୍ଟୋପଟା ଲଗାଇ ଚା ବସାଇଲା । ଦଶ ମିନଟ ଭିତରେ ଗୋଟାଏ ପରିଷ୍କାର କପ୍‌ରେ କପେ ଚା' ଗୋଟାଏ ପ୍ଲେଟରେ ଚାରିଖଣ୍ଡ ବିସ୍କୁଟ ଆଣି ଥୋଇ-ଦେଲା କୁନବାବୁଙ୍କ ପାଖରେ ।

କୁନବାବୁ ବସୁ ବସୁ ନିଦରେ ଢୋଲାଇ ପଡୁଥା'ନ୍ତି ।

ମଲା ମ ଏଇକ୍ଷଣି ବସି ଗପ ଲଗାଇଥିଲ । ଏହା ଭିତରେ ପୁଣି ଏତେ ନିଦ ।

ଶୁଭୁଛି ।

ଚା' ପିଇଦିଅ । ପରେ ଶୋଇବ ।

କୁନ ବାବୁଙ୍କର ନିଦ ଟୁଙ୍କଟା ଭାଙ୍ଗିଗଲା । ଆଖିମଲି ଦେଖିଲେ ରତନୀ ଚା କପଟା ଥୋଇ ଦେଇଛି ତାଙ୍କପାଖରେ ।

ଏହା ଭିତରେ କେତେବେଳେ ଚା'ବା କରି ସାରିଲୁଣି ?

ହଁ ।

ଆଉ କଣ କଲଖିଆ କିଛି ଅଛି ।

ବିସ୍କୁଟ ।

କୁନ ବାବୁଙ୍କ ହାତକୁ ବିସ୍କୁଟ ପ୍ଲେଟ୍‌ଟା ବଢ଼ାଇ ଦେଲା ରତନୀ ।

କୁନବାବୁ ଚା' ପିଇଲେ ।

ରତନୀ ରୋଷେଇ ଘରେ ରାତି ଭୋଜନର ଅଯୋଜନ କରୁଛି ।

ଦରଜାରେ କରାଘାତ କାହାର ଶୁଭିଲା । କୁନବାବୁ ଧାଇଁ ଯାଇ ଦରଜା ଖୋଲିଦେଲେ ।

ଏଇ ଯେ ନିର୍ମଳ ।

ସେଇ ଦିନୁ ମୁଁ ଚାହିଁଛି । କହିଲୁ ଆସିବାକୁ ଏ ପର୍ଯ୍ୟନ୍ତ ଦେଖା ସାକ୍ଷାତ ନାହିଁ । ହଉ ଘରଭିତରକୁ ଆ ।

ଦୁଇବନ୍ଧୁ ଖଟ ଉପରେ ଯାଇ ବସିଲେ ।

ନିର୍ମଳ କହିଲା, "ଏତେ ଗୁଡ଼ାକ ଆଉ କହନା କୁନ ।"

ସେଦିନ ଦେଖା ସାକ୍ଷାତରେ ଯେପରି ବ୍ୟସ୍ତତାରେ ସମୟ କଟିଛି ।

ତୁ ତ ଚଞ୍ଚଳ ଚାଲିଆସିଲୁ । ତୋ ଘରକୁ ଆସିବାକୁ ମୋତେ କହିଥିଲୁ ଅବଶ୍ୟ, ଠିକଣାଟା ଦେଇ ଥିଲୁକି ? କଟକ ସହର । ଗଳି ଗଳି, ଅନ୍ଧ ସନ୍ଧି, ତୁ କେଉଁଠି ଅଛୁ ମୁଁ ଜାଣିବି କେମିତି ? ରୋଜ ଆସିବାକୁ ଇଚ୍ଛାକରେ, ଏଥିପାଇଁ ଆସି ପାରେନା । କାଲି ଟାଉନ୍ ହଲ୍‌ରେ ଗୋଟାଏ ବଡ଼ ଧରଣର ମିଟିଂଥିଲା । ସେଠାକୁ ଯାଇଥିଲି । ସୁରେଶ ଦେଖା ହେଲା । ଠିକଣାଟା ତା'ର ପାଖରୁ ପାଇଲି ।

ସୁରେଶ କିଏ ନିର୍ମଳ ?

ସେଇମ ଯିଏ ଆମ କ୍ଲାସରେ ପଢ଼ୁଥିଲା । ତୁ ଯାହାକୁ ଟିମା ଟିମା କହି ବିରକ୍ତ କରୁ । ଓକିଲ ବିନୋଦ ବାବୁଙ୍କ ପୁଅ ।

ଓଃ ବିନୋଦ ବାବୁଙ୍କ ପୁଅ ସୁରେଶ ?

ହଁ ହଁ ମନେ ପଡ଼ିଲା । ସେ ମୋର କାଲି ଷ୍ଟୁଡେଣ୍ଟ ଷ୍ଟୋରରେ ଦେଖା ହୋଇଥିଲା । ମୁଁ କେତେ ଖଣ୍ଡି ନୂଆ

ନଭେଲ ବହି ଦେଖୁଥିଲି, ସେ ଯାଇ ପହଞ୍ଚିଲା । ମୁଁ ପ୍ରଥମେ ତାଙ୍କୁ ଚିହ୍ନି ପାରି ନଥିଲି । ସେ ଆଗ ମୋତେ ଚିହ୍ନାଦେଲା । ତା ସାଙ୍ଗରେ ତେର ଚୌଦ ବର୍ଷର ଗୋଟିଏ ଝିଅ ଥାଏ । ମୋତେ ଚିହ୍ନାଇଦେଇ କହିଲା, "ଏ ମୋର ଭଉଣୀ ଶ୍ରୀମତୀ ଚପଳା । ମାଇନର ଫାଷ୍ଟ କ୍ଲାସରେ ପଢ଼େ । କଲର୍ସିପି ନେଇଛି ।"

ଚପଳା ନମସ୍କାର କଲା ।

ବ୍ୟସ୍ତ ଥିବାରୁ ମୁଁ ସେଦିନ ତାଙ୍କ ସାଙ୍ଗରେ ଆଉ କଥା-ବାର୍ତ୍ତା ନ କରି ଚାଲି ଆସିଲି । ବଡ଼ ଅନୁରୋଧ କରିଛି ସେ, ଯିବାପାଇଁ ।

ହଁ କି ମିଟିଙ୍ଗ ଟାଉନ ହଲ୍‌ରେ ହେଉଥିଲା ନିର୍ମଳା ? ଆଲୋଚ୍ୟ ବିଷୟଟା କ'ଣ ଥିଲା ?

ଆଲୋଚ୍ୟ ବିଷୟ ଥିଲା, ପନ୍ଦର ଅଗଷ୍ଟରେ ଆସାମରେ ଯେଉଁ ପ୍ରବଳ ଭୂମିକମ୍ପ ହୋଇଯାଇଛି, ସେଠାରେ ବହୁ ଲୋକଙ୍କର ପ୍ରାଣହାନି ଘଟିଛି । ଧନସମ୍ପଦ ଯାଇଛି, ଘୋଠା-ବାଡ଼ି ଯାଇଛି, ସବୁ ହରାଇଛନ୍ତି ସେମାନେ । ଗୋଟାଏ ରିଲିଫ୍ ଫଣ୍ଡ୍ ଖୋଲି ଯାଇ ସେମାନଙ୍କୁ କିପରି ଆର୍ଥିକ ସାହାଯ୍ୟ ଦିଆଯିବ ? ମୋତେ ମଧ୍ୟ ସେ କମିଟିରେ ମେମ୍ବର କରିଛନ୍ତି । ଆଜି କାଲିତ ଯେପରି ପରିସ୍ଥିତି ଦେଖୁଛୁ କୁନ । ଚାନ୍ଦାଭେଦା ଦେଇ ଦେଇ ଲୋକେ ସର୍ବସ୍ୱାନ୍ତ । କାହାପାଖକୁ ଯାଇ ଗୋଡ଼ ଭାଙ୍ଗି ଛିଡ଼ା ହୋଇ ଚାନ୍ଦା ମାଗିବ ମଣିଷ !

ତଥାପି ନିଜ ଶକ୍ତି ଅନୁଯାଇ କର୍ତ୍ତବ୍ୟ ପାଳନ କରିବାକୁହିଁ ହେବ । ପ୍ରତିବର୍ଷ ଓଡ଼ିଶାରେ ବନ୍ୟା, ଓଡ଼ିଶାରେ ମରୁଡ଼ି,

ଓଡ଼ଶାରେ କାଳ । ପ୍ରତିବର୍ଷ ରିଲିଫ୍ କେନ୍ଦ୍ର ଖୋଲ । ପ୍ରତିବର୍ଷ ଚାନ୍ଦା ଅଦାୟ ।

ଏହିତ ଦେଶରି ଅବସ୍ଥା !

ନିର୍ମଳ, ତୁତ ବେଶ୍ ସାଧାରଣ ଜନ ହିତକର କାମରେ ଲଗି ପଡ଼ିଛୁ । ଛାତ୍ର ଜୀବନରେ ଦେଖିଥିଲି ଯେଉଁ ନିର୍ମଳ ଏ ସବୁ କାମରେ ଛାତି ପତାଇ ଦିଏ, ଆଜି ମଧ୍ୟ ଠିକ୍ ତାହାହିଁ । ଟିକିଏବି ଅଦଳ ବଦଳ ହୋଇନି । ସେହି ନିର୍ମଳ ଆଜିବି ଲଗି ପଡ଼ିଛି । ବଡ ଗୌରବ କଥା । ତୋର ଏସବୁ କାମ ଦେଖି, ମୁ ନିଜକୁ ଗର୍ବ ଅନୁଭବ କରୁଛି । ଈଶ୍ୱର କରନ୍ତୁ, ତୁ ଏହିପରି ଜନ ହିତକର କାମରେ ଲଗି ରହିଥା ।

ଆଉ ତୁ ?

ମୁ ଆଉ କ'ଣ କରିବି ଭାଇ । ସବୁ କାମରେ ଅକର୍ମଣ୍ୟ । ଉତ୍ସାହ କମି ଗଲଣି । ସାହସ ବୁକୁରେ ନାହିଁ । ଛାତ୍ର ଜୀବନ ମୋର କେଉଁ ଅତୀତରେ ମିଶି ଗଲଣି । ମୁ ଆଉ କ'ଣ କରି-ପାରେ ?

ହେଉ ତେବେ ନିର୍ମଳ, ଆମର ଏସବୁ ଚର୍ଚ୍ଚା ଥାଉ । ତୋର ଆଉ ଖବରଟା କ'ଣ ?

ପ୍ରକୃତରେ ସେଦିନ ତୋତେ ମୋର ଠିକଣାଟା ନଦେଇ ପାରି ନିଜକୁ ବଡ ଅନୁତାପ କରୁଛି । କ୍ଷମା କରିବୁ ଭାଇ । ମନରେ ଅନ୍ୟ କିଛି ଭାବିବୁ ନାହିଁ । ବଡ ଭୁଲ କରି ପକାଇଛି ।

ମନରେ ଅନ୍ୟ କ'ଣ ଭାବିବି ଆଉ ? ସେଦିନ ତୁ ଯେପରି ବ୍ୟସ୍ତରେ ପଡ଼ିଥିଲୁ, ଭୁଲି ସ୍ୱଭାବତ ।ବେଡ଼ହବି,ମୁ କଣ ସେହି କଥାଟାକୁ ଧରି ବସିଛି ?

ଖବର କ'ଣ ପଚାରୁଛୁ କୁନ, ତୋ ଖବରଟା ଆଗ କହ ।

ମୋ ଖବର ଆଉ କ'ଣ ? ବର୍ତ୍ତମାନ କେବଳ ଯନ୍ତ୍ରଣା ଭୋଗ କରୁଛି ଭାଇ । ଦିନଥିଲା ସୁଖ ଶାନ୍ତିରେ ଥିଲି । ମଉଜ ମଜଲିସରେ ସେହିପରି ଦିନ ଗୁଡ଼ାକ କଟୁଥିଲା ! ଦିନକୁ ଦିନ ଅନ୍ତର । କେତେବେଳେ ଜୀବନ ରଥ ଘୂରି ଘୂରି ଆସି କେଉଁ ପ୍ରାନ୍ତରରେ ଲାଗିବ, କିଏ କହିପାରେ ?

ଏଣୁ ତେଣୁ କ'ଣ ବକି ଯାଉଛୁ କୁନ ? ମୁଁ ତୋ କଥାର କିଛି ଅର୍ଥ ବୁଝି ପାରୁନି । ଏମିତି କି ଝଡ଼ ଝଞ୍ଜା ତୋ ଜୀବନ ଦେଇ ବହି ଯାଇଛି, ତୋର ଆଜି ଏ ମନ ବୃତ୍ତି ।

ହଁ ନିର୍ମଳ, ସେମିତି କିଛି ଘଟିଛି । ତା' ନହୋଇ-ଥିଲେ, ତୋତେ ଏ ସବୁ କଥା କହିବାକୁ ଯାଉଥାନ୍ତି କାହିଁକି ?

କ'ଣ ତୋ ଜୀବନରେ ଏମିତି ଘଟି ଯାଇଛି କହୁନି ମୋତେ ?

କହି ଲାଭ ନାହିଁ କିଛି । ସେ କଥାରେ ମୁଣ୍ଡ ଖେଳାଇ କାହିଁକି ମୁଣ୍ଡଟାକୁ ଖରାପ କରିବୁ ?

ଆଗ ତୋ ଖବରଟା କ'ଣ କହୁନି ?

ମୋ ଖବର ? ମୋର ଆଉ କି ଖବର କୁନ ?

ଦୁଇ ବନ୍ଧୁଙ୍କ କଥୋପକଥନ ରୋଷ ଘରେ ଥାଇ ରଞ୍ଜନା କାନ ଡେରି ଶୁଣୁଥାଏ ।

ନିର୍ମଳ କହିଲା—

ସେଦିନ ଚାଲି ଯାଇଛି କୁନ । ମଣିଷ ଯେତେବେଳେ ମୁକ୍ତ ବିହଙ୍ଗମ ପରି ମନ ଇଚ୍ଛା ଏଣେ ତେଣେ ବୁଲି ପାରୁଥିଲା, ଖେଳି ପାରୁଥିଲା—ହସି ପାରୁଥିଲା, ଅନ୍ତର ସେତେବେଳେ ଥିଲା ମୁକ୍ତ,

ପ୍ରାଣରେ ଥିବା ଶାନ୍ତି । ମନରେ ଥିବା ଆନନ୍ଦ । ଆଜି ସେସବୁ କେଉଁଆଡେ଼ ଉଭେଇ ଗଲାଣି । ମଣିଷର କଠୋର ନିର୍ମମ ବନ୍ଧନୀ ଭିତରେ ନିଜକୁ ପେଷି ହେବାକୁ ଆଜି ହେଉଛି । ପ୍ରାଣଟା କେବଳ ଛଟପଟ ହେଉଛି ଯାହା । ଶାନ୍ତି କାହିଁ ? ସୁଖ କାହିଁ ?

ଅଭାବର କରାଳ ମୂର୍ତ୍ତି ଠିଆ ରହିଛି । ଅନ୍ନ ବସ୍ତ୍ରର ଅଭାବ ଯେଉଁଠି ଦେଖିବୁ ସେଠି । ଦୁଇବେଳା ପେଟ ପୂରାଇ ଲୋକେ ଖାଇବାକୁ, ସୁଖ ସ୍ୱାଚ୍ଛନ୍ଦରେ ରହିବାକୁ ପାଉ ନାହାନ୍ତି । ବଜାର ଦର ହୁ-ହୁ ହୋଇ ବଢି ଉଠୁଛି । ପରିବାରଟିକୁ ଚଳାଇବା କାଠିକର ପାଠ ହୋଇ ଯାଉଛି । ଏମିତିକା ପରିସର ଭିତରେ ଜୀବନଟା ଭାରି ରୁକ୍ଷ ହୋଇ ଗଲାଣି । ବାପା ଥିଲେ, ଘର ସଂସାରର ଦାୟିତ୍ୱ ଥିଲା ତାଙ୍କ ଉପରେ । ବାପା ମରିଗଲା ଦିନଠାରୁ ସେ ସବୁ ଭାର ମୋ ଉପରେ । ଏହା ବ୍ୟତୀତ ଭଉଣୀ ବିନୀତା ସେବେ ବିବାହ ଉପଯୁକ୍ତ ହୋଇ ଗଲାଣି । ତାକୁ ବିବାହ ଦେବାକୁ ହେବ । ମାସିକ ଯାହା ଦୁଇଶହ ଟଙ୍କା ଦରମା ମିଳେ । ସେଥିରେ ପରିବାରଟି ଯେନତେନ ଭାବେ, ଦିବସଟି ଦିନ ଚଳି ଯାଆନ୍ତି । ସଞ୍ଚିତ ରଖିବାର ସୁଯୋଗ ଅଛି କାହିଁ ? ଭଲ-ମନ୍ଦ ବିପଦ-ଆପଦ କେତେବେଳେ କଣ ? କଟକ ସହର; ରାସ୍ତାକୁ ବାହାରି ପଡ଼ିଲେ ନାନାଦି ଖର୍ଚ୍ଚ । ଜୀବନଟା ଖାଲି ହା ହୁତାଶନରେ କଟୁଛି ଭାଇ । ମୋ ଖବର ଶୁଣି ସୁଖୀ ହେବୁନି କୁନି । ବରଂ ଦୁଃଖିତ ହେବୁ । ଖାଲି ଅଭାବ । ଖାଲି ଅନାଟନ । ଖାଲି ହତାଶ ।

ନିର୍ମଳର କଥା ଗୁଡ଼ାକ, ଏକ ଲୟରେ; ଏକ ଧ୍ୟାନରେ ଯେପରି ଶୁଣି ଯାଉଥିଲେ କୁନବାବୁ । ମନରେ ତାଙ୍କର କେତେ ଭାବନା ଖେଳି ଯାଉଥିଲା । ଏହିସବୁ ଦାୟିତ୍ୱ ଗୁଡ଼ିକ ଯେପରି ସେ ନିଜେ ଆଜି ତୁଲାଉଛନ୍ତି—ତାଙ୍କର ମନେ ହେଉଛି ଏହି ସବୁ ଧକ୍କାରେ ସେ ଯେପରି ଅଟକି ଯାଇଛନ୍ତି ନିଜେ ।

ଗମ୍ଭୀର ହୋଇ କୁନବାବୁ କହିଲେ—

ଆଛା ନିର୍ମଳ ! ତୋର କଣ ଏହା ଭିତରେ ବିବାହ କାମ ସରି ଯାଇଛି ?

ହଁ, କୁନ, ବାପା ଥିଲା ସମୟରେ ସେ ସବୁ କାମ ବଢ଼ି ଯାଇଛି ।

ଭୋଜି ଭାତ ନ ଦେଇଥାନ୍ତୁ ନାହିଁ—ନିମନ୍ତ୍ରଣ ଟିକେ ବି କଲୁନି ?

ଯେଉଁ ଭାବରେ ବିଭାଘରଟା ହେଲା କୁନ, ସେପରି ବିଭାଘର କାହାର ହୁଏନା । ହଠାତ୍ ବାପାଙ୍କର କଣ ଗୋଟାଏ ଝୁଙ୍କ ହେଲା,ବୋଉଙ୍କୁ କହି ଆୟୋଜନ କରି ବସିଲେ । ସେତେବେଳେ ମୁ ପୁଣି ଅସୁସ୍ଥ । ମେଲେରିଆ ଭୋଗୁଥାଏ । ଏତେ ବ୍ୟସ୍ତତା ଭିତରେ ବାପା ଆଉ କୌଣସିଠାକୁ ନିମନ୍ତ୍ରଣ ପଠାଇ ପାରି ନାହାନ୍ତି ।

ଯା ହେଉ କ୍ଷମା କରିବୁ କୁନ । ନିମନ୍ତ୍ରଣଟା ନଦେଇ ପାରି ଥିବାରୁ ତୋ ଠାରୁ କ୍ଷମା ମାଗି ନେଉଛି ।

ଭୋଜି ଭାତ ଦିନେ ତୋ ଘରକୁ ଯାଇ ଖାଇଦେଲେ କଣ ହେଉନି ? ସେଥିରେ ଅଛି କଣ ?

ହଁ ମୋର ନିମନ୍ତ୍ରଣଟା ରହିଲା ।

ତେବେ ଆଜି ଠାରୁ ବୁକ୍ କରି ରଖିଲି, କୁନବାବୁ କହୁଲେ ।

ଭୁଇବାଜି ହସି ଉଠିଲେ ।

ଅଚ୍ଛା ନିର୍ମଳ, ତୋର ପିଲା ପିଲି କେତୋଟି ?

ପୁଅଟିଏ, ଝିଅଟିଏ ।

କୁନବାବୁ ହସି ଉଠିଲେ ।

ନିର୍ମଳ କହିଲା—କାହିଁକି ହସିଲୁ କୁନ ।

ହସିଲି କାହିଁକି ନିର୍ମଳ ? ହସିଲି ତୋ'ର କପଟ ବ୍ୟବହାର ଦେଖି ।

କପଟ ବ୍ୟବହାର ?

ହଁ କପଟ ନୁହେଁ ତ ଆଉ କଣ ?

ବିବାହ ନିମନ୍ତ୍ରଣଟା ସିନା ଦେବାକୁ ଭୁଲି ଯାଇଥିଲୁ, କିନ୍ତୁ ପୁଅ ହେଲା, ଝିଅ ହେଲା, କୌଣସି ଖବର ମୁଁ ତ ଜାଣେନା ? ତୁ ପୁଣି ପୁଅ ଝିଅର ବାପ ହୋଇ ଗଲୁଣି । ସେଥିପାଇଁ ଟିକିଏ ହସ ମାଡ଼ିଲା ନିର୍ମଳ ।

ଓଃ, ଏଇଥି ପାଇଁ ହସ ମାଡ଼ିଲା ?

ତୁ ଜାଣିବୁ କାହୁଁ ? ବହୁ ଦୂରରେ ରହୁଲେ ଖବର ଅନ୍ତର ନେବାକୁ ଭୁଲିଯାଉ । ବଡ଼ଲୋକ । ସେଥର ଝିଅ ସୁକାନ୍ତି ଜନ୍ମ ହେଲା ବେଳକୁ ଚିଠି ଖଣ୍ଡେ ତୋ ନାମରେ ପଠାଇ ଥିଲି, କଣ ଭୁଲି ଗଲୁଣି ?

କାହିଁ— ମୋରତ ମନେ ହେଉନି ?

ବଡ଼ ମିଥ୍ୟାବାଦୀ ନିର୍ମଳ ।

ହୋଇପାରେ । ପ୍ରମାଣ ଦେବାରତ କିଛି ନାହିଁ । ଏଣୁ ବର୍ତ୍ତମାନ ତୁ ଯାହା କହୁ ପାରିବୁ ।

ଥ୍ୟାବାଦୀ କହ ବା ସତ୍ୟବାଦୀ କହ ।

ବେଜାଣି ମୋର ଖିଆଲ ନାହିଁ ନିର୍ମଳ । ହେଲେ ହୋଇ-ଥିବ । ଏତେ ଦିନର କଥା କେମିତି ମନେ ରହିବ କହନା ?

ମୁଁ ତ ଜାଣେ କେବେ ତୋର ମନେ ରହେନା । ବଡ଼ ଲୋକମାନେ ଏହି ଗୁ'ଲ ମାରୁଥାନ୍ତି କୁନ ।

ସେହି ବଡ଼ଲୋକ ବୋଲି ତୋର ଅଙ୍କ ଏ ଅଦ୍ଭୁତ ପରିବର୍ତ୍ତନ କଥା ମୁଁ ଶୁଣୁଛି । ତୁ ଯଦି ମୋ'ରି ପରି ଘରଜଞ୍ଜାଳରେ ଘାଣି ହୋଇ ସବୁବେଳେ ତେଲ ଲୁଣ ଚିନ୍ତା କରୁଥାନ୍ତୁ, ତା' ହେଲେତ କୌଣସି କଥାରେ ତୋର ଖିଆଲ ରହନ୍ତା ନାହିଁ !

ତୋ ସଙ୍ଗରେ ଏତେ ବକାବକି କରି ପାରିବିନା ନିର୍ମଳ । ବିଚକ୍ଷଣ ବୁଦ୍ଧି ତୋର ।

ରତ୍ନା···,ରତ୍ନା··· । କୁନବାବୁ ଡାକିଲେ ।

ରତ୍ନା ରନ୍ଧଣା ଘରୁ ଲାଜ ଲାଜ ହୋଇ ବାହାରି ଆସିଲା ।

ଏତେ କଥାବାର୍ତ୍ତା ହେବା ଭିତରେ ନିର୍ମଳର ଧାରଣା ନଥିଲାଯେ, ଏଠାରେ କେହି ସ୍ତ୍ରୀ ଲୋକ ଅଛନ୍ତି । ଆଶ୍ଚର୍ଯ୍ୟ ହୋଇଗଲା ନିର୍ମଳ । ମନେ ମନେ ଭାବିଲା କେତେ କ'ଣ ? କିଏ ଏ ଯୁବତୀଟି ।

କୁନ ସହିତ ଏହାର କି ସମ୍ବନ୍ଧ—ସେ କ'ଣ ଚାହେଁ ? ଗୋଳକ ଧନ୍ଦାରେ ପଡ଼ି କିଛି ସ୍ଥିର କରି ପାରିଲାନା । ପୁଣି ମନେ ମନେ ଭାବିଲା—କେହି ତା'ର ନିକଟ ସମ୍ପର୍କୀୟା ହୋଇ-ଥିବ । ସେଥିରେ ମୋର କ'ଣ ଅଛି ? ନିର୍ମଳ ଥରକୁ ଥର ସେହି ଯୁବତୀଟିକୁ ଚାହିଁବାକୁ ଲାଗିଲା ।

ରତ୍ନା ଦୁଇକପ୍ ଚା ନେଇଆ କହିଲେ "କୁନବାବୁ ।"

ଧୀରେ ରତ୍ନା ଶେଷ ଘରକୁ ଫେରିଗଲା ।

ଅଳ୍ପ ସମୟ ପରେ ଚା ପ୍ରସ୍ତୁତ ହୋଇଗଲା ।

ରତ୍ନା ଦୁଇଟି ପ୍ଲେଟରେ ଦୁଇ କପ୍ ଚା ଥୋଇ ଦେଇଗଲା ସାମନାରେ । ପାଖରେ ଥିବା ରେକ୍ଟାବ୍ରୁ ଦୁଇଖଣ୍ଡି କେକ୍ ବାହାର କରି କୁନବାବୁ ନିର୍ମଳ ହାତକୁ ବଢାଇ ଦେଲେ ।

ଦୁଇବନ୍ଧୁ ଚା ଖାଉଛନ୍ତି, କିନ୍ତୁ ନିର୍ମଳ ମନରେ ସେହି ପୂର୍ବ ଧାରଣାଟା ଘୂରି ବୁଲୁଛି "କିଏ ଏ ଯୁବତୀଟି ।" କୁନ ସହିତ ଏହାର କି ସମ୍ବନ୍ଧ ? ଚା ଖାଉ ଖାଉ ଗମ୍ଭୀର ହୋଇ ଭାବୁଛି ସେ ।

ନିର୍ମଳ, ଚା ଖାଉ ଖାଉ କ'ଣ ଏତେଗୁଡ଼ା ଭାବୁଛୁ ?

ନା ଭାବୁନାହିଁ କିଛି ।

ନିର୍ମଳ ଆଉ ଧୈର୍ଯ୍ୟଧରି ପାରିଲା ନା । ହଠାତ ସେ କହି ପକାଇଲା କୁନ ତୋତେ ଗୋଟାଏ କଥା ପଚାରିବି !

କି କଥା ?

ଏହି ଯେଉଁ ଯୁବତୀଟି ଆମକୁ ଚା ଦେଇଗଲା, ସେ ଯୁବତୀଟି କିଏ ?

ସେଥିରେ ତୋର ଏତେ ମୁଣ୍ଡ ଖେଲାଇବାର କି ଦରକାର ? ସେ କେହି ଜଣେ ।

ହିଁ ହିଁ ସବୁ ମୁ ଜାଣେ । ଖାଲି କ'ଣ୍ଟା ଥୋଉ ଥୋଉ ନିର୍ମଳ କହିଲା ।

କୁନବାବୁ ମୁହଁରେ ହସ ଫୁଟାଇ କହିଲେ, "ତେବେ ମୋତେ ପଚାରୁଛୁ କାହିଁକି ?

ମୋ ପରୀକ୍ଷା ଆଜି ।

କ'ଣ ରାଗି ଗଲୁକି ନିର୍ମଳ ?

ନା, ରାଗିବି କାହିଁକି ।

କୁଞ୍ଜବାବୁ କୃତ୍ରିମ ଭାବ ପ୍ରକାଶ କରି କହିଲେ—

ସେ ଯୁବତୀଟି ପୂର୍ବବଙ୍ଗରୁ ଆସିଛି । ନିରାଶ୍ରୀତା, କେହି ତାର ନାହାନ୍ତି । ହିନ୍ଦୁ ମୁସଲମାନ ଦଙ୍ଗା ହାଙ୍ଗାମରେ ଆତ୍ମୀୟ ସ୍ୱଜନ ସଭିଙ୍କୁ ହରାଇଛି ସେ । କଟକରେ ବୁଲୁଥିଲା । ତାର ଅବସ୍ଥା ଦେଖି ସ୍ଥାନ ଦେଇଛି । କିଛି ଖରାପ ହୋଇଛି କି ?

ନିର୍ମଳ ଖୁବ୍ ଜୋରରେ ହସିଲା । ଭାବିଲା—

କୁଞ୍ଜ କେମିତି ପ୍ରତାରଣା ତା ସହିତ କରିବାକୁ ଯାଉଛି । ସମ୍ପୂର୍ଣ୍ଣ ଓଡ଼ିଆ ଝିଅଟିଏ, ବେଶ ପୋଷାକରୁ ଜଣା ପଡ଼ୁଛି । ନାଆଁରୁ ମଧ୍ୟ । ଏମିତି ନାମ ବଙ୍ଗାଳୀ କେଉଁଠି ପାଇବେ ର—ତ—ନା । କିନ୍ତୁ, ରିଫ୍ୟୁଜି ମାନଙ୍କୁତ ଓଡ଼ିଶା ସରକାର ଥଇଥାନ ଦେଉଛନ୍ତି । ତୁ ଏପରି ଜଣଙ୍କୁ ଆଣି ସ୍ଥାନ ଦେବାର ଅର୍ଥ ?

ଅର୍ଥ ଆଉ କଣ ନିର୍ମଳ ?

ଜଣଙ୍କ ବିପଦରେ ମଣିଷର ଯେତେଟା ସାହାଯ୍ୟ କରିବା-ଦରକାର, ତାହାହିଁ କରିଛି ।

ବେଶ୍ ଭଲ କରିଛୁ । କିନ୍ତୁ—

କିନ୍ତୁ ଆଉ କଣ ନିର୍ମଳ ?

ନିର୍ମଳ ଆଉ କିଛି କହିଲାନି ।

କୁଞ୍ଜବାବୁ ଭାବିଲେ, "ତା ହେଲେ କଣ ନିର୍ମଳ ଆଗରେ କଥାଟାକୁ ଗୋପନ ରଖି ଅନ୍ୟାୟ କରିଛି ।"

ନିର୍ମଳ ସନ୍ଦେହ କଲାକି ?

ଯାହାହେଉ ସେତ ବନ୍ଧୁ । ବନ୍ଧୁ ଆଗରେ ଘଟଣାଟା ପ୍ରକାଶ୍ୟରେ କହିଦେଲେ କ୍ଷତିଟା କଣ ?

ପୁଣି କାହିଁକି ମନରେ ଅନ୍ୟ କିଛି ଭାବି କୁନବାବୁ ନୀରବ ରହିଲେ ।

ହେଉ ତେବେ କୁନ ଆଜି ମୁଁ ଯାଉଛି ନିର୍ମଳ କହିଲା ରହିଯା ଆଜି ଦିନଟା ।

ହାତର ଘଣ୍ଟାକୁ ଅନାଇ ନିର୍ମଳ କହିଲା, "ମୋତେ ନଅଟା ବାଜିଛି । ସାଇକେଲ୍ ଅଛି ଚାଲିଯିବିଯେ—ବିଶେଷ କିଛି ଡେରି ହୋଇନ ।"

କୁନବାବୁ କହିଲେ, "ତୋ ସହିତ ଗୁଡ଼ାଏ ତର୍କ ବିତର୍କ କରିଛି, କ୍ଷମା କରିବୁ ଭାଇ । ମନରେ ଅନ୍ୟ କିଛି ଭାବିବୁ ନାହିଁ । ଆଉ କେବେ ଆସିଲେ କଥା ବାର୍ତ୍ତା ହେବ ।"

ଜୀବନର ଅଦ୍‌ଭୁତ କାହାଣୀଟି ତୋତେ ଶୁଣାଇବି ।
ଅବଶ୍ୟ ତୋ. ମୁଣ୍ଡରେ କେତେଆଉ କେତେ ଚିନ୍ତା ଖେଳିଥିବ ।
ଏ ସବୁ ରହସ୍ୟରେ ଆଶ୍ଚର୍ଯ୍ୟ ନିଶ୍ଚୟ ହୋଇଥିବୁ ।
ନିର୍ମଳ ହସିଲା । ଖୁବ୍ ଜୋରରେ ହସିଲା ।

କୁନବାବୁ ନିଜର ଦୁର୍ବଳତା ନିଜେ ପ୍ରକାଶ କଲେ ।
ନିର୍ମଳକୁ ଏ ସବୁ ବୁଝିବାକୁ ବେଶୀ ଡେରି ହେଲାନି ।
ନିର୍ମଳ କହିଲା, "କୁନ, ସବୁ ବୁଝି ପାରିଲିଣି ।

ହେଉ ତେବେ ଥା । ଅନ୍ୟ କେବେ ଆସିଲେ କଥା ବାର୍ତ୍ତା ହେବା । ତେଣେ ଝିଅ ସୁକାନ୍ତି ହଟ ହଟା କରୁଥିବ ତା ମାଆକୁ । ତା' ପାଇଁ ବସ୍‌କୁଟ ଟିଣିଟି ପୁଣି ବଜାରରୁ କିଣି ନେବାକୁ ହେବ ।

ଆଚ୍ଛା—ଥାଆ କୁନ ।

ନିର୍ମଳ ବିଦାୟ ନେଇ ଚାଲିଗଲା ।

କୁନବାବୁ ରତନ ଦୁହେଁ ବାରଣ୍ଡାକୁ ଯାଇ ପାରା-ପେଟରେ ହାତରଖି ନିର୍ମଳର ଗଢ଼ ପଥକୁ ଏକ ଦୃଷ୍ଟିରେ ଚାହିଁ ରହିଲେ ।

ଦେଖୁ ଦେଖୁ ନିର୍ମଳ ସାଇକେଲ୍‌ଟା ଉଡ଼ାଇ ଜନ ଗହଳି ଭିତରେ କେଉଁଆଡ଼େ ମିଶିଗଲା ।

## —ବାର—

ଠିକ୍ ଗୋଟାଏ ବାଜୁଛି । ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠିଲାଣି । ନବକୁମାର କଟକରେ ପହଞ୍ଚିଲା । ସାଙ୍ଗରେ କେହି ନାହିଁ । ଷ୍ଟେସନ ଟା ଲୋକାରଣ୍ୟ । ହୋ ହୋ କଂପୁଛି । ମର୍ଦ୍ଧରାଜ ବାବୁଙ୍କ ଦେଇଥିବା ଚିଠି ଖଣ୍ଡି ପକେଟରୁ ବାହାର କରି ଥରେ ତହିଁରେ ଆଖି ପକାଇ ନେଲା । ଚୌଧୁରୀ ବଜାରକୁ ସେ ଯିବ ପ୍ଲାଟଫର୍ମରୁ ବାହାରି ଆସିଲା ।

ଷ୍ଟେସନ ଗୃହ ପାଖରେ ଗାଡ଼ି ଘୋଡ଼ା ର ଅଭାବ ନାହିଁ । ରକ୍ସା, ଘୋଡ଼ାଗାଡ଼ି, ବସ୍ ଷ୍ଟାଣ୍ଡରେ ଆରୋହୀ ମାନଙ୍କୁ ଯେପରି ଅପେକ୍ଷା କରି ରୁହିଁ ରହିଛନ୍ତି । ତେଲଙ୍ଗା ରିକ୍ସା ଚାଳକ ଗୁଡ଼ାକ ନବକୁମାର ପାଖକୁ ଧାଇଁ ଆସିଲେ ।

ବାବୁ କେଉଁଠିକି ଯିବେ । ଏହି ରେକସାରେ ବସନ୍ତୁ— ଅଭିବାଦନ ତାଙ୍କୁ ଜଣାଇଲେ ।

ନବକୁମାର ସିଧା ସିଧା ବସ୍ ନିକଟକୁ ଚାଲିଗଲା । ରିକ୍ସ ଚାଳକ ଗୁଡ଼ା ଫେରିଲେ ବ୍ୟର୍ଥ ମନୋରଥରେ । ପୂର୍ବପରି ଅନ୍ୟ ଯାତ୍ରୀ ମାନଙ୍କୁ ତାଙ୍କର ସେହି ସ୍ୱାଗତ ଜଣାଇଲେ । ବାବୁ କୁଆଡ଼େ ଯିବେ ଏଇ ରେକ୍ସାରେ ବସନ୍ତୁ । ଦୈନନ୍ଦିନ ଯେପରି ତାଙ୍କର ଅଭ୍ୟାସ ହୋଇ ଯାଇଛି ସେହି କଥାଟା ।

ନବ କୁମାର ଟାଉନ ବସ୍‌ରୁ ଓହ୍ଲାଇ ପଡ଼ିଲା—ଠିକ ଚୌଧୁରୀ ବଜାର ଛକରେ । ଠିକ୍ ଏ ଆଗେଇ ଯାଇ ଜଣେ ଲୋକକୁ ପଚାରିଲା ଆପଣ କହିପାରିବେ ଡ଼ି, ଏସ, ପି, ଶ୍ରୀଧର ବାବୁଙ୍କ ଘର କେଉଁଠି ?

ଲୋକଟି ନବ କୁମାରକୁ କହିଲା, ଡ଼ି, ଏସ, ପି ଶ୍ରୀଧର ବାବୁ ସିଏ ନୂଆ ବଦଳି ହୋଇ ଆସିଛନ୍ତି କଟକକୁ !

ନବ କୁମାର କହିଲା ହଁ ।
ଆସନ୍ତୁ ମୋ ସଙ୍ଗରେ ।

ନବ କୁମାର ଲୋକଟି ଶ୍ରୀଧର ବାବୁଙ୍କ ଘର ଦେଖାଇ ଦେଇ ଚାଲିଗଲା ।

ନବକୁମାର କୋଠାଟିକୁ ଭଲଭାବରେ ଚାହିଁଲା ଥରେ । ମନେ ମନେ ଟିକେ କ'ଣ ଭାବି ଗଲା ସେ । କ'ଣ ସେ ଯାଇ ଶ୍ରୀଧର ବାବୁଙ୍କୁ କହିବ ? ତାଙ୍କ ସହିତ ପରିଚୟ ନାହିଁ । ନାଆଁଟା ସେ ଶୁଣିଥିଲା କେବେ । ଶ୍ରୀଧର ବାବୁ ତାକୁ ଚିହ୍ନି ନପାରି କୌଣସି କଥା ଯଦି ପଚାରନ୍ତି ! କେମିତି ସେ ନିଜର ପରିଚୟଟା ଦେବ ? ମନଟାରେ ତାର ପ୍ରଶ୍ନ—ଖାଲି ପ୍ରଶ୍ନ ।

ନବକୁମାର ମର୍ଦ୍ଦରାଜ ବାବୁଙ୍କର ଦେଇଥିବା ଚିଠି ପକେଟରୁ ବାହାର କରି ହାତରେ ଧରିଲା । ବିଳମ୍ବ ନକରି ସେହି କୋଠା ଭିତରକୁ ପ୍ରବେଶ କରିବା ମାତ୍ରେ ଫାଟକରେ ଦରୱାନ ତାକୁ ଭିତରକୁ ଯିବାକୁ ନିଷେଧ କଲା ।
କିଏ ତୁମେ ? କେଉଁଠିକି ଯିବ । କାହାକୁ ଚାହଁ ?

ଏକ ସଙ୍ଗରେ ଏତେ ଗୁଡ଼ା କଥା ଗୁଡ଼େଇ ତୁଡ଼େଇ ବାରେ ଲଗିଲା ।

ନବକୁମାର ନରମ ଗଳାରେ କହିଲା, "ମୁଁ ଶ୍ରୀଧର ବାବୁଙ୍କ ନିକଟକୁ ଯିବ ।

ପୁନର୍ବାର ସେ ଲୋକଟି ପଚାରିଲା, କି ଦରକାର ?

ଅଛୁ ଲୋକଟାଏ ତ । ଆକୁ ଏତେ କୈଫିଏତ ଦେବ କିଏ ?

ନବ କୁମାର ମନେ ମନେ ବିରକ୍ତ ହୋଇଗଲା । ଠିକେ ଭାବି କହିଲା, "ତାଙ୍କ ସହିତ କେତେକ କଥାବାର୍ତ୍ତା ଅଛି ।"

ଏଠାରେ ବସ, ମୁଁ ଡ଼ାକି ଦେଉଛି ତାଙ୍କୁ ।

ଲୋକଟି ଉପର ମହଲକୁ ଚାଲିଗଲା ।

ନବକୁମାର ଗୋଟିଏ ବେଞ୍ଚ ଉପରେ ବସି ଭାବିଲା—ଏହି ଲୋକଟାର ବ୍ୟବହାର, କାହିଁକି ଏପରି ? ଶ୍ରୀଧର ବାବୁଙ୍କର ବ୍ୟକ୍ତିଗତ, ଭଲମନ୍ଦ, ବନ୍ଧୁ ବାନ୍ଧବ, ଏ ସବୁ ତ ଥିବ । ସରକାରଙ୍କ ଚାକିରିଆ ବୋଲି ନିଜର ପାରିବାରିକ ସମ୍ବନ୍ଧୀୟ କେତେ କ'ଣ ତ ଅଛି ? କେହି କେବେ ତାଙ୍କ ନିକଟକୁ ଆସନ୍ତି ନାହିଁ ନା କ'ଣ ? ନବକୁମାର ଭାବୁଛି । ପୁନର୍ବାର ସେହି ଲୋକଟି ଫେରି ଆସି ତାକୁ ଉପର ମହଲକୁ ଯିବାପାଇଁ ଅନୁମତି ଦେଲା ।

ନବକୁମାର ଉପର ମହଲକୁ ଚାଲିଗଲା ।

ହଠାତ୍ ନବକୁମାରକୁ ଶ୍ରୀଧର ବାବୁ ଦେଖି ଆଶ୍ଚର୍ଯ୍ୟ ହୋଇ ପଚାରିଲେ ଆପଣ କିଏ ?

ମୋ ନାମ ନବକୁମାର ମହାନ୍ତି ।

କେଉଁଠୁ ଆସିଛନ୍ତି ?

ସାଇକେଲରୁ

କି ଦରକାର ?

ନବ କୁମାର ହାତରେ ଧରିଥିବା ଚିଠି ଖଣ୍ଡିକ ତାଙ୍କ ହାତକୁ ବଢ଼ାଇ ଦେଲା ।

ଶ୍ରୀଧର ବାବୁ ଚିଠି ଖଣ୍ଡିକ ଉପରେ ଥରେ ଆଖିବୁଲାଇ ନେଇ କହିଲେ "ଆପଣଙ୍କୁ ତାହାହେଲେ ମର୍ଦ୍ଦରାଜବାବୁ ପଠାଇଛନ୍ତି ?"

ଆଜ୍ଞା ହଁ ।

କୁନ ଘରୁ ହଠାତ୍ କାହିଁକି ଏପରି ଭାବରେ ଚାଲିଆସିଲା ?

ସେ ଅନେକ ଘଟଣା ଆଜ୍ଞା ।

ଶ୍ରୀଧର ବାବୁଙ୍କ ଗୃହିଣୀ ଶ୍ରୀମତୀ ଚପଳା ଘର ଭିତରୁ ବାହାରି ପଡ଼ିଲେ ।

ହଠାତ୍ ନବକୁମାରକୁ ଦେଖି ଦୋ' ଦୋ' ଚିହ୍ନାହେଲେ ।

ନବ କୁମାର କହିବାକୁ ଆରମ୍ଭ କଲା ।

ଆଜକୁ କେତେ ମାସ ହେବ କୁନ ଘରୁ ଚାଲି ଯାଇଛି । ମର୍ଦ୍ଦରାଜ ବାବୁ ବହୁ ଖୋଜ ଖବର ନେଲେଣି, ତା'ର ସନ୍ଧାନ କେଉଁଠି ପାଉ ନାହାନ୍ତି । ଉପାୟ କିଛି ନପାଇ ମର୍ଦ୍ଦରାଜ ବାବୁ ଏହି ଚିଠି ଖଣ୍ଡିକ ଲେଖି ମୋ ହାତରେ ଦେଇ ପଠାଇଛନ୍ତି ଏବଂ ଅନୁରୋଧ କରି କହିଛନ୍ତି—ସେ ନିଶ୍ଚୟ କଟକରେ କେଉଁଠି ନା କେଉଁଠି ଅଛି । ଆପଣ ତା'ର ଅନୁସନ୍ଧାନ ନେଇ ଯେପରି ହେଉ ସମ୍ବାଦଟା ତାଙ୍କୁ ପହଞ୍ଚାଇବେ ।

କୁନ ପାଇଁ ମର୍ଦ୍ଦରାଜ ବାବୁ ପାଗଳ ହୋଇ ଗଲେଣି । ସ୍ୱପ୍ନମଞ୍ଜରୀ ଦେବୀ ନଖାଇ ନପିଇ ବିଛଣାରେ ପଡ଼ିଛନ୍ତି ।

ଶ୍ରୀଧର ବାବୁଙ୍କ ଅନାଇଁ ଚପଳା କହିଲେ କୁନଟାର ଏହି ପରି ଉଦ୍ଦଣ୍ଡ ସ୍ୱଭାବ ସବୁ ସମୟରେ । ମୁଁ ଆମ ସାଇରେ ଥିଲି ଢବଲେ ଏମିତି କେତେ କ'ଣ ତା' ନାମରେ ଶୁଣେ ।

ତେବେ ଯା ହେଉ, ତମେ ଠିକେ ତା'ର ଖୋଜ୍‌ଖବର ନିଅ । କଟକରେ ନିଶ୍ଚୟ ସେ ଅଛି ।

ଶ୍ରୀଧର ବାବୁ କିଛି ସମୟ ଭାବି କହିଲେ ଆଚ୍ଛା ଦେଖିବା ।

ତା' ହେଲେ ନବକୁମାର ବାବୁ ଆପଣ ଠିକେ ବସନ୍ତୁ ।

ମୁ ଗୋଟାଏ ଜରୁରୀ କାମରେ ଯାଉଛି । ଶୀଘ୍ର ଫେରି ପଡ଼ିବି ।

ଶ୍ରୀଧରବାବୁ ସାଇକେଲ୍‌ଟା ନେଇ ଚାଲିଗଲେ ।

ନବକୁମାର ବସିଛି ।

ଚପଳା ପଚାରିଲେ, "ନବ, ତୋତେ ମୁ ଦେଖି ଦୋ' ଦୋ' ଚିହ୍ନା ହେଲି । ଏତିକିଟିଏ ହୋଇଥିଲୁ, ତୋତେ ଦେଖିଥିଲି । ତା' ପରେ ମୋର ବିବାହ ବର୍ଷ ଠାରୁତ ବାହାରେ ବାହାରେ ବୁଲୁଛି । ଗାଁକୁ ଫିରିବାତ ସାତ ସପନ । କେମିତି ବା ଚିହ୍ନିବ ?

ବୁଲିନାନୀ ଭଲ ଅଛନ୍ତି ?

ନବକୁମାର କହିଲା—

ହଁ ।

ଗୋବିନ୍ଦ ଭାଇ ।

ସମସ୍ତେ ଭଲ ଅଛନ୍ତି ।

ତୋ ସ୍ତ୍ରୀଟ ଭଉଣୀ ତା ନାଆଁ କଣ ମନେ ପଡ଼ୁନି, ବୀଣା ନା କଣ ?

ହଁ ହଁ ବୀଣା—ବୀଣା ।

ସେ ଭଲ ଅଛନ୍ତି ?

ନବକୁମାର ଦୁଃଖ ମିଶ୍ରିତ ଗଳାରେ ବେଦନାର କୋହ ଚାପି କହନ୍ତି—

ସେ ଆଜକୁ ଚାରିମାସ ହେବ ମରି ଗଲଣି ।

କ'ଣ ସେ ମରି ଗଲଣି ?

ଆହା କେଡ଼େ ସୁନ୍ଦର ଝିଅଟିଏ ଥିଲାମ । ଯେମିତି ଦେଖିବାକୁ ସୁନ୍ଦର, ସେମିତି ପାଠ ପଢ଼ାରେ । ସବୁ କାମରେ ।

ତୋର ବାହାଘର ହେଲଣି ?

ନା' ।

ଆଉ, ଗାଁରେ ସମସ୍ତେ ଭଲ ଅଛନ୍ତି ?

ହଁ ।

ନବ, ଘଣ୍ଟା ଡେଇଁଟିଲାଣି କେତେବେଳେ ଖାଇ ଆସିଥିଲୁ ଘରୁ ଭୋକ ହେବଣି ଚାଲ ଗଣ୍ଡେ ଖାଇଦେବୁ ।

ନା ଭୋକ ଲାଗୁନି । ଶ୍ରୀଧର ବାବୁ ଆସନ୍ତୁ ।

ସେ ଅନେକ ଡେରିରେ ଆସିବେ । ଜାଣୁନା ଡ଼ି, ଏସ, ପି, ଲୋକ ଯୁଆଡେ ପିବେ ସିଆଡ଼େ ତାଙ୍କର ଗତି ପାହୁବ ।

ଚାଲେ ତୁ ଗଣ୍ଡେ ଖାଇଦେବୁ । ସେ ଆସିଲେ ପରେ ଖାଇବେ ।

ନିହାତି ବାଧ୍ୟ ହୋଇ ନବକୁମାର ଖାଇବାକୁ ଗଲା ।

ବାହାରୁ ସାଇକେଲର ଟିଂ ଟିଂ ଶବ୍ଦ ଶୁଭିଲା ।

ଚପଲା ଦରଜା ସାମନାକୁ ଚାହିଁଦେଲେ, ଶ୍ରୀଧର ବାବୁ ଆସୁଛନ୍ତି ।

କେଉଁଆଡେ ଚାଲି ଗଲକି ? ଜଣେ ଭଦ୍ର ଲୋକଙ୍କ ଘରେ ବସାଇ ନଦକ । ଖାଲି ବୁବେଲେ ଖାଲି ବାହାରେ ବୁଲ ।

ବଡ଼ ଜରୁରୀ କାମରେ ଚାଲି ଯାଇଥିଲି ଚପଲା । ଉପାୟ କ'ଣ ? ଭାବିଥିଲି ଶୀଘ୍ର ଫେରି ପଡ଼ିବି—ଡେରି ହୋଇଗଲା । ନବକୁମାର ବାବୁ ଖାଇଲେଣି ?

ହଁ ଖାଇ ବସିଛନ୍ତି ସେ ।

ଯାଅ ଭଲ ରକମ ଟିକେ ପରଷା ପରଷି କରି ଖାଇବାକୁ ଦିଅ ଗାଆଁ ପାଖ ଲୋକ ଜଣା ଶୁଣା ।

ତମକୁ କହିବାକୁ ପଡ଼ିବନି ଏତେ ।

ଆମକୁ ସେ ସବୁ ଆସେ ।

ଏତେ ରାଗୁଛ କାହିଁକି ଚପଲା ?

ମଲା ରାଗିବି କାହିଁକି ?

ହେ ତମେ ଶୁଣିଲଣିନା ! ମୁଁ ବର୍ତ୍ତମାନ ସେହି କୁନ ସନ୍ଧାନରେ ଯାଇଥିଲି । ବୁଝିଲି, କାଲି ସଂଧ୍ୟାରେ ମୋତେ ନିର୍ମଳ କହୁଥିଲା । କୁନ କଲେଜ ରୋଡ଼ ଛକ ପାଖାପାଖି କେଉଁଠି ଅଛି । ତା ପାଖରେ ପୁଣି ଗୋଟିଏ ଯୁବତୀ କିଏ ଅଛି । ହଠାତ୍ ଆଜି ନବକୁମାର ବାବୁଙ୍କ ଠାରୁ କୁନର ଅନ୍ତର୍ଦ୍ଧାନ କଥା ଶୁଣି କାଲିରନିର୍ମଳକଥା ମନେ ପଡ଼ିଗଲା । ତା'ରିପାଖକୁ ଯାଇଥିଲି । କୁନ ବସାଟା ଦେଖି ଆସିବା ପାଇଁ । କୋଠରୀଟି ତା'ର ବନ୍ଦ ଥିଲା । ଖବର ପାଇଲି, ସେ ସିନେମା ଦେଖି ଚାଲି ଯାଇଛି । ଯେତେଦୂର ସମ୍ଭବ, ସେ ସେଇଠାରେ ଅଛି । ମୁଁ କାଲି ଭିତରେ ଯେ କୌଣସି ଭାବେ ତା'ର ସନ୍ଧାନଟା ଆଣିବି ।

ବାଃ ଏଥିପାଇଁ ପରା ତମେ ହୋଇଛ ଡି, ଏସ୍, ପି, । ତା ନହୋଇଥିଲେ, ଏତେ ଚଞ୍ଚଳ ତମେ କୁନର ସନ୍ଧାନ ପାଇଥା'ନ୍ତ ?

ନବକୁମାର ପାଖକୁ ଯାଇ ପଚାରିଲେ ଚପଳା—
ନବ, ଆଜ କଣ ଖାଇବାକୁ ଦେବ ?
—ନା ଆଜ କିଛି ଦରକାର ନାହିଁ ।
ନବକୁମାର ଖାଇସାରି ମୁହଁ ଧୋଉ ଧୋଉ କହିଲା—
ଶ୍ରୀଧର ବାବୁ ଆସିଲେଣି ।
ଚପଳା ପ୍ରତ୍ୟୁତ୍ତର ଦେଲେ—
ହଁ ନବ, ସେ ଆସି ଗଲେଣି । ଆର ଘରେ ଲୁଗା ପାଲଟୁଛନ୍ତି ।
ନବକୁମାର ଶ୍ରୀଧରବାବୁଙ୍କ ପାଖକୁ ଯାଇ କହିଲା—
କେଉଆଡ଼େ ଚାଲି ଗଲେକି ?
ଶ୍ରୀଧର ବାବୁ ହସି ହସି କହିଲେ, "ଚାଲି ଯାଇଥିଲି ଗୋଟାଏ ଜରୁରୀ କାମରେ ।" ଏକ ରକମ କୁନର ସନ୍ଧାନରେ ।
କ'ଣ ହେଲା କୁହନ୍ତୁନା ?
ହେବ କ'ଣ ନବବାବୁ ? ମୋଟା ମୋଟି ଖବର ଏତିକି ପାଇଲି, କୁନ ଏହି କଟକରେ ଅଛି । ଏହା ମଧ୍ୟରେ ତାର ସବୁ ଖବର ମିଳିଯିବ ।
ଆଜ୍ଞା ଆପଣ ଆଗେ ଗଣ୍ଡେ ଖାଇ ଦିଅନ୍ତୁ । ପରେ କଥାବାର୍ତ୍ତା ହେବା—ନବ କୁମାର କହିଲା ।
ଶ୍ରୀଧର ବାବୁ କହିଲେ, "ହଁ ଖାଇବାକୁ ।"
ତା ହେଲେ ଆପଣ ଟିକିଏ ଏହି ଖଟ ଉପରେ ଗଡ଼େଇ ପଡ଼େଇ ହୁଅନ୍ତୁ । ମୁଁ ଗଣ୍ଡେ ଖାଇଦେଇ ଅସୁଛି ।
ଯାଆନ୍ତୁ ଆପଣ ଖାଇଦେଇ ଆସିବେ, ମୁଁ ଶୋଇଛି ।
ଚପଳା ତେଣେ ଭାତ ବାଢ଼ି ଶ୍ରୀଧର ବାବୁଙ୍କୁ ଅନାଇ ବସିଛନ୍ତି ।
ବଡ଼ ଡରକୁ ଲାଗିଲାଣି ତାଙ୍କୁ ।

ସବୁ ସମୟରେ ଡେରି, ବଡ ଅଳସୁଆ ଲୋକ ତମେ । ଭୋକ ଶୋଷ ଟିକିଏ ଲାଗୁନି ତମକୁ ? ଚପଳା ହସି ହସି ଶ୍ରୀଧର ବାବୁଙ୍କୁ କହିଲେ ।

ଶ୍ରୀଧରବାବୁ ଖାଇ ବସିଛନ୍ତି, ପୋଷ୍ଟ ପିଅନ ଆସି ପହଞ୍ଚିଲା । ହାତରେ ତାର ଫୁଲାଏ ଚିଠି । କାନ୍ଧରେ ଝୁଲୁଥାଏ ଗୋଟାଏ ଚମଡା ବ୍ୟାଗ୍, କାନ ମୂଳରେ ଖୋସା ହୋଇଥାଏ ଗୋଟାଏ ଲମ୍ବା ପେନ୍‌ସିଲ୍, ପିନ୍ଧିଥାଏ ଖାକି ପ୍ୟାଣ୍ଟ ଖଣ୍ଡେ ।

ଚପଲା ଦରଜା ଖୋଲିଦେଇ ଦେଖିଲେ ପୋଷ୍ଟ ପିଅନ, ରହିମା—ଜଣା । ପୁରୁଣା ମଣିଷଟାଏ ।

ହସି ହସି କହିଲାସେ, ଶ୍ରୀଧର ବାବୁ ଅଛନ୍ତି ?

ହଁ ଘରେ ଅଛନ୍ତି ସେ, କି ଦରକାର ?

ତାଙ୍କ ନାମରେ ଟେଲିଗ୍ରାମ ଆସିଛି ।

ଟେଲିଗ୍ରାମ ଆସିବା ଶୁଣି ଶ୍ରୀଧରବାବୁ ଧାଇଁ ଆସିଲେ ପୋଷ୍ଟ ପିଅନ ପାଖକୁ ।

କାହିଁ ଟେଲିଗ୍ରାମଟା ମୋ ଆଡକୁ ଦିଅ ।

ପୋଷ୍ଟପିଅନ ଟେଲି ଗ୍ରାମଟା ଶ୍ରୀଧର ବାବୁଙ୍କ ହାତକୁ ବଢାଇ ଦେଲା । କାଗଜ ଖଣ୍ଡେ ଓ କାନରେ ଖୋସିଥିବା ପେନସିଲ୍‌ଟା ବାହାର କରି କହିଲା, ଆଜ୍ଞା ସେହି ଟେଲିଗ୍ରାମ ନମ୍ବରଟା ଦେଖି ସହି କରି ଦିଅନ୍ତୁ ଏଥିରେ ସମୟ ମଧ୍ୟ ଲେଖି ଦିଅନ୍ତୁ ।

ଶ୍ରୀଧରବାବୁ ସହିଟା କରିଦେଲେ । ସମୟ ଲେଖିଦେଲେ ମଧ୍ୟ ।

ପୋଷ୍ଟ ପିଅନ ଚାଲିଗଲା ।

ଶ୍ରୀଧରବାବୁ ଖାଇ ବସିଲେ ।

ଚପଳା ପଚାରିଲେ; "କିଏ ଟେଲିଗ୍ରାମ କରିଛି ?"

ଖୋଲି ପଢ଼ିଲ ନାହିଁତ ?

ପଢ଼ା ଯିବତ ! ସେଥିପାଇଁ ଏତେ ବ୍ୟସ୍ତ ହେବାର କଣ ଅଛି ?

ଶ୍ରୀଧରବାବୁ ବୁଝି ସାରିଲେଣି ଟେଲିଗ୍ରାମଟା ନିଶ୍ଚୟ ଗଞ୍ଜାମରୁ ଆସିଛି । ତାଙ୍କର ଗଞ୍ଜାମ ଗସ୍ତରେ ଯିବାର ଥିଲା, କେତେକ ଗୋପନୀୟ ଘଟଣା ନେଇ !

ହେଉ ଟେଲିଗ୍ରାମଟା ନପଢ଼ିଲି ନାହିଁ । ଆଉ କ'ଣ ଖାଇବାକୁ ଦେବ କହିଲ ।

ନା ଚପଳା ଆଉ କିଛି ଖାଇବି ନାହିଁ । ଆଜି ଖାଇବାଟା ବଡ଼ ଜୋର ହୋଇ ଯାଇଛି ।

ହଁ ତମେତ ରୋଜ ସେଇଆ କହୁଥାଅ ।

କିଏ ଏତେ ତମକୁ ଖାଇବାକୁ ଦେଉଛି ?

କଟକରେ ଲୋକ କ'ଣ ଅଭାବ ଅଛନ୍ତି ?

ଶ୍ରୀଧର ବାବୁ ଉଠି ପଡ଼ିଲେ ।

ହାତ ଧୋଇବାକୁ ଗୋଟାଏ କାଚ ଗ୍ଲାସରେ ଗ୍ଲାସେ ପାଣି ତାଙ୍କ ହାତକୁ ଚପଳା ବଢ଼ାଇ ଦେଲେ ।

ଶ୍ରୀଧରବାବୁ ମୁହଁ ଧୋଇସାରି ଟେଲିଗ୍ରାମ ଖଣ୍ଡି ଖୋଲିଲେ । ଟେଲିଗ୍ରାମଟା ଉପରେ ଆଖି ପକାଇ ଦେଇ କହିଲେ, "ଚପଳା ମୋତେ ଗଞ୍ଜାମ ଯିବାକୁ ପଡ଼ିବ ।"

ସେଠା ଗଞ୍ଜାମ ପୁଲିଶ ହେଡ଼ କ୍ୱାଟରରୁ ଗୋବର୍ଦ୍ଧନବାବୁ ଟେଲିଗ୍ରାମ କରିଛନ୍ତି । କାଲି ଭିତରେ ଯେ କୌଣସି ମତେ ସେଠାରେ ପହଞ୍ଚିବାକୁ ପଡ଼ିବ ।

ନିହାତି ବୁଝୁଛି ପୂର୍ଣ୍ଣ ଘଟଣା । ନଗଲେ ଉପାୟ ନାହିଁ । ଆଜି ସଂଧ୍ୟା ସୁଦ୍ଧା ଯେମିତି ହେଉ ଯିବାକୁହିଁ ପଡ଼ିବ । ଅଚ୍ଛା ଚପଲା, ତମେ ଟ୍ରଙ୍କଟା ସଜଡ଼ା ସଜଡ଼ି କରୁଥାଅ । ମୁଁ ନବ କୁମାରବାବୁଙ୍କ ପାଖରେ କଥାବାର୍ତ୍ତା ହେଉଛି ।

ନବକୁମାର ଖଟ ଉପରେ ଶୋଇ ୨ ଭାବୁଛି କୁନର ସେହି ଅନ୍ତର୍ଦ୍ଧାନ କଥାଟାକୁ । କଟକରେ ସେ ଅଛି, ତା ପାଖରେ ପୁଣି ଯୁବତୀଟି କିଏ ଅଛି ତା । ରହସ୍ୟଟା କଣ ? ନିଶ୍ଚୟ ତାର ତଥ୍ୟ ଶ୍ରୀଧରବାବୁ ଅଣିଥିବେ ।

ନବକୁମାର ବାବୁ, ଶୋଇଲେଣି ନା ଚେଇଁଛନ୍ତି ?

ନାହିଁ ଆଜ୍ଞା, ଦିନଟାରେ କଣ ନିଦ ହେବ ? ଆପଣ ଖାଇ ସାରିଲେଣି ?

ଶ୍ରୀଧରବାବୁ କହିଲେ ହଁ ।

ଆପଣଙ୍କ ହାତରେ କଣ ଗୋଟାଏ ଟେଲିଗ୍ରାମ ପତ୍ର ଦେଖା ଯାଉଛି । କିଏ ପଠାଇଛନ୍ତି ?

ଟେଲିଗ୍ରାମଟା ବର୍ତ୍ତମାନ ପାଇଲି । ଖୁବ୍ ଜରୁରୀ ଆଜି ମୋତେ ଗଞ୍ଜାମ ଚାଲି ଯିବାକୁ ହେବ । ଆପଣ ନିହାତି ଅସମୟରେ ବି ପହଞ୍ଚିଲେ ଆସି । ମୋ ଅନୁପସ୍ଥିତରେ କଟକରେ ରହି ଆପଣ କୁନ ସମ୍ବନ୍ଧରେ ବିଶେଷ କିଛି କରି ପାରିବେନି । ମୋର ଯେତେଦୂର ଧାରଣା କୁନ ନିଶ୍ଚୟ କଲେଜ ରୋଡ଼ ପାଖା ପାଖି ସେହି ଜାଗାଟିରେ ଅଛି । ସରକାରୀ ଚାକିରୀ, ଗଞ୍ଜାମରୁ ନଫେରିଲେ କିଛି କରି ପାରୁନି । ଆପଣଙ୍କ ହାତରେ ମର୍ଦ୍ଧରାଜବାବୁଙ୍କ ନିକଟକୁ କୁନର ପାଇଥିବା ଖବରଟା ଲେଖି ଦେଉଛି, ତାଙ୍କୁ ଦେବେ । କହିବେ ସେ ବ୍ୟସ୍ତ ହେବେନି

ମୁଁ ଏହି ଦଶ-ପନ୍ଦର ଦିନ ମଧ୍ୟରେ କୁନକୁ ଏଠାରୁ ସଙ୍ଗରେ ନେଇ ଘରେ ପହଞ୍ଚିବି ।

ନବକୁମାର କହିଲା, "ତା' ହେଲେ ଚିଠି ଖଣ୍ଡେ ଲେଖି ଦିଅନ୍ତୁ ।

ଶ୍ରୀଧର ବାବୁ ଚିଠି ଖଣ୍ଡେ ଲେଖି ବସିଲେ ।

ମାନନୀୟ ଦିବ୍ୟସିଂହବାବୁ !

ସଭକ୍ତି ପ୍ରଣାମ ନେବେ । କୁନ ସମ୍ବନ୍ଧରେ ଆପଣଙ୍କ ଚିଠିପତ୍ରି ସମସ୍ତ ବୁଝି ପାରିଲି । ମୋର ଯେତେଦୂର ମନେ ହେଉଛି, ସେ ନିଶ୍ଚୟ ଏହି କଟକରେ ଅଛି । ଗୋଟାଏ ଜାଗାରେ ତାର ଥିବା ସନ୍ଧାନ ମୁଁ ପାଇଛି । ବ୍ୟସ୍ତ ହେବେନି । ନବକୁମାରବାବୁଙ୍କ ଠାରୁ ସମସ୍ତ କଥା ବୁଝି ପାରିବେ ।

ଖୁବ୍ ଜରୁରୀ କାମରେ ଆଜିରେ ମୁଁ ଗଞ୍ଜାମକୁ ଚାଲି ଯାଉଛି । ପାଞ୍ଚଦିନ ପରେ ଫେରିବି । ପରେ ସମସ୍ତ କଥା ଜଣାଇବି ।

ଇତି ।

ଆପଣଙ୍କର

ଶ୍ରୀଧର ଚନ୍ଦ୍ର ରାୟ

ଚିଠିଖଣ୍ଡି ଲେଖିସାରି ଲଫାପାରେ ପୂରାଇ ଶ୍ରୀଧରବାବୁ କହିଲେ, "ଏହି ଚିଠିଖଣ୍ଡି ରଖନ୍ତୁ, ମର୍ଦ୍ଦରାଜ ବାବୁଙ୍କୁ ଦେଇ ଦେବେ ।"

ନବକୁମାର ଚିଠି ଖଣ୍ଡି ପକେଟ୍‌ରେ ରଖିଲା—

ଚପଳା ଆସି ପଚାରିଲେ, "ନବ ତୁ କଣ ଆଜିରେ ଚାଲିଯିବୁ ?"

ହଁ ।

ନା-ନା ଆଜି ରହ । କାଲି ଅଫିସ୍‌କୁ ଯିବ । ସେ ଆଜି ଗଞ୍ଜାମ ଯାଆନ୍ତୁ । କାଲି ଖାଇ ପିଇ ଗୋଟାଏ ବେଳକୁ ଯିବୁ । ସାଙ୍ଗରେ ରମାକୁ ପଠାଇ ଦେବ, ଷ୍ଟେସନରେ ଛାଡ଼ି ଆସିବ ।

ହଁ ନବକୁମାର ବାବୁ ଆପଣ ଆଜି ରହି ଯାଆନ୍ତୁ ।

ଯିବେ ତ ବ୍ୟସ୍ତ କାହିଁକି—ଶ୍ରୀଧର ବାବୁ କହିଲେ ।

ନିହାତ ବାଧ୍ୟହୋଇ ନବକୁମାର ସେ ଦିନଟା ରହିବାକୁ ସ୍ୱୀକୃତ ଜଣାଇଲା ।

ଶ୍ରୀଧର ବାବୁ ସେଦିନ ଗଞ୍ଜାମ ଗସ୍ତରେ ଚାଲିଗଲେ ।

## —ତେର—

ଜମିଦାରୀରେ ଉଚ୍ଛୃଙ୍ଖଳା ପଶିଥିଲାଣି । ଗୁମାସ୍ତାମାନେ ପ୍ରଜାଙ୍କ ଠାରୁ ଖଜଣା ଆଦାୟ କରି ଆପଣା ହାତ ପଇଠ କଲେଣି । ଦିନୁଦିନ ଗ୍ରାମଟାରୁ ଡରଭୟ ଛାଡ଼ି ଯାଉଛି । କେହି କାହାକୁ ମାନିବାକୁ ନାହାନ୍ତି । ଏସବୁ ଦେଖି ବଇଁଶୀ ବେଳକାଳ ଉଣ୍ଡି ହାତ ଟକ୍‌କଣିକରି ନେଲାଣି । ମନେ ମନେ ବେଶ୍ ଆନନ୍ଦିତ ହେଉଛି ସେ । ଏଇ ବେଳରେ ଯେତେଟା ପାରେ ହାତ ପଇଠ କରି ନେବ ସେ । ଆଉ ବେଳନାହିଁ । ରମି ମାଆ ବେକରେ ସୁନାହାର ପିନ୍ଧିଲାଣି । ହାତରେ କେଉଁ କାଳରୁ ଦି' ପଟ ଭଙ୍ଗା କାଚ ପିନ୍ଧିଥିଲା, ତାକୁ ବଦଳାଇ ବଇଁଶୀ ଆଜି ଭଲକାଚ ପିନ୍ଧାଇ ଦେଇଛି ।

ବଇଁଶୀ ଭାବୁଛି—ମର୍ଦ୍ଦରାଜଙ୍କ ଘରେ ଉମରଟା ଆସି କଟାଇଲାଣି—କିଛି ସେ କରି ପାରିନାହିଁ । ଏଇ ତାର ସୁବର୍ଣ୍ଣ ସୁଯୋଗ ଲୁଟିବାର ଆଉଅଛି ।

ଗାଁର ସମସ୍ତେ ଦେଖୁଛନ୍ତି ବଇଁଶୀ କିପରି ସୁଖରେ ରହୁ-ଚଳୁଛି । ଆଉ ଆଗରୁ ସେ ଦେଖୁଥିଲେ—କିମିତି ଚଳୁଥିଲା । ଦିନ ରାତି, ଜମିଦାର ଘରେ ଖଟି ଖଟି ତଥାପି ମୁଠାଏ ଦି'ବେଳା ଭଲକରି ଖାଇବାକୁ ପାଉ ନଥିଲା । ଆଉ ଆଜି.........?

ଆଜି ସେଇକଥା ସମସ୍ତେ ଭାବୁଛନ୍ତି । ବେଳ ପଡ଼ିଲେ ନ ମଣିଷ ମଣିଷ ପାଲଟେ ।

\+ \+ \+

ମର୍ଦ୍ଦରାଜଙ୍କର ମନରେ ସୁଖ ଶ୍ରଦ୍ଧା କେଉଁଆଡ଼େ ଉଭାଇ ଗଲଣି ଯେଉଁଠି ବସୁଛନ୍ତି, ସେଠି କେବଳ ଗୁଡ଼ାଏ ଏଣୁ ତେଣୁ ଭାବୁଛନ୍ତି । ସକାଳ ଯାଇ ସଞ୍ଜ ହେଉଛି ।

ତଥାପି ତାଙ୍କର ଭାବନା ଭାଙ୍ଗୁନାହିଁ, ବରଂ ବଢ଼ୁଛି । ଜମିଦାରୀ ଖାତାପତ୍ର ଆଉ ସେ ଖୋଲାଉ ନାହାନ୍ତି । ପ୍ରଜାଙ୍କ ଠାରୁ ବାକୀ ଖଜଣା ଆଦାୟ କରୁନାହାନ୍ତି । କେତେ ପ୍ରକାର କାନ କୁହା ଆସି ଆ ତା ନାମରେ ଖର ଚୁଗୁଲି ଲଗାଇ ତାଙ୍କୁ କହୁଛନ୍ତି । କୌଣସି କଥାକୁ ତାଙ୍କର ଲକ୍ଷ୍ୟନାହିଁ ।

ସ୍ୱପ୍ନ ମଞ୍ଜରୀ କୁନ ବାବୁଙ୍କ ଚିନ୍ତାରେ ଦାନା ଛାଡ଼ିଲେଣି । ବସି ବସି ଆଖିରୁ ଲୁହ ଗଡ଼ାଉଛନ୍ତି । ଯିଏ ପଚାରୁଛି ତାକୁ ସେ କହୁଛନ୍ତି ସତେ କ'ଣ କୁନ ଫେରିବ ?
ଦି' ଆଖିରେ ତାକୁ ଦେଖିବ ?

ମନ ତାଙ୍କର ବଦଳାଇବା ପାଇଁ ଚକରାଣୀ ରାଧି କହୁଛି ସାଆନ୍ତାଣୀ ତମେ କ'ଣ ପାଗଳ ହେଲ ? ମୁଁ ପରା କାଲି ସପନ ଦେଖିଛି, କୁନ ଆସି ତମ ଦି' ପାଦ ଧରି କହୁଛନ୍ତି, ବୋଉ, ମୋ ପାଇଁ କେତେ ମନରେ ଦୁଃଖ ହୋଇ ନଥିବ ? ଭୁଲରେ ସିନା ମୁଁ ଚାଲି ଗଲି ? ମନ ଖାଲି ଦୋଳେଇ ଘଣ୍ଟି ହେଲା । ପୁଣି ତୋ ପୁଅ ମୁଁ ଫେରି ଆସିଛି ତୋ ପାଖକୁ ।

ସତେ ସାଆନ୍ତାଣୀ ? ଯେମିତି ତାଙ୍କ ଚେହେରା ଯେମିତି ତାଙ୍କ କଥା ଭାଷା ସେମିତି ସେ କହୁଥାନ୍ତି । ମୋ ନିଦଟା ଛଟ୍‌କରି ଭାଙ୍ଗି ଗଲା ।
ସ୍ୱପ୍ନମଞ୍ଜରୀ ଦୀର୍ଘ ନିଶ୍ୱାସ ପକାଇ କହିଲେ—
କେଜାଣି ରାଧି ସତେ କ'ଣ କୁନ ଫେରି ଆସିବ ।

ମୋ ଧନ ଫେରିଆସିବ ?

ହଁ ସାଆନ୍ତାଣୀ ତମେ ଆଉ ବ୍ୟସ୍ତ ହୁଅନାହିଁ । ଦେଖିବ— ସେ ନିଶ୍ଚେ ଆସିବେ ସପନ କଥା କ'ଣ ମିଛହେବ ?

ମର୍ଦ୍ଦରାଜବାବୁ ନବକୁମାର କଥା ଭାବୁଛନ୍ତି,କଟକରୁ ସେ ଫେରିଲେ,କେମିତି କୁନରଖବର ଟିକେ ପାଇଲେ ତାଙ୍କ ମନରେ ଆଶ୍ୱସ୍ତି ଆସିବ । ଶାନ୍ତିରେ ନିଶ୍ୱାସ ଟିକେ ମାରିବେ ହେଲେ । କାହିଁ ନବକୁମାର ତ ଆସିଲା ନାହିଁ ?

ଭାବନା ତାଙ୍କର ମଉଳାନାହିଁ;
ଏହି ସମୟରେ ନବକୁମାର ପହଞ୍ଚିଗଲା ।

ମର୍ଦ୍ଦରାଜ ବାବୁ ଆନନ୍ଦରେ ଅଧିର ହୋଇ ପଡ଼ିଲେ । ନବକୁମାରକୁ ହଠାତ୍ କୁଣ୍ଢାଇ ପକାଇ କହିଲେ, ନବକୁମାର କଣ ଖବର ପାଇଲୁ ? କୁନ କଟକରେ କ'ଣ ଅଛି !

ଆପଣ ଏତେବ୍ୟସ୍ତ କାହିଁକି ହେଉଛନ୍ତି । କୁନ କଟକରେ ଅଛି। ଶ୍ରୀଧରବାବୁ ତା'ର ସନ୍ଧାନ ନେଇଥିଲେ । ଦୁଃଖର କଥା ତାଙ୍କର ଖୁବ୍ ଜରୁରୀ କାମ ଥିବାରୁ ସେ ଗଂଜାମ ବାହାରି ଗଲେ । ଚାରିପାଞ୍ଚଦିନ ପରେ ଫେରିବେ । ଏଣୁ, ସେ ବିଶେଷ କିଛି ଖୋଜ ଖବର ତା'ର ନେଇ ନାହାନ୍ତି । କଟକ ଫେରିଲେ ପୁନରାୟ ବ୍ୟବସ୍ଥା ସେ କରିବେ ବୋଲି କହିଛନ୍ତି । ହେଇ ଚିଠି ଖଣ୍ଡେ ସେ ପଠାଇଛନ୍ତି ନିଅନ୍ତୁ ।
ମର୍ଦ୍ଦରାଜବାବୁ, ଚିଠିଖଣ୍ଡିକ ପଡ଼ିଲେ ।

ସ୍ୱପ୍ନମଞ୍ଜରୀ ପୁଅର ଖବର ଶୁଣିବା ପାଇଁ ବିକଳ ହୋଇ ଧାଇଁ ଆସିଲେ ନବକୁମାର ପାଖକୁ ।
ଚିଠି ଖଣ୍ଡି ପଢ଼ିସାରି ମର୍ଦ୍ଦରାଜ ବାବୁ ଦୀର୍ଘ ନିଶ୍ୱାସ ପକାଇ କହିଲେ" ନବକୁମାର ।"

ସବୁ ବୁଝି ପାରିଲି—କୁନ ଯଦି ଫେରିଆସେ---ସେ ମୋ ଭାଗ୍ୟ, ଆଖିରୁ ତାଙ୍କର ଲୁହ ଗଡ଼ି ପଡ଼ିଲା । ଲୁହ ପୋଛୁପୋଛୁ ସେ କହିଲେ ନବକୁମାର, ମୁଁ ଆଉ ଧୈର୍ଯ୍ୟ ଧରି ରହି ପାରିବି ନାହିଁ । ମୋ ଦେହ କଣ ହୋଇ ଯାଉଛି । ବେଶିଦିନବଞ୍ଚି ପାରିବିନାହିଁ ମଧ୍ୟ । ସବୁ ଆଶା ଭରସା ଗୁଡ଼ି- ଲିଣି ମୁଁ । ଆଜିରେ ସମାଜକୁ ଲେଖି ପଠାଅ ଏଥର ।

ଲେଖ—ଲେଖ—ନମକୁମାର ।

ଆଉ ବିଳମ୍ବ କରନା ।

ନବକୁମାର ପକେଟରୁ କଲମ ବାହାର କରି କହିଲା, "କ'ଣ ଲେଖିବି କହନ୍ତୁ ?"

ଲେଖ—

ସ୍ନେହର କୁନ !

କେଉଁ ଅଭିମାନେ ତୁ ଚାଲିଗଲୁ । ତୋତେ ହରାଇ ଆଜି ବାପ ମାଆ ତୋର ଅନ୍ଧ ହୋଇ ବସିଅଛୁ । ମୁଁ ଆଜି ତୋର ପାଇଁ ରୋଗ ଶଯ୍ୟାରେ, ମାଆ ତୋର ତୋତେ ନଦେଖି ଅସ୍ଥି-ହାଡ଼ ହୋଇ ଗଲେଣି ।

ତୋ ଇଚ୍ଛା ବିରୁଦ୍ଧରେ ମୁଁ କେବେ କୌଣସି କାର୍ଯ୍ୟ କରିବି ନାହିଁ । ଶୀଘ୍ର ଘରକୁ ଫେରିଆ ; ତୋର—ବାପା ।

ନବକୁମାର ଏ ବିଜ୍ଞାପନଟି ସମାଜକୁ ପଠାଇ ଦିଅ ଡାକରେ । ଉହୁ—କି ଯନ୍ତ୍ରଣା ? ଆଉ ସହ୍ୟ କରି ପାରିବି ନାହିଁ—ନବ-କୁମାର । ଘଡ଼ିଘର ନାଗରା ବାଜି ଉଠିଲା ।

ନବକୁମାର ବିଜ୍ଞାପନଟି ନେଇ ଚାଲିଗଲା ।

ମହେନ୍ଦ୍ର ବାବୁ, ପଟପଟି ମୁଣ୍ଡରେ ହାତ ଦେଇ ଭାବନା ସ୍ରୋତରେ ଭାସି ଚାଲିଲେ ।

—ଚଉଦ—

ରତନୀ ଦୀର୍ଘ ନିଶ୍ୱାସ ପକାଇଲା ।

କହିଲା ହଁ, ମୁଁ ପାପ କରିଛି—ଅନ୍ୟାୟ କରିଛି । ଜାଣୁ ଜାଣୁ ତୁମ୍ଭର ସୁନାର ସଂସାରଟିକୁ ଛାରଖାର କରିଛି । ଅନୁତାପରେ ପ୍ରାଣ ଯେ ତାଙ୍କର କ'ଣ ନ ହେଉଥିବ ? କେତେ ସେ ତମରି ପାଇଁ ଝୁରି ହେଉ ନଥିବେ ? ବାପ ମା, ଯାହାଙ୍କ ଲାଳନ ପାଳନ ବୁକୁରେ ଦେଇଛି ସାହସ--ମୁହଁରେ ଦେଇଛି କଥା । ହାତଧରି ଯିଏ ଚାଲିଇ ଶିଖାଇଛନ୍ତି, ସେ କେମିତି ଧୈର୍ଯ୍ୟ ଧରି ରହିବେ ? କେତେ କଷ୍ଟ ତାଙ୍କ ମନରେ ନହେଉ ଥିବ । କାହିଁ, ଦିନେତ ଭାବିଲ ନ—ତମମୁହଁରୁ ଦିନେ ମୁଁ ତ ଶୁଣିବାକୁ ପାଇଲିନାହିଁ ? କ୍ଷଣକ ପାଇଁ ହେଲେ ତମ ମନ ବ୍ୟଥିତ ହେଉନ । ସବୁବେଳେ ଖାଲି ମଉଜ ମଜଲିସ୍ । ଆମୋଦ ପ୍ରମୋଦ । ସିନେମା ଥିଏଟର । ପଛକଥା ମନେ ଟିକେ ପକାଅ ? ଭାବ ଟିକେ ଥରେ !!

ସେଦିନ ପ୍ରଭାତ ସିନେମାକୁ ରେକ୍ସାରେ ବସି ଯାଉଁ ଯାଉଁ ରାସ୍ତା କଡ଼ରେ ଯେଉଁ ଭିକାରୀ ବୁଡାଟିର ଆର୍ତ୍ତନାଦରେ ତମ ଗତି ତରଳି ଯାଇଥିଲା—ରେକ୍ସାରୁ ତମେ ଓହ୍ଲାଇ ପଡ଼ି ପଚାରିଲ ସେ ଭିକାରୀ ବୁଢ଼ାଟିକୁ, କାହିଁକି ବୁଡା କାନ୍ଦୁଛୁ ? ତୋର କ'ଣ ହୋଇଛି କି ?

ଧୂଳିରେ ଲୋଟି ଯାଉଥିଲା ତା'ର ଅଙ୍ଗଲତା । ମୁଣ୍ଡ ବାଡେଇ ଲୁହ ଲହୁ ଏକାଠି କରୁଥିଲା ସେ । ତମକୁ ସେହି ଆର୍ତ୍ତନାଦ ଜବାବ ଦେଇଥିଲା ପରା ? ବାବୁ ମୋ ପୁଅ କେଉଁ-ଆଡେ ଚାଲି ଯାଇଛି, — ପାଉନାହିଁ ଖୋଜି ଖୋଜି ଥକିଲିଣି । ବ୍ୟଥା ଭରା କଣ୍ଠରେ ତମେ ମୋତେ କହିଥିଲ — "

ରତନୀ ।" ଜଗତରେ ପିତୃ ସ୍ନେହ ଠାରୁ ବଳି ମଧୁର ସ୍ନେହ ଆଉ ନାହିଁ । ଆଖି ଲୁହ ଆଖିରେ ଚାପି ମୁଁ କହିଥିଲି ତମକୁ-କୁନବାବୁ; ତୁମେ ଆଜି କ'ଣ କରୁଛ ? ତୁମ କଥା ଭାବିଲଣି ଥରେ ! ମୋ କଥାର ପ୍ରତ୍ୟୁତ୍ତର ଦେବାକୁ ଯାଇ-ଆଖିରୁ ଲୁହ ତମେ ଢାଳିଦେଲ ନୀରବରେ । ଅନ୍ତର ମୋର ଥରି ଉଠିଲା

ଆଜି ତମେ ମୋ କଥା ମାନ, ଘରକୁ ଫେରିଚାଲ । ବାପା କ'ଣ ସତେ ତାଙ୍କ କୋଳରୁ ଅନ୍ତର କରି ଦେବେ ? ଯଦି ସେ ତେଜ୍ୟପୁତ୍ର କରି ଦିଅନ୍ତି—ହସି ହସି ତାଙ୍କ ପଦଧୂଳି ମୁଣ୍ଡରେ ମାରି ଚାଲିଆସିବା ପୁଣି ।

ହଁ ରତନୀ, ମନଟା ସବୁବେଳେ ପାଣି ଚକଟି ହେଉଛି । ଶାନ୍ତ ଅସୁନ—ପଛ କଥା ଗୁଡାକ ଆଖି ଆଗରେ ମୋର ନାଚି ଯାଉଛି । ଦେହ ମୋର ଥରି ଉଠୁଛି ।

ବାପା ଆଜି ସମାଜରେ ଲେଖିଛନ୍ତି, କୁନ କେଉଁଠି ଅଛୁ ଶୀଘ୍ର ଘରକୁ ଫେରିଆ, ତୋ ମାଆ ତୋତେ ନଦେଖି ଅସୁସ୍ଥ ହୋଇ ପଡ଼ିଲେଣି । ମୁଁ ଆଜି ତୋର ପାଇଁ ରୋଗ ଶଯ୍ୟାରେ, ତୋ ଇଚ୍ଛା ବିରୁଦ୍ଧରେ ମୁଁ କେବେ କୌଣସି କାମ କରିବି ନାହିଁ ।

ମୁଁ ତାହା ଦେଖି ଶୁଣି ନୀରବ ରହିଛି
କିନ୍ତୁ ମନଟା କେମିତକା ହୋଇ ଯାଉଛି ।

ଯେତେଦୂର ମନେ ହେଉଛି,ସେ ପ୍ରକୃତରେ ରୋଗରେ ପଡ଼ିଛନ୍ତି ତାଙ୍କୁ ଦେଖିବା ପାଇଁ ମନଟା ବ୍ୟାକୁଳ ହୋଇ ପଡ଼ିଲାଣି ।

ହଁ ତମେ ମୋ କଥାମାନ ଘରକୁ ଫେରିଚାଲ ।

ଘଡ଼ି ଘଣ୍ଟାରେ ଠନ୍ ଠନ୍ ହୋଇ ବାରଟା ବାଜିଲା ।

କୁନ ବାବୁଙ୍କ ଆଖିକୁ ନିଦ ନାହିଁ । ସେଦିନ ରାତିଟା ସେହିପରି କଟିଲା । ଦିନୁଦିନ ଶଯ୍ୟାର ଅଥଳ ଦରିଆରେ କୁନବାବୁ ବୁଡ଼ି ଗଲେ । ସକାଳ ହେଲାଣି । କାଉ କାଆ ଡାକିଲାଣି—ରାସ୍ତା କଡ଼ରେ ବିଜୁଳିବତି ଆଲୁଅ ଗୁଡ଼ାକ ଲିଭି ଗଲାଣି । କେଉଁଠି କେମିତି ଅସ୍ପଷ୍ଟ ହୋଇ ଜଳୁଛି । ରାସ୍ତା ଗୁଡ଼ାକ ଶୁନ୍ ଶାନ । ମଝିରେ ମଝିରେ ଶଗଡ଼ର କେଁ କଟର ଶବ୍ଦ ଶୁଭୁଛି ।

କୁନବାବୁ ବିଛଣାରୁ ଉଠି ବସିଛନ୍ତି ।

ରଞ୍ଜନା ଗାଧୋଇବାକୁ ଯାଇଛି ।

ନିର୍ମଳ ପହଞ୍ଚିଲା ।

କୁନ ବାବୁ ନିର୍ମଳକୁ ଦେଖି ହଠାତ୍ ଚମକି ପଡ଼ିଲେ ।

କିଛିକ୍ଷଣ ନୀରବ ରହି କହିଲେ,"ଏମିତି ଅସମୟରେ ନିର୍ମଳ ?"

ନିର୍ମଳ ଠିକେ ଗୁମ୍ମାରି କହିଲା, "ହଁ ସେମିତି କିଛି କାରଣ ଅଛି କୁନ ।" ତା' ନ ହୋଇଥିଲେ ଏତେ ସକାଳୁ ମୁଁ କ'ଣ ଆସିଥାନ୍ତି !!

ହଁ ତାହାହିଁ ତ ମୋର ମନେ ହେଉଛି ।

ତେବେ କାରଣଟା କ'ଣ କହିଲୁ ?

କାରଣଟା ଏହି । ତୁ ଘରୁ ଲୁଚି ପଳାଇ ଆସିଛୁ ?

ମୁଁ ସେଦିନ ପଚାରିଲାରୁ କହିଲୁ, ସେମିତି ଖୁସିରେ ବୁଲିଚାଲି ଆସିଛି । ସେ ଯାହା ହେଉ ତୁ ଏପରି ଭାବରେ ଘରୁ ପଳାଇ ଆସିବା ଦ୍ୱାରା ପ୍ରକୃତରେ ଅନ୍ୟାୟ କରିଛୁ ?

ତୁମ ଗ୍ରାମରୁ ନବକୁମାର ମହାନ୍ତି ଡ଼, ଏସ୍, ପି, ଶ୍ରୀଧର ବାବୁଙ୍କ ଘରକୁ ଆସିଥିଲେ । ତୋ ବାପା ତାଙ୍କର ହାତରେ ତୋର ଘରୁ ପଳାଇ ଆସିଥିବା ଖବରଟା ପଠାଇ କଟକରେ ଖୋଜ ଖବର ନେବାକୁ ଶ୍ରୀଧର ବାବୁଙ୍କୁ କହିଛନ୍ତି । ଶ୍ରୀଧର ବାବୁ ନିଜେ ତୋର ସନ୍ଧାନ ନେବା ପାଇଁ କାଲିରେ ଆମ ଘରେ ଆସି ପହଞ୍ଚି କହିଲେ, "ନିର୍ମଳ ବାବୁ, କୁନ ଘରୁ ଲୁଚି ପଳାଇ ଆସିଛି, ସେତ ଆପଣଙ୍କର ବନ୍ଧୁ । ଶୁଣୁଛି ସେ କଟକରେ କେଉଁଠି ଅଛି । ଆପଣ ତାର ସନ୍ଧାନ ପାଇଛନ୍ତି କି ? ବର୍ତ୍ତମାନ ତା'ର ବାପା ବଡ଼ ଅସୁସ୍ଥ—ରୋଗ ଶଯ୍ୟାରେ ପଡ଼ିଛନ୍ତି । ମୁଁ ତାଙ୍କ ଠାରୁ ଏ ସବୁ ଖବର ପାଇ ହଠାତ୍ ତାଙ୍କୁ ତୋର ସଂଧାନଟା କହି ଦେଇଛି କୁନ । ସେ ଦୁଇଥର ଆସି ଫେରି ଗଲେଣି ମଧ୍ୟ । ତୋ ସାକ୍ଷାତ ପାଉ ନାହାନ୍ତି ।

ଦେଖ୍ କୁନ ତୁ ମନରେ ଯାହା ଭାବ ପଛେ, ମୁଁ ଅନ୍ତରକ ତୋର ଏପରି କାର୍ଯ୍ୟକୁ ନିନ୍ଦା ନ କରି ରହି ପାରୁନି । ମୋ ଉପରେ ବରଂ ହିଂସା କର, ଈର୍ଷା କର ତଥାପି ତୋର ଚେତନା ଫେରି ଆସୁ । ତୁ ଘରକୁ ଶୀଘ୍ର ଫେରିଯା-ମୁଁ ଏତିକି ତୋତେ କହିବାକୁ ଆସିଛି ।

କୁନବାବୁ କହିଲେ, "ହଁ ନିର୍ମଳ, ସେଦିନ ତୋତେ ଅନେକ କଷଦ୍ୟ ଲୁଚାଇ କହିନି ।" କ୍ଷମା କରିବୁ । ତୁ ଯେଉଁ କଥାରେ ମୋତେ ସନ୍ଦେହ କରିଥିଲୁ ତାହା ପ୍ରକୃତରେ ସତ୍ୟ ।
ମୋ ଜୀବନର ଗୋଟାଏ ବିରାଟ ଇତିହାସ ସେ । ବର୍ତ୍ତମାନ ସେ ସବୁ କଥା ଘାଣ୍ଟି ଚକଟି ଲାଭ ନାହିଁ କିଛି । ଭାବିଲେ ମନରେ ଦୁଃଖ ଆସୁଛି ।

ନିର୍ମମ ସମାଜର ଦାରୁଣ ଅକ୍ରୋଶକୁ ପାଦରେ ଠେଲି ଦେଇ ଦୂରଦୂରାନ୍ତରକୁ ଚାଲି ଆସିଛି ମୁଁ । ଜାଣେ ନା ଫଳ କଣ ହେବ ? ତଥାପି ମୁକ୍ତିର ଆଲୋକ ଚାହେଁ—ଜୀବନଟାକୁ ସୁଖ ଶାନ୍ତିରେ ରଖିବାକୁ ଚାହେଁ । ଦୁଃଖ ଘନଘଟା ଭିତରେ ଯେ ମୋତେ ପାଇବା ପାଇଁ ଛାତି ପତାଇ ଦେଲା ଆଗକୁ କେମିତି ମୁଁ ତାକୁ ମୋ କୋଳରେ ସ୍ଥାନ ନ ଦେବି ନିର୍ମଳ ?

ତାର ନିଦର୍ଶନ ମୋ ପାଖରେ ଆଶ୍ରିତା ଏହି ଯୁବତୀଟି । ସେଦିନ ତୋ ସହିତ ପ୍ରତାରଣା କରି କହିଥିଲି ସେ ଜଣେ ପୂର୍ବବଙ୍ଗର ନିରାଶ୍ରିତା ଯୁବତୀ—ମୋ ଘରେ ତାକୁ ଆଶ୍ରୟ ଦେଇଛି । ଆଜି ତୋ ନିକଟରେ ମୋର ସମସ୍ତ ଗୋପନ କଥା ଧରା ପଡ଼ି ଯାଇଛି ।

କ୍ଷମା କରିବୁ ଭାଇ ।

ହଁ ସେଦିନ ଯେଉଁ ବୁଢ଼ାଟିର ଶବକୁ ନେଇ ସତ୍କାର କରିଥିଲେ, ସେ ବୁଢାଟି ଏହିଁ ଯୁବତୀର ପିତା ।

ସେ କଥା ନିଶ୍ଚୟ ତୋର ମନେ ଥିବ ।

ଅସହାୟ ଅବସ୍ଥାରେ ବାପ ଝିଅ ଦୁଇଟି ଜୀବନର ସନ୍ଧି-କ୍ଷଣରେ ପଡ଼ିଥିଲେ ମୁଁ ମୋର କର୍ତ୍ତବ୍ୟ ପାଳନ କରି ମନରେ ସାହସ ବାନ୍ଧି ସୁଦୂର ପଲ୍ଲୀରୁ ନେଇ ଆସିଥିଲି କଟକ । ରୋଗ-ଗ୍ରସ୍ତ ବୁଢାଟାକୁ ହସପାତାଳରେ ଛାଡ଼ିଥିଲି, ମରିଗଲା । ପାଖରେ ରହିଲା ରତନୀ । ତାକୁ ଜୀବନ ଦେଇ ଭଲ ପାଇ ଆସିଛି ମୁଁ । ଗୋଟିଏ ଦିନରୁ ସ୍ନେହର ନିବିଡ଼ ବନ୍ଧନରେ ବନ୍ଧା ସେ । କେମିତି ତାକୁ ଆଜି ଦୂରକୁ ଠେଲି ଦେଇ ଏତେ ବଡ଼ କାମଟା କରିବି ନିର୍ମଳ ? ଏଇଥି ପାଇଁ ଗ୍ରାମ ସାରା ମୋର ଦୁର୍ନାମ ରଟିଛି । କିଏ କେତେ ପ୍ରକାର କହୁଛନ୍ତି । କୌଣସି କଥାରେ କାନ ଦେଇନାହିଁ ।

କିନ୍ତୁ ଯେତେବେଳେ ବାପାଙ୍କର ଅତ୍ୟାଚାର ଅସହ୍ୟ ହୋଇପଡ଼ିଲା-ମୁଁ ଆଉ ଧୈର୍ଯ୍ୟ ଧରି ରହି ପାରିଲି ନା ନିର୍ମଳ । ଅନ୍ୟାୟକୁ କିପରି ମୁଁ ବରଦାସ୍ତ କରିବି ?

ତେଣୁ ବାହାରି ଆସିଲି ଘରୁ । ବାପା ମୋର ବିବାହର ସମସ୍ତ ଆୟୋଜନ କରି ସାରିଥିଲେ, ମୁଁ ତାଙ୍କୁ ଅନିଚ୍ଛା ପ୍ରକାଶ କରି କହିଲି ବିବାହ କରିବି ନାହିଁ । ଏଣୁ ମୋତେ ବିଶେଷ କିଛି ନ କହି ଲୋକ ପଠାଇ ଅତ୍ୟାଚାର କରି ବସିଲେ, ନିରୀହ ଗରିବ ପ୍ରଜା ସପନା ଉପରେ । ଯାହା କଥା ପର୍ବରୁ ତୋତେ ମୁଁ କହିଲି । ପୋଡ଼ି ଜାଳି ଦେଲେ ତାର ଘର—ଅତ୍ୟାଚାର ଅସହ୍ୟ ହୋଇ ପଡ଼ିଲା । ସେତେବେଳେ ସପନା ରୋଗଶଯ୍ୟାରେ ପଡ଼ିଥାଏ । ରତ୍ନମାର ବିପଦ କହିଲେ ନ ସରେ, ଯାହାକୁ ମୁଁ ଅନ୍ତର ଦେଇ ଭଲ ପାଇ ଆସିଛି-ସେ ସୁନ୍ଦର ହେଉ ବା କୁତ୍ସିତ ହେଉ, ମୋର ସେ ଆପଣାର । ବାପାଙ୍କ ବିରୁଦ୍ଧରେ ଛିଡ଼ା ହୋଇ ମୋର କିଛି କରିବାର ଶକ୍ତି ନଥିଲା । ଦୁନିଆରେ ଏପରି ଅତ୍ୟାଚାର ଚାଣ୍ଡାଳ ମଧ୍ୟ କରିବ ନାହିଁ । ସବୁ ଧନ-ସମ୍ପଦକୁ ତୁଚ୍ଛମନେ କରି ଦୁଇଟି ଅସହାୟ ପ୍ରାଣୀକୁ ବଞ୍ଚାଇବା ପାଇଁ ଅଥଳ ଦରିଆକୁ ଲମ୍ଫ ଦେଲି । ଈଶ୍ୱରଙ୍କ ଉଦ୍ଦେଶ୍ୟ ଭିନ୍ନ ଟଗୋଟିଏ ଚାଲିଗଲା ।
ପାଇଲି କେବଳ ରତ୍ନମାକୁ ।

କୁନବାବୁ ଆଉ କିଛି କହି ପାରିଲେ ନାହିଁ । କଣ୍ଠ ତାଙ୍କର ବାଷ୍ପରୁଦ୍ଧ ହୋଇଗଲା ।
ନିର୍ମଳ ଦୀର୍ଘ ନିଶ୍ୱାସ ପକାଇ କହିଲା—

“ସବୁ ବୁଝି ପାରିଲି କୁନ ସବୁ ବୁଝି ପାରିଲି ।” ତୋ ଜୀବନର ଏ ଗୋଟାଏ ପରୀକ୍ଷା ବୋଲି ଧରି ନେ ।

ଆଦର୍ଶ ହେବାକୁ ହେଲେ ବହୁ ବିପଦର ସମ୍ମୁଖୀନ ହେବାକୁ ପଡ଼ିବ ।

ତେବେ ଆଜି ଏ ଯେଉଁ ମୁହୂର୍ତ୍ତ ଉପସ୍ଥିତ, ବାପା ତୋର ରୋଗ ଶଯ୍ୟାରେ—ରାଗ ଅଭିମାନ ଗର୍ବ ଏ ସବୁ ତୋର ଯାହାଙ୍କ ପାଇଁ ମନ ଗହ୍ୱରରେ ଜମାଟ ବାନ୍ଧିଛି, ତାକୁ ଦୂର କରିଦିଏ, ନିର୍ମଳ ହୃଦୟ ନେଇ ବାପାଙ୍କୁ ତୋର ଥରେ ଦେଖାକର ।

କଣ ଭାବୁଛୁ ଏତେ କୁନ ?

ଭାବନା ମନରୁ ତୋର ପୋଛି ପକା ।

କହ—ଘରକୁ କେବେ ଫିରୁ ?

ମୋତେ ଟିକେ ଭାବିବାକୁ ସମୟ ଦିଏ ନିର୍ମଳ ।

ଭାବିବୁ ଆଉ କଣ ?

ତୋ ଠାରୁ ପୂର୍ଣ୍ଣ ପ୍ରତିଶ୍ରୁତି ନେବାକୁ ମୁଁ ଆସିଛି, ବାହାରେ ତେଣେ ଶ୍ରୀଧର ବାବୁ ବସିଛନ୍ତି । ତୁ ଘରକୁ ଫିରୁ କି ନାହିଁ ?

ହଁ ଫିରିବାକୁ ତ ହେବ ନିର୍ମଳ । ବାପାଙ୍କର ଅସୁସ୍ଥତା ଶୁଣି ମନଟା ଆଦୌ ସ୍ଥିର ହେଉନି ।

ସତେ ନିର୍ମଳ ! ଶ୍ରୀଧର ବାବୁ ବାହାରେ ଛିଡ଼ା ହୋଇଛନ୍ତି ।

ନିର୍ମଳ ଟିକେ ମୁରୁକି ହସାଦେଇ କହିଲା, "ନା କୁନ ।"

ଶ୍ରୀଧର ବାବୁ ଆସି ନାହାନ୍ତି, ତାଙ୍କ ଆସିବା ନ ଆସିବାରେ କିଛି ନାହିଁ । ତୁ କାଲି ବିଳମ୍ବ ନ କରି ଶୀଘ୍ର ଘରକୁ ଚାଲି ଯା ।

ମୋ କଥା ମାନ ।

ଅଚ୍ଛା ନିର୍ମଳ—

ତୁ କହି ପାରିବୁ କି ? ନବକୁମାର କଟକ ଆସିଥିଲା, ଘରକୁ ଫେରି ଗଲାଣି ନା ଅଛି ?

ନବ କୁମାର ଘରକୁ ଫେରିଗଲଣି । ଶ୍ରୀଧର ବାବୁ ତୋ ବାପାଙ୍କ ନିକଟକୁ ତା ହାତରେ ଖବର ପଠାଇ ଦେଇଛନ୍ତି ଏହି ଆଠ ଦଶ ଦିନ ଭିତରେ ତୋତେ ସେ ସାଙ୍ଗରେ ନେଇ ଘରେ ପହଞ୍ଚିବେ ।

ସତେ ନା ?

ହଁ, ହଁ, ତାହାହିଁ ସେ କରିବେ । ତୁ ଜଣ ଜାଣୁନା—

ଡ଼ି, ଏସ୍, ପି, ମାନେ ଯେଉଁ କାମରେ ହାତ ଦିଅନ୍ତି ସେ କାମ ଶେଷ ନ କରିବା ଯାଏ ଛାଡନ୍ତି ନାହିଁ, ବରଂ ତା ଆଗରୁ ତୋର ଚାଲିଯିବା ଉଚିତ ।

—ନିର୍ମଳ ତୁ ଏତେ ଗୁଡ଼ାଏ ଖବର ପାଇଲୁ କେମିତି ?

ଶ୍ରୀଧର ବାବୁଙ୍କ ତ ଜାଣୁ ସେ ଡ଼ି, ଏସ, ପି ମଣିଷ । ତାଙ୍କ ପାଖରେ ଗୋପନ କିଛି ରହି ହୁଏ ନା ।

ତୁ ତାଙ୍କୁ ମୋର ସବୁ କଥା ଗୁଡାକ କହି ଦେଇଛୁ ନା ?

ନିର୍ମଳ ହସିଲା ।

କୁନବାବୁ ମୁରୁକି ହସାଦେଇ କହିଲେ, "ତୋତେ ଆଉ ବଳ ନାହିଁ ନିର୍ମଳ ।"

ମୋତେ ବଳ ତୋର ନାହିଁ—ମୁଁ ଜାଣିଲି । ତୋତେ ବଳ କାହାର ଅଛି କହନା ? କାଲି ତୁ ନିଶ୍ଚୟ ଘରକୁ ଯାଉଛୁ ତ ?

କୁନବାବୁ ମଉନ ରହି କିଛିକ୍ଷଣ ଭାବି ଦୀର୍ଘ ନିଶ୍ୱାସ ପକାଇ କହିଲେ —ହଁ ଯିବି ।

ନିର୍ମଳ ଖୁବ୍ ସକାଳୁ ଚାଲି ଆସି ଥିବାରୁ ଶୀଘ୍ର ଘରକୁ ଫେରି ଗଲା ।

ରାସ୍ତାରେ ଯାଉଁ ଯାଉଁ ନିର୍ମଳ ଭାବିଲା ଯା ହେଉ କୁନକୁ ସେ ମଙ୍ଗାଇ ପାରିଛି—ଏହାହିଁ ତା ପକ୍ଷରେ ଯଥେଷ୍ଟ । ଜଣେ

ବନ୍ଧି, ରାଗ ଅଭିମାନରେ ଘରୁ ଚାଲି ଆସିଛୁ । ସବୁବେଳେ କଣ ଏହିପରି ରହିଥିବ ?

କୁନବାବୁ ବ୍ରସ୍‌ଟା ନେଇ ଦାନ୍ତ ମାଜୁ ମାଜୁ ରଜନୀକୁ ପାଖକୁ ଡାକିଲେ ।

କାହିଁକି ଡାକୁଛ ?

ଆଜି ଆମ ଗ୍ରାମକୁ ଯିବା ।

ରଜନୀ ନୀରବ ।

କିଛି କହୁ ନାହଁ ଯେ ।

କଣ କାନ୍ଦୁଛ !

କାନ୍ଦ କାହିଁକି ? କେଉଁଠି ଅପରାଧ କରିଛି କି ? ମୋ ଉପରେ ରାଗିଛ ? ଅଭିମାନ କରିଛ ନିଶ୍ଚୟ ?

—ନା-ମୁଁ ତମ ଉପରେ ରାଗି ନାହିଁ—ଅଭିମାନ କରି ନାହିଁ ।

ତେବେ କାନ୍ଦୁଛ ?

ରଜନୀ ନିର୍ମଳର କହିବା, କଥା ଗୁଡ଼ାକ ସେ ପାଖ ଘରେ ଥାଇ ଶୁଣିଛି । ଏଣୁ ମନରେ ତାର କେତେ ପ୍ରକାର ଭାବନା ଖେଳି ବୁଲୁଛି—ନାନା କଥା ମନରେ ପଡ଼ି ଯାଉଛି; ଧୈର୍ଯ୍ୟ ଧରି ରହି ପାରୁନି ସେ ଆପଣା କପାଳକୁ ନିନ୍ଦି ଆଖିରୁ ଲୁହ ଗଡ଼ାଉଛି । ଗାଧୋଇ ଆସି ଦେହରୁ ଓଦା ଲୁଗା ପାଲଟି ନାହିଁ ମଧ୍ୟ । କୁନବାବୁ ରଜନୀର କାନ୍ଦିବାର ଅର୍ଥ କିଛି ବୁଝି ପାରିଲେ ନାହିଁ । ଦାନ୍ତ ମଜା ସରିଲା । ଦାଆଳ ପାଖକୁ ଲଗିଥିବା ଚେୟାର ଖଣ୍ଡି ଟାଣି ଆଣି ବସିଲେ ସେ ।

ରଜନୀ ଚା' ତିଆର କରି ଆଣି ଦେଲା ।

କୁନବାବୁ ଚା କପ୍‌ଟା ଧରୁ ଧରୁ ରଜନୀ ମୁହଁକୁ ଚାହିଁଲେ ସତେ ଯେପରି ସଜ ଗୋଲାପ ଫୁଲଟି ପ୍ରଚଣ୍ଡ ଖରାର ତାପ ସହି ନ ପାରି ଝାଉଁଳି ପଡ଼ୁଛି ।

ପାଖକୁ ଆଉଜାଇ ଆଣିଲେ ତାକୁ ।

କହ—କହ ରଞ୍ଜନୀ ? କାହିଁକି ତୋ ଆଖିରେ ଅଜାଲୁହ ?

କାନ୍ଦଣା ମିଶ୍ରିତ ଗଳାରେ ରଞ୍ଜନୀ କହିଲା, "ତମେ ଘରକୁ ଫେରିଯାଅ କୁନବାବୁ ।" ବାପା ତୁମର କେତେ ଯେ କଷ୍ଟ ନ ଭୋଗୁଥିବେ ! ତୁମ ପାଇଁ ସେ ରୋଗ ଶଯ୍ୟାରେ ପଡ଼ି ଆଖିରୁ ଲୁହ ଖାଲି ଢାଳୁଥିବେ ।

ତାହେଲେ ତୁ କ'ଣ ଯିବୁନି ରଞ୍ଜନୀ ?

ମୁଁ ଆଉ କାହିଁକି ଯିବି କୁନବାବୁ ? ପୋଡ଼ା ଜୀବନଟାକୁ ନେଇ ଦେଖାଇବି ପୁଣି କାହିଁକି ? ପୋଡ଼ିଗଲା ଚଅଣରେ ସ୍ୱାଦ ଯେପରି ନଥାଏ ମୋ ଜୀବନଟାବି ସେଇମିତି ।

ସେଦିନ କଥା ଆଜି ମୋର ମନେ ପଡ଼ିଲେ ଦେହ ଥରି ଉଠୁଛି—ବାପଟା ମୋର ରୋଗ ବିଛଣାରେ ପଡ଼ିଥାଏ, ବାଡ଼ ଅଠଟା ! ସାହା ଭରସା କେହି ନ ଥାନ୍ତି, ମୋ ଉପରେ ଯେଉଁ ଅତ୍ୟାଚାର କରିଗଲା, ଶେଷରେ ମୋତେ ଘର ଭିତରେ ପୂରାଇ ଘରେ ନିଆଁ ଲଗାଇ ଦେଲେ, ସେଇଦିନ ଠାରୁ ମୁଁ ବଞ୍ଚିରହି-ନାହିଁ କୁନବାବୁ । ବଞ୍ଚି ରହିଛି ମୋର କାଠ ପାଷାଣ ଏହି ସଡ଼ାସୁଢ଼ା ଶରୀରଟା ।

ଲାଞ୍ଛନା ଅପବାଦ ମୁଣ୍ଡାଇବାକୁ କାହିଁକି ଆଉ ଯିବି ଅଭିଶପ୍ତ ପରି—କଟା ଘାରେ ଚୂନ ଦେଲେ, ଯନ୍ତଣା ହେବ ଖାଲି । ଲୋକ ହସିବେ । ତୁମେ ଘରକୁ ଯାଅ ।

କ'ଣ ମୁଁ ଯିବି ? ମୁଁ ତ ନିଶ୍ଚୟ ଯିବି—ମୋ ସହିତ ତୋତେ ମଧ୍ୟ ଯିବାକୁ ପଡ଼ିବ । ଜାଣୁତ କାୟା ଛାୟାକୁ ଛାଡ଼ି ରହି ପାରେ ନା, ଛାୟା କାୟାକୁ ଛାଡ଼ି ମଧ୍ୟ ରହି ପାରେନା । ଏ ବଜିନର

ମୋହ, ବନ୍ଧନର ମାୟା । ତୋରି ପାଇଁ ଆଜ ମୋ ଜୀବନରେ ବଡ଼ଟ ପରିବର୍ତ୍ତନ ।

ତୁ ଅପବାଦକୁ ଡରୁଛୁ ? ଲୋକେ ଅପବାଦ ଦେବେ । ନିନ୍ଦା କରିବେ କାହିଁକି ? କେଉଁଥିପାଇଁ ?

ଅପରାଧଟା କଣ ?

ଏ ଚିନ୍ତା ଖାଲି ବୃଥା—ଖାଲି ବାଜେ-ଗୋଟାଏ ଖିଆଲ । କିଏ ତୋର ନିନ୍ଦା ରଟନା କରିବ ? ଦେଖିବି ମୁଁ ।

ସର୍ବଗ୍ରାସୀ ସଇତାନ ହୋଇ ଯେଉଁମାନେ ତୋ ପ୍ରତି ଅତ୍ୟାଚାର କରିଛନ୍ତି,ତାଙ୍କୁ କି ଶାସ୍ତି ଦେବି-ଦେଖିବୁ ରତନୀ ।

ମୋ କଥା ମାନ । ପଛ କଥା ଗୁଡ଼ା ଭୁଲିଯା । ଆଗକୁ କ'ଣ କରିବା ସେଇ ଚିନ୍ତା କର ।

କୁନବାବୁ ଏଇ ଭାବନାରେ ଅସ୍ଥିର ହୋଇ ପଡ଼ିଲେ ।

ରତନୀ ! ଏଇଯେ ଘଡ଼ିରେ ଆସି ନଅଟା ବାଜିଲାଣି, ଏଗାରଟାରେ ଗୋଟାଏ ଗାଡ଼ି ଆସିବ । ଆମକୁ ସେଇ ଗାଡ଼ିରେ ଯିବାକୁହିଁ ହେବ ।

ଶୀଘ୍ର ତୋର ଲୁଗାପଟା ଟ୍ରଙ୍କରେ ସଜାଇ ରଖି ଆବଶ୍ୟକ ଜିନିଷ ଗୁଡ଼ି ବାହାର କରି ବାହାରେ ରଖ ।

ରତନୀ ଚମକି ପଡ଼ିଲା । ମୁହଁଟା ତାର ଶୁଖି ଗଲା ।

ସତେ କଣ ତାକୁ ଗ୍ରାମକୁ ଯିବାକୁ ହେବ ?

କିପରି ସେ ଗ୍ରାମ ଲୋକଙ୍କୁ ନିଜ ମୁହଁ ଯାଇ ଦେଖାଇବ ? ଚିନ୍ତାର ଭୟାଳ ମୂର୍ତ୍ତି ଆଖି ସାମନାରେ ତା'ର ନାଚି ଗଲା । ଚିନ୍ତା—କେବଳ ଚିନ୍ତା ।

+ + +

କଟକ ଷ୍ଟେସନ କୋଳାହଳରେ କମ୍ପି ଉଠୁଛି । ଗାଡ଼ି ଆସିବାକୁ ଅଧଘଣ୍ଟାଏ ଡେରି ଥାଏ ଯାତ୍ରୀ ଗୁଡ଼ାକ ପ୍ଲାଟଫର୍ମ ଏପଟ ସେପଟ ଜମା ହୋଇ ଥାନ୍ତି । ସେହି ଯାତ୍ରୀ ମାନଙ୍କ ଗହଳ ଭିତରେ ଦୁଇଟି ଯୁବକ ଯୁବତୀ । ମୁଖରେ ମଳିନତାର ଚିହ୍ନ । ତାଙ୍କ ପାଖକୁ ଆଉ ଜଣେ ଯୁବକ ଲାଗି ଲାଗି ଛିଡ଼ା ହୋଇଛନ୍ତି । ମନେ ହୁଏ ତାଙ୍କର କେହି ଜଣେ ଆତ୍ମୀୟ । ବିଦାୟ ଦେବାପାଇଁ ଷ୍ଟେସନକୁ ଧାଇଁ ଆସିଛି ।

ଉକ୍ତ ଯୁବକ ଯୁବତୀ ଆମ ପରିଚିତ କୁନବାବୁ ଏବଂ ରଜନୀ ତାଙ୍କୁ ପାହ୍ୟେଚି ଦେବାକୁ ତାଙ୍କ ସଙ୍ଗରେ ଆସିଛି ନିର୍ମଳ । ଦେଖୁ ଦେଖୁ ଗାଡ଼ିଟା ଆସି ପହଞ୍ଚିଗଲା ଷ୍ଟେସନରେ । ଯାତ୍ରୀ ଗୁଡ଼ାକ ଧରାପରା ହୋଇ ଯେ ଯେଉଁଠି ବସି ପଡ଼ିଲେ । କ୍ଷଣକ ଭିତରେ ଷ୍ଟେସନଟା ହୋ ହୋ କମ୍ପି ଉଠିଲା ।
ଆଉ ଡେରିକାହିଁକି କୁନ— ?
ଯାଅ—ଗୋଟାଏ ଡବାରେ ବସିପଡ଼ ।
କୁନବାବୁ ଭିଡ଼ନଥିବା ଗୋଟାଏ ହାଲୁକା ଡବା ଦେଖି ରଜନୀକୁ ନେଇ ବସାଇଲେ—ନିଜେ ବସିଲେ ।
ଗାଡ଼ି ଛାଡ଼ି ଦେବାର ସମୟ ହୋଇ ଗଲାଣି । ନିର୍ମଳ ଗାଡ଼ିର ରେଲିଂ ଧରି କୁନବାବୁଙ୍କୁ ବିଦାୟ ସମ୍ଭାଷଣ ଜଣାଉଛି ।
ଗାଡ଼ିଟାର ଚକଟାଳ ହୁଇସିଲ ବାଜି ଉଠିଲା ।
ଯେ ଯେଉଁଠିଥିଲେ ସମସ୍ତେ ଗାଡ଼ି ଭିତରେ ପଶିଲେ ।
ଧୀରେ ଧୀରେ ଗାଡ଼ି ଚାଲିଲା ।
ଅଭିବାଦନ ଜଣାଇ ନିର୍ମଳ ଘରକୁ ବାହୁଡ଼ିଲା ।

ଗାଡ଼ି ଦ୍ରୁତ ଗତିରେ ଧାଇଁଲା କଟକ ଷ୍ଟେସନକୁ ପଛରେ ପକାଇ ।

## —ପନ୍ଦର—

ଜରର ପ୍ରକୋପ ବଢ଼ି ଯାଇଛି ।

କାଲି ଅପେକ୍ଷା ରୋଗୀର ଅବସ୍ଥାଟା ଭଲ ନୁହେଁ କହୁଲେ— ଡାକ୍ତର ବାବୁ । ଇନ୍‌ଜେକ୍‌ସନ, କେବଳ ଇନ୍‌ଜେକ୍‌ସନ । ଦେହ ହାତ ପରାଶ ହୋଇ ଗଲଣି ରୋଗୀର । ଡାକ୍ତର ବାବୁ ପୁନର୍ବାର ସିରିଞ୍ଜିରେ ଔଷଧ ପୂରାଇ ଇନ୍‌ଜେକ୍‌ସନ ଦେଲେ । ଯନ୍ତ୍ରଣାରେ ଚିତ୍କାର କରୁଥାନ୍ତି ମର୍ଦ୍ଦରାଜ ବାବୁ । ଦିନ ରାତି ଡାକ୍ତର ଖାଡ଼ା ପହରା ରହୁଥାନ୍ତି । କାଳେ କେଉଁ କଥା । ପ୍ରତି କ୍ଷଣକ୍ଷଣକେ ରୋଗୀର ଚିତ୍କାର । ରୋଗୀର କରୁଣ ଅବେଦନ । ଟୋପାଏ ଜଳ । ତାଙ୍କ ପାଖକୁ ଲାଗି ଲାଗି ବସି ଥାନ୍ତି, ସ୍ୱର୍ଣ୍ଣମଞ୍ଜରୀ ଦେବୀ । ଝିଅ ଜ୍ୟୋତ୍ସ୍ନା, ପ୍ରତିଭା, ମିନା ।

ବେଳେ ବେଳେ ସ୍ୱପ୍ନ ଦେଖି ଚମକି ପଡ଼ିଲା ପରି ଚିତ୍କାର କରୁ ଥାନ୍ତି, ମର୍ଦ୍ଦରାଜ ବାବୁ । କୁନର ସେହି ପ୍ରତି ଛବି ନାଚି ଯାଉ ଥାଏ ତାଙ୍କ ଆଖି ଆଗରେ । ରୋଗର ଯନ୍ତ୍ରଣା ଭୁଲି ଯାଇ, କୁନ ମୋର କୁନ-ଫେରିଆ ବାପ ! ମୁଁ ଥରେ ମାତ୍ର ତୋତେ ଦେଖେ । ବଳବଳେଉ ଥା'ନ୍ତି ।

ଡାକ୍ତର ସତର୍କ କରି ନୀରବ ରହିବାକୁ ନିର୍ଦ୍ଦେଶ ଦେଉଥାନ୍ତି । ପୁଣି ସେହି ଚିତ୍କାର । ପୁଣି ସେହି କରୁଣ ଅବେଦନ ଟୋପାଏ ପାଣି ।

ଅବସ୍ଥାଟା ନିହାତି ଖରାପ ଦେଖି ସ୍ୱପ୍ନମଞ୍ଜରୀ ଧୈର୍ଯ୍ୟ ହରାଇ ବସିଲେଣି । ବିରାଟ ଜମିଦାରୀ କପରି ରକ୍ଷଣାବେକ୍ଷଣ ହେବ, ଏହି ଚିନ୍ତାରେ ମ୍ଳାନ ତାଙ୍କର ହଜି ଗଲାଣି ।

ଔଷଧ ଖୁଆଇବାର ସମୟ ହେଲା । ଡାକ୍ତର ରୋଗୀକୁ ଔଷଧ ପିଆଇଲେ ।

ଅଳ୍ପକ୍ଷଣ ମଧ୍ୟରେ ଭଲ କରି ବାନ୍ତି ହେଲା । ତା ସଙ୍ଗେ ସଙ୍ଗେ ଖାଇଥିବା ଔଷଧ ଗୁଡ଼ାକ ପଡ଼ିଗଲା ।

ଡାକ୍ତର ମୁଣ୍ଡ ହଲାଇ କହିଲେ, "ରୋଗୀର ଅବସ୍ଥା ଆଜି ନିହାତି ଖରାପ ।" ଟେଥିସ୍କୋପଟା ଛାତିରେ ତାଙ୍କର ଲଗାଇଲେ । କଣ ବୁଝିଲେ କେଜାଣି ମୁଣ୍ଡ ହଲାଇ ଡାକ୍ତର ବାବୁ କହିଲେ, ସ୍ୱପ୍ନମଞ୍ଜରୀ ଦେବୀ, ତୁମେ ରୋଗୀ ପ୍ରତି ଦୃଷ୍ଟି ଦେଇଥାଅ ମୁଁ ଡିସ ପେନସରୀରୁ ଆଉ କେତେକ ଔଷଧ ନେଇ ଆସୁଛି ।

ମର୍ଦ୍ଦରାଜ ବାବୁ ଗୋଟାଏ କଣ ଦୁଃସ୍ୱପ୍ନ ଦେଖି ଚିତ୍କାର କରି ଉଠିଲେ । ତାଙ୍କର ଏପରି ବିକଟାଳ ଚିତ୍କାର ଶୁଣି ଝିଅ ଗୁଡ଼ିକ କାନ୍ଦି ଉଠିଲେ । ସ୍ୱପ୍ନମଞ୍ଜରୀ ଦେବୀ ମର୍ଦ୍ଦରାଜ ବାବୁଙ୍କ ଖଟ ପାଖକୁ ଯାଇ ତାଙ୍କ ପିଠିରେ ହାତ ବୁଲାଉ୨ କହିଲେ, ଏମିତି କାହିଁକି ହେଉଛି ?

ଅସ୍ପଷ୍ଟ ଗଳାରେ ମର୍ଦ୍ଦରାଜବାବୁ କହିଲେ, ମୁଁ ଗୋଟାଏ ସ୍ୱପ୍ନ ଦେଖିଲି ସ୍ୱପ୍ନମଞ୍ଜରୀ—କି ଭୟଙ୍କର ସେ ଦୃଶ୍ୟ । ଆଉ ବଞ୍ଚି ପାରିବି ନାହିଁ । ଏ ସବୁ ମୋ ଅନ୍ୟାୟର ଶାସ୍ତି । ଉପଯୁକ୍ତ ଶାସ୍ତି—ସ୍ୱପ୍ନମଂଜରୀ ।

ଗୁଡ଼ାଏ ଶବଳକାୟ ଲୋକ ମୋର ଦୁଇ ବାହୁ ଟାଣି ଜଳନ୍ତା ଅଗ୍ନିକୁ ମୋତେ ପୋଡ଼ି ଦେଉଛନ୍ତି । ମୁଁ ଅନୁନୟ, ବିନୟ

ହୋଇ ଯେତେ ପ୍ରାର୍ଥନା କରୁଛୁ, ସେମାନେ ଶୁଣୁ ନାହାନ୍ତି—କହୁଛନ୍ତି ଏ ତୁମ ଅନ୍ୟାୟର ପ୍ରତିକ୍ରିୟା—ଭୋଗ କରିବାକୁ ହେବ ତୁମକୁ ।

ଉଃ—ଆଉ ସହ୍ୟ କରି ପାରୁନାହିଁ । ମରିଗଲି—କି ଯନ୍ତ୍ରଣା ସ୍ୱପ୍ନ ମଂଜରୀ... ।

ମର୍ଦ୍ଦରାଜ ବାବୁଙ୍କ ଗଳା ରୁଦ୍ଧ ହୋଇ ଆସିଲା । ଆଉ କିଛି କହି ପାରିଲେ ନାହିଁ ।

ହାତ ଠାରି ପୁନରାୟ ମର୍ଦ୍ଦରାଜ ବାବୁ କହିଲେ, "ସ୍ୱପ୍ନ ମଂଜରୀ ।"

କୁନ କଣ ସତେ ଫେରି ଆସିଛି ?

କାହିଁ ମୋ ପାଖକୁ ତ ଆସୁନାହିଁ ?

ତୁମେ ଶୋଇ ରୁହ । ଏପରି ଆଉ ବ୍ୟସ୍ତ ହୁଅ ନାହିଁ । କୁନ ଆସିଯିବ ଯେ ।

ସତେ ! ସତେ ! କୁନ ଆସିବ ?

ଉଃ, କି ଯନ୍ତ୍ରଣା, ମରିଗଲି ! ସ୍ୱପ୍ନମଞ୍ଜରୀ ! ମରିଗଲି ।

ବାହାରେ କାହାର ଯୋତା ଠକ୍ ଠକ୍ ଶବ୍ଦ ଶୁଭିଲା । ସ୍ୱପ୍ନମଞ୍ଜରୀ ଦରଜା ପାଖକୁ ଧାଇଁ ଆସିଲେ । ଦେଖିଲେ, କୁନ କୋଟିଏ ପରି ଦରଜା ସାମନାରେ ଛିଡ଼ା ହୋଇଛି ତା ପଛକୁ ରତନୀ ।

ଗ୍ରାମର ଆବାଳ ବୃଦ୍ଧ ବନିତା ତାଙ୍କୁ ଦେଖିବା ପାଇଁ ରୁଣ୍ଡ ହୋଇ ଯାଇଛନ୍ତି ।

ମୋ କୁନକହ୍ନୁ ସ୍ୱପ୍ନମଞ୍ଜରୀ ଚିତ୍କାର କରି ଦରଜା ସାମନାରେ ପଡ଼ିଗଲେ ।

ଝର ଝର ହୋଇ କୁନ ବାବୁଙ୍କ ଆଖିରୁ ଲୁହ ଝରି ପଡ଼ିଲା ।

ସ୍ୱପ୍ନମଞ୍ଜରୀ ତଳୁ ଉଠି କୁନବାବୁଙ୍କ ପିଠି ଆଉଁସୁ ଆଉଁସୁ କହିଲେ, ବାପ ! ଏତେ ଦିନ ଯାଏ କେମିତି ଭୁଲି ରହିଥିଲୁ ? ଆଉକିଛି ନକହି ପାରି ଛଳ ଛଳ ଆଖିରେ କୁନବାବୁ ତଳକୁ ମୁହଁ ପୋତି ରହିଲେ ।

ସ୍ୱପ୍ନ ମଂଜରୀ ଦେବୀ ରଜନୀର ପିଠି ଆଉଁସି ଦେଇ କହିଲେ, ମୋ ମାଆଟି ! କେତେ ଦୁଃଖ ନ ପାଇଛୁ ଜୀବନ ଭରି ।”

ଚାଲ ତୁହେଁ ଘରକୁ ଚାଲ ।

କୁନବାବୁ ରୁମାଲ ଦେଇ ଆଖିରୁ ଲୁହ ପୋଛୁ ପୋଛୁ କହିଲେ, ବାପା କିପରି ଅଛନ୍ତି ?

ବାପାଙ୍କ ଅବସ୍ଥା ଅତି ଶୋଚନୀୟ କୁନ । ତୋତେ ସବୁବେଳେ ଖୋଜୁଛନ୍ତି ଦେଖିବା ପାଇଁ ।

କୁନବାବୁ ବାପାଙ୍କ ଶୋଇଥିବା ପଲଙ୍କ ପାଖକୁ ଯାଇ ଦେଖିଲେ, ବାପାଙ୍କର ଆଉ ଅବସ୍ଥା ନାହିଁ, ଦେହର ମାଂସ ଗୁଡ଼ାକ ହାଡ ସାଙ୍ଗରେ କେଉଁଆଡ଼େ ମିଳାଇ ଗଲାଣି । ଆଖି କୋଟରଗତ । ମୁଖରୁ କଥା ବାହାରି ପାରୁନି । କାନ୍ଦ ପକା-ଇଲେ କୁନ ବାବୁ ।

ବାପା—ବାପା ଆଖି ଖୋଲି ଚାହଁଥରେ । ମୁଁ କୁନ ଆସିଛି ତମ କୁନ । କିଛି କ୍ଷଣପରେ ଚେତନା ଆସିଲାରୁ ମର୍ଦ୍ଦରାଜ ବାବୁ ଆଖି ଖୋଲି ଥରେ ଅନାଇ ଦେଲେ ।

କ୍ଷୀଣ କଣ୍ଠରୁ ତାଙ୍କର ବାହାରି ପଡ଼ିଲା ଥରେମାତ୍ର ବାପା କୁନ । ଏତେ ଦିନ ପରେ ଆସିଲୁ ??

—ତୋତେ ଦେଖିବା ପାଇଁ ଏତେ ସମୟ ବଞ୍ଚି ରହିଛି ବାପ ! ମୋର ସମୟ ଶେଷ ହୋଇ ଆସିଲା । ଆଉ କିଛି କହି ପାରିଲେ ନାହିଁ, ଗଳା ତାଙ୍କର ବନ୍ଦ ହୋଇଗଲା, ଭେଁ ଭେଁ ହୋଇ କାନ୍ଦି ଉଠିଲେ ସମସ୍ତେ । ହାତଠାରୁ କାନ୍ଦିବାକୁ ବାରଣ କଲେ ସେ । ଶେଷ ଥରପାଇଁ ମର୍ଦ୍ଦରାଜ ବାବୁ ରତ୍ନମାଙ୍କୁ ହାତ ଠାରି ପାଖକୁ ଡାକି ଅସ୍ପଷ୍ଟ ଗଳାରେ କହିଲେ, ମାଆ ରତ୍ନମା ! ତୁ ଦେବୀଟିଏ ରହ ମୋର । ତୋର ପରଶରେ ଏ ସୁନାର ସଂସା-ରଟି ହସିଉଠୁ ।

ବାପା କୁନ ତୋର ଉଦ୍ଦେଶ୍ୟ ସଫଳ ହେଉ । ତୁ ରତ୍ନମାକୁ ନେଇ ସୁଖ ଶାନ୍ତିରେ ଘର ସଂସାର କରି ରହ । ଦୁନିଆ ତୋର ହସି ଉଠୁ ଏହି ମୋର ଅନ୍ତିମ ଶୁଭେଚ୍ଛା ।

ଦୁହିଁଙ୍କ ହାତ ମର୍ଦ୍ଦରାଜ ବାବୁ ତାଙ୍କ ଛାତି ଉପରେ ଚାପି ରଖି ଆଖି ବୁଜି ଦେଲେ ।

ସମସ୍ତ ନୀରବ...... ।

ଜମିଦାରଙ୍କ ଘରୁ କନ୍ଦନର ରୋଳ ଭାସି ଉଠିଲା ।

* ଶେଷ *